## ପୌର ନିର୍ବାଚନ: ଅଧ୍ୟକ୍ଷ ଚିଠା ସଂରକ୍ଷଣ ତାଲିକା

| ମ୍ୟୁନିସିପାଲିଟି/ଏନ୍ଏସି | | ସଂରକ୍ଷଣ |
|---|---|---|
| ଚାନ୍ଦବାଲି | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ବିଜେପୁର | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ରେମୁଣା | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ଦଶପଲ୍ଲା | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ପାରଳାଖେମୁଣ୍ଡି | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି ମହିଳା |
| ପଦ୍ମପୁର | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ନୀଳଗିରି | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ତରଭା | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| ପୋଲସରା | ଏନ୍ଏସି | ଅନୁସୂଚିତ ଜାତି ମହିଳା |
| କୋରାପୁଟ | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି |
| କବିସୂର୍ଯ୍ୟନଗର | ଏନ୍ଏସି | ଅନୁସୂଚିତ ଜାତି |
| ସୋର | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି |
| ଖଲ୍ଲିକୋଟ | ଏନ୍ଏସି | ଅନୁସୂଚିତ ଜାତି |
| ଝାରସୁଗୁଡ଼ା | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି |
| ବେଲଗୁଣ୍ଠା | ଏନ୍ଏସି | ଅନୁସୂଚିତ ଜାତି |
| ଜଟଣୀ | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି |
| ନବରଙ୍ଗପୁର | ମ୍ୟୁନିସିପାଲିଟି | ଅନୁସୂଚିତ ଜାତି |
| ବ୍ରଜରାଜନଗର | ମ୍ୟୁନିସିପାଲିଟି | ଅନୁସୂଚିତ ଜନଜାତି ମହିଳା |
| ଉମରକୋଟ | ମ୍ୟୁନିସିପାଲିଟି | ଅନୁସୂଚିତ ଜନଜାତି ମହିଳା |
| ଗୁଡ଼ାରୀ | ଏନ୍ଏସି | ଅନୁସୂଚିତ ଜନଜାତି ମହିଳା |
| ଆନନ୍ଦପୁର | ମ୍ୟୁନିସିପାଲିଟି | ଅନୁସୂଚିତ ଜନଜାତି ମହିଳା |
| ବ୍ୟାସନଗର | ମ୍ୟୁନିସିପାଲିଟି | ଅନୁସୂଚିତ ଜନଜାତି ମହିଳା |
| ବାଲିଗୁଡ଼ା | ଏନ୍ଏସି | ଅନୁସୂଚିତ ଜନଜାତି |
| ପାଟଣାଗଡ଼ | ଏନ୍ଏସି | ଅନୁସୂଚିତ ଜନଜାତି |
| ବିନିକା | ଏନ୍ଏସି | ଅନୁସୂଚିତ ଜନଜାତି |
| ଜି.ଉଦୟଗିରି | ଏନ୍ଏସି | ମହିଳା |
| କାଶୀନଗର | ଏନ୍ଏସି | ମହିଳା |
| କରଞ୍ଜିଆ | ଏନ୍ଏସି | ମହିଳା |
| ଗୁଣୁପୁର | ମ୍ୟୁନିସିପାଲିଟି | ମହିଳା |
| ଖରିଆର ରୋଡ୍ | ଏନ୍ଏସି | ମହିଳା |
| ବାସୁଦେବପୁର | ମ୍ୟୁନିସିପାଲିଟି | ମହିଳା |
| ଛତ୍ରପୁର | ଏନ୍ଏସି | ମହିଳା |
| ରମ୍ଭା | ଏନ୍ଏସି | ମହିଳା |
| ସୁନ୍ଦରଗଡ଼ | ମ୍ୟୁନିସିପାଲିଟି | ମହିଳା |
| ଉଦଳା | ଏନ୍ଏସି | ମହିଳା |
| ଚିକିଟି | ଏନ୍ଏସି | ମହିଳା |
| ବାଲେଶ୍ୱର | ମ୍ୟୁନିସିପାଲିଟି | ମହିଳା |
| ଟିଟିଲାଗଡ଼ | ମ୍ୟୁନିସିପାଲିଟି | ମହିଳା |
| ଜଗତ୍ସିଂହପୁର | ମ୍ୟୁନିସିପାଲିଟି | ମହିଳା |
| ଭଦ୍ରକ | ମ୍ୟୁନିସିପାଲିଟି | ମହିଳା |
| ଯାଜପୁର | ମ୍ୟୁନିସିପାଲିଟି | ମହିଳା |
| ଧାମନଗର | ଏନ୍ଏସି | ମହିଳା |
| ବରଗଡ଼ | ମ୍ୟୁନିସିପାଲିଟି | ମହିଳା |
| ପୁରୁଷୋତ୍ତମପୁର | ଏନ୍ଏସି | ମହିଳା |
| ନିମାପଡ଼ା | ଏନ୍ଏସି | ମହିଳା |
| ଭବାନୀପାଟଣା | ମ୍ୟୁନିସିପାଲିଟି | ମହିଳା |
| ବଲାଙ୍ଗୀର | ମ୍ୟୁନିସିପାଲିଟି | ମହିଳା |
| କେନ୍ଦ୍ରାପଡ଼ା | ମ୍ୟୁନିସିପାଲିଟି | ମହିଳା |
| ସୋନପୁର | ମ୍ୟୁନିସିପାଲିଟି | ମହିଳା |
| କୋଣାର୍କ | ଏନ୍ଏସି | ମହିଳା |
| ଆଠଗଡ଼ | ଏନ୍ଏସି | ମହିଳା |
| ଦେବଗଡ଼ | ମ୍ୟୁନିସିପାଲିଟି | ମହିଳା |
| ରଣପୁର | ଏନ୍ଏସି | ମହିଳା |
| ନୟାଗଡ଼ | ମ୍ୟୁନିସିପାଲିଟି | ମହିଳା |
| ଗଞ୍ଜାମ | ଏନ୍ଏସି | ମହିଳା |
| ଢେଙ୍କାନାଳ | ମ୍ୟୁନିସିପାଲିଟି | ମହିଳା |
| ଫୁଲବାଣୀ | ମ୍ୟୁନିସିପାଲିଟି | ମହିଳା |
| ଖୋର୍ଦ୍ଧା | ମ୍ୟୁନିସିପାଲିଟି | ମହିଳା |
| ବାଲୁଗାଁ | ଏନ୍ଏସି | ମହିଳା |
| ପୁରୀ | ମ୍ୟୁନିସିପାଲିଟି | ମହିଳା |
| କେନ୍ଦୁଝର | ମ୍ୟୁନିସିପାଲିଟି | ମହିଳା |
| ଖଣ୍ଡପଡ଼ା | ଏନ୍ଏସି | ମହିଳା |
| ଚୌଦ୍ୱାର | ମ୍ୟୁନିସିପାଲିଟି | ମହିଳା |
| ଆଠମଲ୍ଲିକ | ଏନ୍ଏସି | ମହିଳା |
| ବାଙ୍କୀ | ଏନ୍ଏସି | ମହିଳା |
| କୋଟପାଡ଼ | ଏନ୍ଏସି | ଅଣସଂରକ୍ଷିତ |
| ରାଇରଙ୍ଗପୁର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଜୁନାଗଡ଼ | ଏନ୍ଏସି | ଅଣସଂରକ୍ଷିତ |
| ଗୋପାଳପୁର | ଏନ୍ଏସି | ଅଣସଂରକ୍ଷିତ |
| ଜୟପୁର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| କୁଚିଣ୍ଡା | ଏନ୍ଏସି | ଅଣସଂରକ୍ଷିତ |
| ନୂଆପଡ଼ା | ଏନ୍ଏସି | ଅଣସଂରକ୍ଷିତ |
| ଭଞ୍ଜନଗର | ଏନ୍ଏସି | ଅଣସଂରକ୍ଷିତ |
| ବଡ଼ବିଲ | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ବାଣପୁର | ଏନ୍ଏସି | ଅଣସଂରକ୍ଷିତ |
| ବୀରମିତ୍ରପୁର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ସୋରଡ଼ା | ଏନ୍ଏସି | ଅଣସଂରକ୍ଷିତ |
| ରାୟଗଡ଼ା | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଦିଗପହଣ୍ଡି | ଏନ୍ଏସି | ଅଣସଂରକ୍ଷିତ |
| ଖରିଆର | ଏନ୍ଏସି | ଅଣସଂରକ୍ଷିତ |
| ବରପଲ୍ଲୀ | ଏନ୍ଏସି | ଅଣସଂରକ୍ଷିତ |
| ପଟ୍ଟାମୁଣ୍ଡାଇ | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଜଳେଶ୍ୱର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଧର୍ମଗଡ଼ | ଏନ୍ଏସି | ଅଣସଂରକ୍ଷିତ |
| ବାଲିମେଳା | ଏନ୍ଏସି | ଅଣସଂରକ୍ଷିତ |
| ରାଜଗାଙ୍ଗପୁର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଆସ୍କା | ଏନ୍ଏସି | ଅଣସଂରକ୍ଷିତ |
| କେସିଙ୍ଗା | ଏନ୍ଏସି | ଅଣସଂରକ୍ଷିତ |
| ବୁଗୁଡ଼ା | ଏନ୍ଏସି | ଅଣସଂରକ୍ଷିତ |
| ପିପିଲି | ଏନ୍ଏସି | ଅଣସଂରକ୍ଷିତ |
| ହିଞ୍ଜିଳିକାଟୁ | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଯୋଡ଼ା | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ବୌଦ୍ଧଗଡ଼ | ଏନ୍ଏସି | ଅଣସଂରକ୍ଷିତ |
| ଦୁଷୁରା | ଏନ୍ଏସି | ଅଣସଂରକ୍ଷିତ |
| କଣ୍ଟାବାଞ୍ଜି | ଏନ୍ଏସି | ଅଣସଂରକ୍ଷିତ |
| ରେଢ଼ାଖୋଲ | ଏନ୍ଏସି | ଅଣସଂରକ୍ଷିତ |
| ସୁନାବେଡ଼ା | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ବାରିପଦା | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| କୋଦଳା | ଏନ୍ଏସି | ଅଣସଂରକ୍ଷିତ |
| ଭୁବନ | ଏନ୍ଏସି | ଅଣସଂରକ୍ଷିତ |
| ବେଲପାହାଡ଼ | ଏନ୍ଏସି | ଅଣସଂରକ୍ଷିତ |
| କାମାକ୍ଷାନଗର | ଏନ୍ଏସି | ଅଣସଂରକ୍ଷିତ |
| ଚମ୍ପୁଆ | ଏନ୍ଏସି | ଅଣସଂରକ୍ଷିତ |
| ମାଲକାନଗିରି | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ତାଳଚେର | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ଅନୁଗୋଳ | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |
| ପାରାଦୀପ | ମ୍ୟୁନିସିପାଲିଟି | ଅଣସଂରକ୍ଷିତ |

# ଗୋରଖପୁରରୁ ଲଢ଼ିବେ ଯୋଗୀ

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟରେ ୧୦୭ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଗୋରଖପୁର ସହରାଞ୍ଚଳ ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ କୌଶମ୍ବିର ସିରଥୁ ଆସନରୁ ଲଢ଼ିବେ। ବୃହତ୍ ସଂଖ୍ୟାଗରିଷ୍ଠତା ସହ ଭାଜପା ପୁଣିଥରେ କ୍ଷମତାରେ ରହିବା ଲାଗି ଦୃଢ଼ ନିଶ୍ଚିତ ଥିବାବେଳେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୧୧୩ ଆସନ ମଧ୍ୟରୁ ୧୦୫ଟିରେ ପ୍ରାର୍ଥୀ ଦେଇଛି। ଫେବୃୟାରୀ ୧୦ ଏବଂ ୧୪ରେ ଏହିସବୁ ଆସନରେ ଭୋଟଗ୍ରହଣ ହେବ। ପ୍ରାର୍ଥୀଙ୍କ ମଧ୍ୟରୁ ୪୪ ଜଣ ପଛୁଆ ବର୍ଗର ହୋଇଥିବାବେଳେ ଅନୁସୂଚିତ ଜାତିରୁ ୧୯ ଜଣଙ୍କୁ ପ୍ରାର୍ଥୀ କରାଯାଇଛି। ତାଲିକାରେ ମନ୍ତ୍ରୀ ସୁରେଶ ଖାନ୍ନା, ସୁରେଶ ରାଣା, ଶ୍ରୀକାନ୍ତ ଶର୍ମାଙ୍କ ସମେତ ୬୩ ଜଣ ବିଧାୟକ ରହିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। ୨୦ ଜଣ ବିଧାୟକ ଅନ୍ୟମାନଙ୍କ ପାଇଁ ସ୍ଥାନ ଛାଡ଼ିଦେଇଛନ୍ତି। ସାଧାରଣ ବର୍ଗରୁ ୪୩ ଜଣ ପ୍ରାର୍ଥୀ ହୋଇଥିବାବେଳେ ସେଥିରେ ଠାକୁର ସମ୍ପ୍ରଦାୟର ୧୮ଜଣ, ୧୦ ବ୍ରାହ୍ମଣ ଏବଂ ୮ ବୈଶ୍ୟ ଅଛନ୍ତି। ଉତ୍ତରାଖଣ୍ଡର ପୂର୍ବତନ ରାଜ୍ୟପାଳ ତଥା ଭାଜପା ଉପାଧ୍ୟକ୍ଷ ବବିରାଣୀ ମୌର୍ଯ୍ୟଙ୍କୁ ଆଗ୍ରା (ଗ୍ରାମୀଣ) ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ପୁଅ ପଙ୍କଜ ସିଂ ନୋଇଡା ଆସନରୁ ଲଢ଼ିବେ।



ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଅଯୋଧ୍ୟାରୁ ପ୍ରାର୍ଥୀ ହେବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ମଥୁରା କିମ୍ବା ପ୍ରୟାଗରାଜରୁ ସେ ଲଢ଼ିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। ତେବେ ଦଳ ଯୋଗୀଙ୍କୁ ତାଙ୍କ ପାରମ୍ପରିକ ଆସନ ଗୋରଖପୁରରୁ ପ୍ରାର୍ଥୀ କରିବା ଲାଗି ନିଷ୍ପତ୍ତି ନେଇଥିବା ଧର୍ମେନ୍ଦ୍ର କହିଛନ୍ତି। ଏହି ଆସନରୁ ଯୋଗୀ ଲୋକ ସଭାକୁ କ୍ରମାଗତ ୫ ଥର ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଯେକୌଣସି ଆସନରୁ ଲଢ଼ିବା ପାଇଁ ପ୍ରସ୍ତୁତ ଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ଦଳର କେନ୍ଦ୍ରୀୟ ନେତୃତ୍ୱ ନେଇଥିବା ଧର୍ମେନ୍ଦ୍ର କହିଛନ୍ତି। ଶେଷରେ ଭାଜପା ଯୋଗୀଙ୍କୁ ଗୋରଖପୁରରୁ ପ୍ରାର୍ଥୀ କରିଥିବାରୁ ସେ ସେହିଠାରେ ରହିବା ଉଚିତ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କଟାକ୍ଷ କରିଛନ୍ତି। ଶାସକ ଦଳ ପାଇଁ ଏବେ ଅଖିଳେଶଙ୍କ ଦଳ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

**ୟୁପି ନିର୍ବାଚନ ଲାଗି ଭାଜପାର ପ୍ରଥମ ପ୍ରାର୍ଥୀ ତାଲିକା**

# ଚାମକୌରରୁ ଚନ୍ନି, ଅମୃତସର ପୂର୍ବରୁ ସିଦ୍ଧୁ ପ୍ରାର୍ଥୀ

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ଶନିବାର ପ୍ରଥମ ଦଫାରେ ୮୬ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଚାମକୌର ସାହିବରୁ ପ୍ରାର୍ଥୀ କରାଯାଇଥିବାବେଳେ ପିସିସି ସଭାପତି ନବଜୋତ ସିଂ ସିଦ୍ଧୁ ଅମୃତସର ପୂର୍ବ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହା ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ରାନ୍ଧୱାଙ୍କୁ ଡେରା ବାବା ନାନକରୁ ଏବଂ ଓମ୍ ପ୍ରକାଶ ସୋନିଙ୍କୁ ଅମୃତସର କେନ୍ଦ୍ରୀୟ ଆସନରୁ ପ୍ରାର୍ଥୀ କରାଯାଇଛି। ଫେବୃୟାରୀ ୧୪ରେ ପଞ୍ଜାବରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ପ୍ରଥମ ତାଲିକାରେ ୯ ମହିଳାଙ୍କୁ ସ୍ଥାନ ମିଳିଛି, ଯାହାକି ମୋଟ ଘୋଷିତ ପ୍ରାର୍ଥୀର ୧୦ ପ୍ରତିଶତ।

କିଛିଦିନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିବା ବିବାଦୀୟ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ମନସାରୁ ପ୍ରାର୍ଥୀ କରାଯାଇଥିବାବେଳେ ସୋନୁ ସୁଦ୍ଙ୍କ ଭଉଣୀ ମାଳବିକା ମୋଗା ଆସନରୁ ଲଢ଼ିବେ। ସେହିପରି ଦଳର ରାଜ୍ୟ ସଭା ପ୍ରାର୍ଥୀ ପ୍ରତାପ ସିଂ ବାଜୱା ଗୁର୍ଦାସପୁରର କାଦିଆନ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନରୁ ତାଙ୍କ ଭାଇ ଫତେଜଙ୍ଗ ସିଂ ବାଜୱା ପ୍ରତିନିଧିତ୍ୱ କରୁଥିଲେ। ପୂର୍ବତନ ପିସିସି ସଭାପତି ତଥା ପ୍ରଚାର କମିଟି ମୁଖ୍ୟ ସୁନୀଲ ଜାଖର ଏଥର ନିର୍ବାଚନ ଲଢୁନାହାନ୍ତି। ତାଙ୍କ ପୁତୁରା ସନ୍ଦିପ ଜାଖରଙ୍କୁ ଅବୋହର ଆସନରୁ ପ୍ରାର୍ଥୀ କରାଯାଇଛି। ସେହିପରି ମନ୍ତ୍ରୀ ବ୍ରହ୍ମ ମୋହିନ୍ଦ୍ର ତାଙ୍କ ପୁଅ ମୋହିତଙ୍କୁ ପଟିଆଲା ଗ୍ରାମୀଣ ଆସନ ଛାଡ଼ିଦେଇଛନ୍ତି। ଅଧିକାଂଶ ମନ୍ତ୍ରୀ ସେମାନଙ୍କ ପୂର୍ବ ଆସନରୁ ଲଢ଼ିବାକୁ ଥିବାବେଳେ କେତେଜଣଙ୍କ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ ହୋଇଛି।



ଚରଣଜିତ ସିଂ ଚନ୍ନି



ନବଜୋତ ସିଂ ସିଦ୍ଧୁ

# ଜିଲାପାଳ, ଏସ୍ପିଙ୍କ ମତାମତ ଆଧାରରେ ଗାଇଡ୍ଲାଇନ ସଂଶୋଧନ ହେବ

- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ
- ବରିଷ୍ଠ ଅଧିକାରୀଙ୍କ ସହ ନିର୍ବାଚନ କମିଶନରଙ୍କ ବୈଠକ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ସ୍ୱତନ୍ତ୍ର ଗାଇଡ୍ଲାଇନ ଜାରି କରିଛନ୍ତି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଶନିବାର ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସମେତ ଜିଲାପାଳ ଏବଂ ଏସ୍ପିମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ଏବଂ ଏସ୍ପିମାନେ ଦେଇଥିବା ମତାମତ ଆଧାରରେ କୋଭିଡ୍ ଗାଇଡ୍ଲାଇନକୁ ସଂଶୋଧନ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ନିର୍ବାଚନ କମିଶନର ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଜିଲାପାଳ ଏବଂ ଏସ୍ପିମାନେ ବୈଠକରେ ଯୋଗ ଦେଇଥିଲେ। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ପାଢ଼ୀ କହିଛନ୍ତି ଯେ ବୈଠକ ଦୁଇଟି ପର୍ଯ୍ୟାୟରେ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ବେଳେ କିପରି କୋଭିଡ୍ ଗାଇଡ୍ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ନାମାଙ୍କନପତ୍ର ଦାଖଲ, ଯାଞ୍ଚ, ପ୍ରଚାର, ଗଣନା ଆଦି ସମୟରେ କିପରି କୋଭିଡ୍ ଗାଇଡ୍ଲାଇନକୁ ପାଳନ କରାଯିବ ସେ ନେଇ ଅଧିକାରୀମାନେ ମତ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ମହାନିର୍ଦ୍ଦେଶକ ଏବଂ ଏଡିଜି(ଆଇନ ଶୃଙ୍ଖଳା), ଡିଆଇଜି, ଆର୍ଡିସି, ଜିଲାପାଳ,ଏସ୍ପିମାନଙ୍କ ସହିତ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଦେଢ଼ମାସ ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟା ଚାଲିବ। ଜାନୁୟାରୀ ୧୭ରୁ ଆରମ୍ଭ ହେବାକୁ ଯାଉଥିବା ନାମାଙ୍କନପତ୍ର ଦାଖଲ ସମୟରେ ଜିଲା ପ୍ରଶାସନ ଅଧିକ ଗୁରୁତର ସହ ଦାୟିତ୍ୱ ନିର୍ବାହ କରିବେ ବୋଲି କମିଶନ ଆଶା ରଖିଛନ୍ତି। କୋଭିଡ୍ ସମୟରେ ନିର୍ବାଚନ ହେଉଥିବାରୁ ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଡିଜି ବଂଶଲ କହିଛନ୍ତି। ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। କୋଭିଡ୍ ଗାଇଡ୍ଲାଇନକୁ କଡ଼ାକଡ଼ି ପାଳନ କରିବା ନେଇ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରାର୍ଥୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ତାହା ଉପରେ ଅଧିକ ଫୋକସ କରାଯିବ ବୋଲି ସେ କହିଛନ୍ତି।

# ଭାଜପା କର୍ମୀଙ୍କୁ ବିଜେଡି ରାଜ୍ୟ ସମ୍ପାଦକଙ୍କ ଆକ୍ରମଣ ଅଭିଯୋଗ

**କୁଚିଣ୍ଡା,୧୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ତୁରେଇନିକ୍ରିମାଲ ଗ୍ରାମର ଭାଜପା କର୍ମୀ ଚେରୁ ନାୟକଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭୁବନେଶ୍ୱର କିସାନ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଚେରୁଙ୍କ ଏତଲାକୁ ଭିତ୍ତି କରି ମହୁଲପାଲି ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୫୦୬ରେ ମାମଲା (ନଂ୯/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗକ୍ରମେ ଭାଜପା କର୍ମୀ ଚେରୁ ଶୁକ୍ରବାର ପୂର୍ବାହ୍ନରେ କୁନ୍ତରା ପଞ୍ଚାୟତର କାଲିଝରନ ଗ୍ରାମରେ ପଞ୍ଚାୟତ ନିବାଚନ ପାଇଁ ୱାର୍ଡ କମିଟି ଗଠନ କାମସାରି ବାଇକ୍ରେ ଘରକୁ ଫେରୁଥିଲେ। କାଲିଝରନ ଗାଁ ମୁଣ୍ଡରେ ତୁରେଇନିକ୍ରିମାଲ ଗ୍ରାମର ବିଜେଡି ରାଜ୍ୟ ସମ୍ପାଦକ ତଥା ୨୦୧୪ର ବିଧାୟକ ପ୍ରାର୍ଥୀ ଭୁବନେଶ୍ୱର କିସାନ ବାଇକ୍ ଅଟକାଇ ଚେରୁଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଚେରୁ କୌଣସିମତେ ଜୀବନ ବଞ୍ଚାଇ ସେଠାରୁ ଖସିଯାଇ ଶୁକ୍ରବାର ସନ୍ଧ୍ୟାରେ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଜେଡି ନେତା ଭୁବନେଶ୍ୱର କହନ୍ତି, ମୋ ବିରୋଧରେ ଅପପ୍ରଚାର ନ କରିବାକୁ ତାଗିଦ କରିଥିଲି। ଆକ୍ରମଣ କିମ୍ବା ଗାଳିଗୁଲଜ କରିବା କଥା ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏହାସହ ସେ ଚେରୁଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରିଥିବା କହିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହୋଇନାହିଁ।

# ରାଜ୍ୟ ସରକାରଙ୍କ ନିଯୁକ୍ତି ଭେଳିକି କେବଳ ନିର୍ବାଚନୀ ଥୋପ : କଂଗ୍ରେସ




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟ ସରକାର ସରକାରୀ ଚାକିରି ଆବେଦନ ପାଇଁ ସର୍ବନିମ୍ନ ବୟସସୀମା ବୃଦ୍ଧି କରିଛନ୍ତି। ସାଧାରଣ ବର୍ଗଙ୍କ ପାଇଁ ୩୨ ବର୍ଷରୁ ୩୮ ବର୍ଷକୁ ବୃଦ୍ଧି କରିଥିବାବେଳେ ଅନୁସୂଚିତ ଜାତି, ଜନଜାତି ମହିଳାଙ୍କ ପାଇଁ ଅନୁରୂପ ଭାବେ ବୟସସୀମା ବୃଦ୍ଧି କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କଂଗ୍ରେସ କହିଛି। ହେଲେ ଉଚ୍ଚନ୍ୟାୟାଳୟ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେବାପରେ ସରକାର ତାହାକୁ ପାଳନ ନ କରି ଅପିଲ କରିଥିବାରୁ ତାଙ୍କ ଅସଲ ଚେହେରା ପଦାରେ ପଡ଼ିଛି। ସରକାରଙ୍କ ନିଯୁକ୍ତି ଭେଳିକି କେବଳ ନିର୍ବାଚନୀ ଥୋପ ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନରେ ଆୟୋଜିତ ଖବରଦତା ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଯେଉଁଦିନ ସରକାର ଚାକିରି ବୟସସୀମା ବଢ଼ାଇବା ପାଇଁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରୁଛନ୍ତି, ସେହିଦିନ ସରକାର ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶକୁ ଅପିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ ପ୍ରମୁଖ ଅର୍ଥ ସଚିବଙ୍କ ପକ୍ଷରୁ ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଆଡ୍ଭୋକେଟ ଜେନେରାଲଙ୍କୁ ଚିଠି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି, ରାଜ୍ୟ ସରକାର ରାଜ୍ୟର ବେକାରୀ ଯୁବକଙ୍କୁ ନିଯୁକ୍ତିର ମରିଚିକା ଦେଖାଇବା ସହିତ ପଞ୍ଚାୟତ ନିର୍ବାଚନ ପାଇଁ ଏକ ନିଯୁକ୍ତି ଥୋପ ପକାଇଛନ୍ତି। ଯଦି ସରକାରଙ୍କର ନ୍ୟାୟପାଳିକା ପ୍ରତି ସମ୍ମାନ ଅଛି, ଆଉଟ୍ସୋର୍ସିଂ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ନ ଦେଖାଇ ଆଉଟସୋର୍ସିଂ ମାଧ୍ୟମରେ କାମକରୁଥିବା ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ନିୟମିତ କରାନ୍ତୁ ବୋଲି ମିଶ୍ର ଦାବି କରିଛନ୍ତି।

# ଅନୁଗୋଳ, ତାଳଚେର ଅଣସଂରକ୍ଷିତ

**ଅନୁଗୋଳ ଅଫିସ,୧୫।୧**

ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଏନ୍ଏସି ଓ ପୌରପାଳିକାରେ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ଚିଠା ତାଲିକା ଜାରି କରାଯାଇଛି। ଚିଠି ସଂଖ୍ୟା ୯୩୩ ତା ୧୫।୧।୨୨ ଅନୁସାରେ ଏହି ବିଜ୍ଞପ୍ତି ପ୍ରକାଶ ସହ ଦାବି, ଆପତ୍ତି ଓ ପ୍ରସ୍ତାବ ପାଇଁ ୧୫ ଦିନ ସମୟ ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଅନୁଗୋଳ ଓ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରଖାଯାଇଛି। ଆଠମଲ୍ଲିକ ଏନ୍ଏସି ଅଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ଏହି ନୋଟିଫିକେଶନ୍କୁ ସହରର ବୁଦ୍ଧିଜୀବୀମାନେ ସ୍ୱାଗତ କରିଥିବାବେଳେ ରାଜନୈତିକ ଦଳର ମୁଣ୍ଡବ୍ୟଥା ବଢ଼ିଯାଇଛି। କାରଣ ଅନୁଗୋଳ ଓ ତାଳଚେର ପୌର ଅଧ୍ୟକ୍ଷ ପଦବୀ ଅଣ ସଂରକ୍ଷିତ ଥିବାରୁ ବହୁ ଆଶାୟୀ ବାହାରିବେ। ଏଥିସହ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ୩ ପ୍ରମୁଖ ଦଳ ପାଇଁ ଚିନ୍ତାର କାରଣ ହେବେ।


## ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ – ୨୦୨୨

DSPL - 396 ତା୧୫।୦୧।୨୦୨୨ରିଖ

**ସୂଚନା**

ରାଜ୍ୟ ନିର୍ବାଚନ କମିଶନ ୱାର୍ଡ଼ ମେମ୍ବର, ସରପଞ୍ଚ, ପଞ୍ଚାୟତସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚନ ପାଇଁ ତା୧୧।୦୧।୨୦୨୨ରିଖରେ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ବିଜ୍ଞପ୍ତି ଅନୁଯାୟୀ ତା୧୭।୦୧।୨୦୨୨ରିଖଠାରୁ ତା୨୧।୦୧।୨୦୨୨ରିଖ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମନୋନୟନ ପତ୍ର ଗ୍ରହଣ କରାଯିବ। COVID-19 କଟକଣା ମଧ୍ୟରେ ନିର୍ବାଚନ ପରିଚାଳନା ନିମନ୍ତେ କମିଶନଙ୍କ ତରଫରୁ ମୁଖ୍ୟତଃ ନିମ୍ନଲିଖିତ ମାର୍ଗଦର୍ଶିକା ପାଳନ କରିବା ପାଇଁ ନିର୍ଦ୍ଦେଶ ହୋଇଅଛି।

୧. ମନୋନୟନ ପତ୍ର ଦାଖଲ ସମୟରେ ସମସ୍ତ ପ୍ରାର୍ଥୀ, ସମର୍ଥକ ଏବଂ ଅନ୍ୟାନ୍ୟ ବ୍ୟକ୍ତି ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ବାଧ୍ୟତାମୂଳକ।
୨. ମନୋନୟନ ପତ୍ର ପ୍ରଦାନ କରିବା ପାଇଁ ପ୍ରାର୍ଥୀ କିମ୍ବା ତାଙ୍କର ଜଣେ ପ୍ରସ୍ତାବକ ନିର୍ବାଚନ ଅଧିକାରୀଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିବେ।
୩. ମନୋନୟନ ପତ୍ର ପ୍ରଦାନ ଉଦ୍ଦେଶ୍ୟରେ ପ୍ରାର୍ଥୀ (ୱାର୍ଡ଼ ମେମ୍ବର ବ୍ୟତୀତ) କେବଳ ଗୋଟିଏ ମାତ୍ର ଗାଡ଼ି ବ୍ୟବହାର କରିପାରିବେ।
୪. ପ୍ରଚାର ପାଇଁ ପଥପ୍ରାନ୍ତ ପ୍ରଦର୍ଶନ, ପଦଯାତ୍ରା, ସାଇକେଲ/ ମୋଟରସାଇକେଲ/ ଯାନ ପଟୁଆର ପାଇଁ ଅନୁମତି ନାହିଁ।
୫. ରାଜନୈତିକ ଦଳ କିମ୍ବା ସମ୍ଭାବ୍ୟ ପ୍ରାର୍ଥୀ ବା ନିର୍ବାଚନରେ ସମ୍ପୃକ୍ତ କୌଣସି ଗୋଷ୍ଠୀଙ୍କର ସମାବେଶ ନିଷିଦ୍ଧ ଅଟେ।
୬. କୋଭିଡ୍ ସୁରକ୍ଷା ଦୃଷ୍ଟିରୁ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ଡିଜିଟାଲ/ ଭର୍ଚୁଆଲ/ ମିଡିଆ/ ମୋବାଇଲ ମାଧ୍ୟମରେ ପ୍ରଚାର କରିବା ପାଇଁ କମିଶନଙ୍କ ନିର୍ଦ୍ଦେଶ।
୭. ପ୍ରାର୍ଥୀଙ୍କୁ ମିଶାଇ ସର୍ବାଧିକ ୫ଜଣ ବ୍ୟକ୍ତି ଘରକୁ ଘର ବୁଲି ପ୍ରଚାର କରିପାରିବେ।
୮. ଭୋଟ ଗଣତି ପରେ କୌଣସି ବିଜୟ ଶୋଭାଯାତ୍ରା କରିବେ ନାହିଁ।

ସଚିବ
ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା
OIPR-12009/13/0005/2122

ଧରିତ୍ରୀ
DHARITRI

ରବିବାର, ଜାନୁୟାରୀ ୧୬/୨୦୨୨ | Sunday, January 16/2022 | ପୃଷ୍ଠା-୧



ଡିଟେନଶନକୁ ଫେରିଲେ ଜୋକୋଭିଚ୍

ଅଷ୍ଟ୍ରେଲିଆରେ ଦ୍ୱିତୀୟଥର ପାଇଁ ଭିଜା ରଦ୍ଦ ହେବା ପରେ ନୋଭାକ ଜୋକୋଭିଚ୍‌ଙ୍କୁ ପୁଣି ଇମିଗ୍ରେଶନ ଡିଟେନଶନ ସେଣ୍ଟରକୁ ପଠାଇଦିଆଯାଇଛି।

୦୬

୦୫

ପୁଣି ବିବାହ କରିବେ ଫରହାନ୍

ଆସନ୍ତା ଫେବୃୟାରୀରେ ବଲିଉଡ୍ ଅଭିନେତା ଫରହାନ ଗର୍ଲଫ୍ରେଣ୍ଡ ଶିବାନୀ ଡଣ୍ଡେକରଙ୍କୁ ବିବାହ କରିବେ।






# ଓସିଏସ୍ ପରୀକ୍ଷା ଘୁଞ୍ଚିବନି

- କୋଭିଡ୍ କଟକଣାରେ ହେବ ପରୀକ୍ଷା
- ଲକ୍ଷଣ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୫।୧**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ମେନ୍ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହିଁ ହେବ। ସ୍ଥଗିତ ରଖିବାକୁ ଦାବି ଉଠୁଥିବାବେଳେ କୋଭିଡ୍ ନିୟମ ଅନୁପାଳନପୂର୍ବକ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଶନିବାର ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଓସିଏସ୍ ମେନ୍ ପରୀକ୍ଷା ସହ ଚଳିତ ମାସରେ ହେବାକୁ ଥିବା ଆସିଷ୍ଟାଣ୍ଟ ସର୍ଜନ ପରୀକ୍ଷା ନିମନ୍ତେ କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ କୁହାଯାଇଛି। ଏ ନେଇ ଓପିଏସ୍‌ସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଆସନ୍ତା ୨୦ ତାରିଖରୁ ଓସିଏସ୍ ମେନ୍ ପରୀକ୍ଷା ଆରମ୍ଭ ହେବାକୁଥିବାବେଳେ ୨୩ତାରିଖ ଦିନ ଆସିଷ୍ଟାଣ୍ଟ ସର୍ଜନ ପଦବୀ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହେବ। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ଓ ପରିସର ମଧ୍ୟରେ ପରୀକ୍ଷାର୍ଥୀମାନେ କୋଭିଡ୍ ନିୟମ ଅନୁପାଳନପୂର୍ବକ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ନିୟମ ପାଳନ କରିବାକୁ କୁହାଯାଇଛି। ସମସ୍ତ ପରୀକ୍ଷାର୍ଥୀ ଏନ୍-୯୫ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ମାସ୍କ ପିନ୍ଧି ନ ଥିଲେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। କେବଳ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ତଦାରଖ କରିବା ସମୟରେ ପରୀକ୍ଷାର୍ଥୀମାନେ ମାସ୍କ ଖୋଲିବେ। ଗୋଟିଏ ସ୍ୱଚ୍ଛ ବୋତଲରେ ପରୀକ୍ଷାର୍ଥୀମାନେ ସାନିଟାଇଜର ନେଇପାରିବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସାନିଟାଇଜର ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଉଛି। ଏଥିସହ ସାମାଜିକ ଦୂରତ୍ୱ ନିୟମାନୁସାରେ ପରୀକ୍ଷା କେନ୍ଦ୍ରରେ ବସିବା ବ୍ୟବସ୍ଥା କରାଯାଉଛି। ଯଦି କୌଣସି ସମୟରେ ପରୀକ୍ଷାର୍ଥୀଙ୍କର କୋଭିଡ୍ ଲକ୍ଷଣ ପ୍ରକାଶ ପାଏ, ସେ ତୁରନ୍ତ ପରୀକ୍ଷା ପରିଚାଳକ(ଇନ୍‌ଭିଜିଲେଟର)ଙ୍କୁ ଜଣାଇବେ। ଏହି ପରୀକ୍ଷାର୍ଥୀଙ୍କ ନିମନ୍ତେ ପୃଥକ ପରୀକ୍ଷା ପ୍ରକୋଷ୍ଠର ବ୍ୟବସ୍ଥା କରାଯାଇଛି। ଓପିଏସ୍‌ସି ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଉଭୟ ଓସିଏସ୍ ଓ ଆସିଷ୍ଟାଣ୍ଟ ସର୍ଜନ ପରୀକ୍ଷା ପାଇଁ ଲାଗୁ ହେବ।

ସୂଚନାଯୋଗ୍ୟ, ଓସିଏସ୍ ମେନ୍ ପରୀକ୍ଷା ଫେବୃୟାରୀ ୮ ପର୍ଯ୍ୟନ୍ତ ଚାଲିବ। କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଚାଲିବାକୁ ଥିବା ଏହି ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ଦାବି ଉଠିଥିଲା। ଏନେଇ କେତେଜଣ ପରୀକ୍ଷାର୍ଥୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଅନ୍ୟ କେତେଜଣ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ଉଚ୍ଚ ଶିକ୍ଷା ବିଭାଗକୁ ସୋସିଆଲ ମିଡିଆ ମାଧ୍ୟମରେ ଚିଠି ଲେଖିଥିଲେ। ପରୀକ୍ଷାକୁ ନେଇ ମଧ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିଲା।

# ଅଧ୍ୟକ୍ଷ ସଂରକ୍ଷଣ ଚିଠା ପ୍ରକାଶିତ

## ତାଲିକାରେ ୧୦୭ ମ୍ୟୁନିସିପାଲିଟି/ଏନ୍‌ଏସି

**ପୌର ନିର୍ବାଚନ**

- ଆପତ୍ତି ଅଭିଯୋଗ ଲାଗି ୧୫ ଦିନ
- ମହିଳାଙ୍କ ପାଇଁ ୫୪ ଆସନ ସଂରକ୍ଷିତ
- ୪୨ ଅଣସଂରକ୍ଷିତ
- ଅନୁସୂଚିତ ଜାତିଙ୍କ ଲାଗି ୮, ଜନଜାତିଙ୍କ ପାଇଁ ୩ ଆସନ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଜୋର ଧରିଛି। ରାଜ୍ୟର ୧୦୭ଟି ମ୍ୟୁନିସିପାଲିଟି ଓ ଏନ୍‌ଏସି ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ସେଥିମଧ୍ୟରୁ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୯ ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୫ ଅଧ୍ୟକ୍ଷ ପଦବୀ ସଂରକ୍ଷିତ ରହିଛି। ସେହିପରି ଅନୁସୂଚିତ ଜାତିଙ୍କ ପାଇଁ ୮ ଅଧ୍ୟକ୍ଷ ପଦବୀ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ୩ ଅଧ୍ୟକ୍ଷ ପଦବୀ ସଂରକ୍ଷିତ ରହିଛି। ୪୨ଟି ପୌରାଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ପ୍ରକାଶିତ ସଂରକ୍ଷଣ ଚିଠା ତାଲିକାରେ ମହିଳାଙ୍କ ପାଇଁ ୫୪ଟି ଅଧ୍ୟକ୍ଷ ପଦବୀ ସଂରକ୍ଷିତ ରଖାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ଜଣାଇବାକୁ କୁହାଯାଇଛି। ଏଥିସହିତ ଯଦି କିଛି ପରାମର୍ଶ ଦେବାର ଥାଏ, ତା'ହେଲେ ୧୫ ଦିନ ଭିତରେ ଜଣାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୋଗ ଓ ପରାମର୍ଶ ପାଇବା ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଜାନୁୟାରୀ ୧୨ରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ମେୟର ପଦବୀ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ ମେୟର ପଦବୀ ପ୍ରଥମ ଥର ଲାଗି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଥିବା ବେଳେ କଟକ ମହାନଗର ନିଗମ ମେୟର ପଦବୀ ଅଣ ସଂରକ୍ଷିତ ଏବଂ ବ୍ରହ୍ମପୁର ମହାନଗର ନିଗମ ମେୟର ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି।

## ୪ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଏସିଏସ୍ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟ ସରକାର ୧୯୯୧ ବ୍ୟାଚ୍‌ର ୪ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନୀତ ହୋଇଥିବା ଆଇଏଏସ୍ ଅଫିସର ହେଲେ ଅନୁ ଗର୍ଗ, ମଧୁସୂଦନ ପାଢ଼ୀ, ସତ୍ୟବ୍ରତ ସାହୁ ଏବଂ ବିଜୟ ଆରୋରା। ଅନୁ ଗର୍ଗ ଏବେ ଜଳସମ୍ପଦ ବିଭାଗ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବାହ୍ୟଚାପ

# ଟାର୍ଗେଟ୍ ନାହିଁ, ଉଠିପାରୁନି ଧାନ

**ସୋନପୁର,୧୫।୧(ନି.ପ୍ର.)**

ଟାର୍ଗେଟ୍ ନ ଥିବାରୁ ସୁବର୍ଣ୍ଣପୁର ଜିଲାର ଅଣଜଳସେଚିତ ୪ ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଧିମେଇ ଯାଇଛି। ଜିଲାର ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଟାର୍ଗେଟ୍ ସରି ଯାଇଥିବାରୁ କେତେକ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଧାନ କିଣିପାରୁ ନାହାନ୍ତି। ମଣ୍ଡିରେ ଧାନ ରଖି ଚାଷୀ ଦିନରାତି ଜଗି ରହୁଛନ୍ତି। ମଣ୍ଡିରେ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାନ ପଡିରହିବନି ବୋଲି ସରକାର କହୁଥିବା ବେଳେ ବାସ୍ତବ ସ୍ଥିତି ଭିନ୍ନ। ଅଧିକାଂଶ ମଣ୍ଡିରେ ଭିତ୍ତିଭୂମି ଅଭାବ ଥିବାରୁ ଚାଷୀଙ୍କୁ ନିଜ ଉତ୍ପାଦିତ ଧାନକୁ ସୁରକ୍ଷା ଦେବାକୁ ପଡୁଛି।

ଚାଷୀଙ୍କ ନିକଟରୁ ବଳକା ଧାନ କିଣିବା ଲାଗି ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ଏହି ଜିଲାକୁ ୩୦ଲକ୍ଷ ୯୨ ହଜାର ୬୪୭ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ଦେଇଛନ୍ତି। ଜିଲାର ୬୨ଟି ପାକ୍ସ ଓ ୩୯ଟି ମହିଳା ଏସ୍‌ଏଚ୍‌ଜିଙ୍କ ନିକଟରୁ ଧାନ ଉଠାଇବା ପାଇଁ ଜିଲା ଯୋଗାଣ ବିଭାଗ ଦୂରତା ଅନୁସାରେ ମିଲର୍ସଙ୍କୁ ଟାର୍ଗେଟ ଦେଇଛି। ତେବେ ଜିଲାର ଜଳସେଚିତ ଅଞ୍ଚଳ ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଧାନ କ୍ରୟକାରୀ ସଂସ୍ଥାକୁ ଯୋଗାଣ ବିଭାଗ ୧୦୦ ପ୍ରତିଶତ ଟାର୍ଗେଟ୍ ପ୍ରଦାନ କରିଥିବା ବେଳେ ଅଣଜଳସେଚିତ ୪ ବ୍ଲକକୁ ମାତ୍ର ୫୦ ରୁ ୬୦ ପ୍ରତିଶତ ଟାର୍ଗେଟ ପ୍ରଦାନ କରିଛନ୍ତି। ଏଭଳି ସ୍ଥିତିରେ ୫୦ ପ୍ରତିଶତ ଧାନ କ୍ରୟ କରିବା ପରେ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ପାକ୍ସ ଓ ଏସ୍‌ଏଚ୍‌ଜିଗୁଡିକରୁ ଧାନ କ୍ରୟ ଟାର୍ଗେଟ୍ ସରି ଗଲାଣି। ଏହି ସବୁ ଅଞ୍ଚଳର ଚାଷୀ ଧାନ ବିକ୍ରି କରିବା ପାଇଁ ☞ପୃଷ୍ଠା-୨



**ଚିନ୍ତାରେ ଚାଷୀ**

ତରଭା ବ୍ଲକର ଏକ ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

# ଟେଷ୍ଟ ଅଧିନାୟକ ପଦ ଛାଡ଼ିଲେ ବିରାଟ



**କେପ୍ ଟାଉନ୍, ୧୫।୧**

ଭାରତୀୟ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିରାଟ କୋହଲି ଶନିବାର ଟେଷ୍ଟ ଅଧିନାୟକ ପଦ ଛାଡ଼ିଛନ୍ତି। ନିଜ ଟୁଇଟର ପେଜ୍‌ରେ ସେ ଏହି ସୂଚନା ଦେଇଛନ୍ତି। ''ପ୍ରତ୍ୟେକଙ୍କୁ କେଉଁଠି ନା କେଉଁଠି ଅଟକିବାକୁ ପଡ଼ିଥାଏ। ସେହି ପରିପ୍ରେକ୍ଷୀରେ ଟେଷ୍ଟ ଅଧିନାୟକ ଭାବେ ମୋର ଦାୟିତ୍ୱ ଶେଷ ହୋଇଛି'' ବୋଲି କୋହଲି ଟୁଇଟ୍ କରିଛନ୍ତି। ଦକ୍ଷିଣ ଆଫ୍ରିକାଠାରୁ ଭାରତ ୧-୨ରେ ଟେଷ୍ଟ ସିରିଜ ହାରିବା ପରେ କୋହଲି ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ସେ ଟି୨୦ ନେତୃତ୍ୱ ଛାଡ଼ିଥିବାବେଳେ ଦିନିକିଆ ଅଧିନାୟକପଦରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ୨୦୧୫ ପ୍ରାରମ୍ଭରେ ଅଷ୍ଟ୍ରେଲିଆରେ ମହେନ୍ଦ୍ର ସିଂ ଧୋନୀ ଅବସର ଘୋଷଣା କରିବା ପରେ କୋହଲି ପୂର୍ଣ୍ଣକାଳୀନ ଟେଷ୍ଟ ଅଧିନାୟକ ହୋଇଥିଲେ। ''ଗତ ୭ ବର୍ଷ ଧରି ମୁଁ ଅଧିନାୟକ ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇ ଆସିଛି। ଅନେକ ଉତ୍ଥାନ ପତନ ମଧ୍ୟଦେଇ ଗତି କରିଛି। ତେବେ ସବୁବେଳେ ୧୨୦ ପ୍ରତିଶତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଛି'' ବୋଲି କୋହଲି ଟୁଇଟ୍ କରିଛନ୍ତି। ଅଧିନାୟକ ଦାୟିତ୍ୱ ତୁଲାଇବାର ସୁଯୋଗ ଦେଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡକୁ ଧନ୍ୟବାଦ ଜଣାଇଛନ୍ତି କୋହଲି। କୋହଲିଙ୍କ ନେତୃତ୍ୱରେ ଭାରତ ଅନେକ ସଫଳତା ପାଇଥିଲା। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତ ନମ୍ବର ୱାନ ହୋଇଥିବାବେଳେ ବିଦେଶରେ ଅନେକ ସ୍ମରଣୀୟ ବିଜୟ ହାସଲ କରିଥିଲା। ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ଖେଳିଥିଲା। ଟେଷ୍ଟ କ୍ରିକେଟରେ ସେ ୬୮ଟି ମ୍ୟାଚରେ ଭାରତର ନେତୃତ୍ୱ ନେଇଥିଲେ। ଏଥିରୁ ୪୦ଟି ମ୍ୟାଚରେ ଟିମ୍ ଇଣ୍ଡିଆ ବିଜୟ ହାସଲ କରିଥିଲା। (ଅଧିକ ରିପୋର୍ଟ: ଖେଳ ପୃଷ୍ଠା)

# ଭୟରେ ମନଇଚ୍ଛା ଔଷଧ ଖାଆନି

## ସତର୍କ କରାଇଲେ ବିଶେଷଜ୍ଞ

**ନୂଆଦିଲ୍ଲୀ,୧୫।୧**

ଡେଲ୍ଟା ଭାରିଆଣ୍ଟ ଯୋଗୁ ୨୦୨୧ରେ କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଆସିଥିବାବେଳେ ଡାକ୍ତରଙ୍କ ବିନା ପରାମର୍ଶରେ ମନଇଚ୍ଛା ଔଷଧ ଖାଇବା ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଥିଲା। ଏବେ ଓମିକ୍ରନ୍ ଯୋଗୁ ସଂକ୍ରମଣର ତୃତୀୟ ଲହର ଆସିଥିବାବେଳେ ଏବେ ସେହି ଭୁଲ୍‌ର ପୁନରାବୃତ୍ତି ହେଉଥିବା ଦେଖାଯାଉଛି। ଏହାକୁ ନେଇ ଭାରତ ସମେତ ଆମେରିକା ଓ କାନାଡାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୩୨ ଜଣ ଡାକ୍ତର ଓ ବିଶେଷଜ୍ଞ କେନ୍ଦ୍ର ସରକାର, ରାଜ୍ୟ ସରକାର, ଭାରତୀୟ ମେଡିକାଲ ଆସୋସିଏଶନ ନିକଟକୁ ଚିଠି ଲେଖି ସଚେତନ କରାଇଛନ୍ତି। ଜଣେ କୋଭିଡ୍-୧୯ରେ ସଂକ୍ରମିତ ଥିବାର ପ୍ରମାଣ ନ ଥାଇ ଲକ୍ଷଣ ଆଧାରରେ ତାଙ୍କୁ ବିଭିନ୍ନ ଭିଟାମିନ, ଆଜିଥ୍ରୋମାଇସିନ୍, ଡକ୍ସିସାଇକ୍ଲିନ୍, ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଫାଭିପିରାଭିର ଏବଂ ଇଭେରମେକ୍ଟିନ୍ ଖାଇବା ପାଇଁ ଲେଖାଯାଉଥିଲା। ଏଭଳି ଅତ୍ୟଧିକ ଔଷଧ ସେବନ ଯୋଗୁ ଭାରତରେ ମ୍ୟୁକୋରମାଇକୋସିସ୍ ଏବଂ ବ୍ରାଜିଲରେ ଆର୍ସ୍ପେର୍ଜିଲୋସିସ୍ ଭଳି ଫଙ୍ଗସ୍ ସଂକ୍ରମଣ ଦେଖାଯାଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେହିପରି ଲକ୍ଷଣ ନ ଥିବା ଓ ସାମାନ୍ୟ ଲକ୍ଷଣଯୁକ୍ତ ରୋଗୀଙ୍କୁ ଅଯଥାରେ ସିଟି ସ୍କାନ୍, ଡି-ଡାଇମର, ଆଇଏଲ୍-୬ ଲାବରେଟୋରି ପରୀକ୍ଷା ପାଇଁ ଡାକ୍ତରମାନେ ଲେଖିବା ସହ ଅନାବଶ୍ୟକ ଭାବେ ରୋଗୀଙ୍କୁ ହସ୍ପିଟାଲରେ ରଖି ଚିକିତ୍ସା କରୁଥିଲେ। ଏଥିପାଇଁ ରୋଗୀ ଓ ତାଙ୍କ ପରିବାର ଉପରେ କେବଳ ଆର୍ଥିକ ବୋଝ ପଡୁଥିଲା ତାହା ନୁହେଁ, ହଜାର ହଜାର ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଅଣକୋଭିଡ୍ ରୋଗୀମାନେ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ମଧ୍ୟ ହସ୍ପିଟାଲରେ ଚିକିତ୍ସା ପାଇଁ ବେଡ୍ ପାଇ ନ ଥିଲେ।

ଭାରତରେ ଡାକ୍ତରମାନେ ସରକାରୀ ଗାଇଡ୍‌ଲାଇନ ଉପରେ ଅଧିକ ଭରସା କରିଥାନ୍ତି, ଯେଉଁଥିରେ ସୀମିତ ପ୍ରମାଣରେ ରୋଗ ନିରୂପଣର ଦାମୀ ପରୀକ୍ଷା କରାଇବା ସହ ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ଗତବର୍ଷ ଜୁନ୍‌ରେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ପକ୍ଷରୁ ଜାରି ଗାଇଡ୍‌ଲାଇନରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଓମିକ୍ରନ ସଂକ୍ରମଣର ଚିକିତ୍ସା ପାଇଁ ମନୋକ୍ଲୋନାଲ ଆଣ୍ଟିବଡି ବ୍ୟବହାର ଲାଗି ପରାମର୍ଶ ଦିଆଯାଇଛି, ଯାହାର ନୂଆ ଭାରିଆଣ୍ଟ ଉପରେ ବିଶେଷ ପ୍ରଭାବ ନ ଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଏହା ବଦଳରେ ଦ୍ରୁତ୍ ଟେଷ୍ଟିଂ, କ୍ୱାରାଣ୍ଟାଇନ, ଆଇସୋଲେଶନ ପାଇଁ ସ୍ଥାନୀୟ ଭାଷାରେ ଗାଇଡ୍‌ଲାଇନ ପ୍ରସ୍ତୁତ କରି ପ୍ରକାଶ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଚିଠି ଲେଖିଥିବା ବିଶେଷଜ୍ଞମାନଙ୍କ ମଧ୍ୟରେ ଅଛନ୍ତି ପିଡି ହିନ୍ଦୁଜା ନ୍ୟାଶନାଲ ହସ୍ପିଟାଲର ଡ. ଜରିର ଉଦ୍‌ୱାଡିଆ, କ୍ରିଶ୍ଚିୟାନ ମେଡିକାଲ କଲେଜର ଡ. ଗିଟା ଗୁପ୍ତା, ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲର ଡ. ଅରବିନ୍ଦ କୁମାର, ମଣିପାଲ ହସ୍ପିଟାଲର ଡ. ରଘୁରାଜ ହେଗ୍‌ଡେ, ହାର୍ଭାର୍ଡ ମେଡିକାଲ ସ୍କୁଲ୍‌ର ଡ. ସଚିତ୍ ବଲସାରି, ଡ୍ୟୁକ୍ ୟୁନିଭର୍ସିଟିର ଡ. ମନୋଜ ମୋହନାନ, ମାୟୋ କ୍ଲିନିକ୍‌ର ଡ. ପ୍ରିୟା ସମ୍ପଥକୁମାର ଏବଂ ଜନ୍ ହପ୍‌କିନ୍ସ ସ୍କୁଲ୍ ଅଫ୍ ମେଡିସିନ୍‌ର ଡ. ଭାବନା ସେଠ୍।



ସେନା ଦିବସ ଅବସରରେ ନୂଆଦିଲ୍ଲୀର କେଏମ୍ କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ଯବାନମାନେ ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଛନ୍ତି।



ଗଙ୍ଗାସାଗର ମେଳାରେ ସୁରକ୍ଷା ପାଇଁ ଏନ୍‌ଡିଆର୍‌ଏଫ୍ ଯବାନ ତାଲିମପ୍ରାପ୍ତ କୁକୁର ସହ ସାଗରଦ୍ୱୀପ ବେଳାଭୂମିରେ ପ୍ରସ୍ତୁତ ।

## ସଂକ୍ଷେପରେ

### ସମାଜବାଦୀ ପାର୍ଟିକୁ ଇସି ନୋଟିସ

**ନୂଆଦିଲ୍ଲୀ,୧୫।୧(ପି.ଟି.):** କୋଭିଡ୍-୧୯ ନିୟମ ଉଲ୍ଲଂଘନ କରି ସମାଜବାଦୀ ପାର୍ଟି ଏହାର ଲକ୍ଷ୍ନୌ କାର୍ଯ୍ୟାଳୟରେ ଭର୍ଚୁଆଲ ରାଲି ନାମରେ ଜନ ସମାବେଶ କରିଥିବାରୁ ନିର୍ବାଚନ କମିଶନ (ଇସି) ଶନିବାର ଉକ୍ତ ଦଳକୁ ନୋଟିସ ଜାରି କରିଛନ୍ତି। ଶୁକ୍ରବାର ହୋଇଥିବା ସମାବେଶରେ କୋଭିଡ୍ ଗାଇଡଲାଇନର ଉଲ୍ଲଂଘନକୁ ନେଇ ସମାଜବାଦୀ ପାର୍ଟିକୁ ଇସି ସ୍ପଷ୍ଟୀକରଣ ମାଗିଛନ୍ତି। ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟୀକରଣ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଉତ୍ତରପ୍ରଦେଶରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ୭ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କୋଭିଡ୍ ସଂକ୍ରମଣ ପାଇଁ ସମସ୍ତ ସଭା, ସମାବେଶକୁ ନିଷେଧ କରାଯାଇଛି।

### ଆଇସିୟୁରେ ରହିବେ ଲତା ମଙ୍ଗେସ୍‌କର



**ମୁମ୍ବାଇ, ୧୫।୧:** ସୁର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର କୋଭିଡ୍‌ରେ ସଂକ୍ରମିତ ହୋଇ ଗତ ମଙ୍ଗଳବାରଠାରୁ ମୁମ୍ବାଇର ଏକ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଆଉ କିଛି ଦିନ ଆଇସିୟୁରେ ନିରୀକ୍ଷଣରେ ରଖାଯିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ପ୍ରତିତ୍ ସାମ୍‌ଦାନି ଶନିବାର କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସମ୍ପୂର୍ଣ୍ଣ ସୁଧାର ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତାଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା କରିବାକୁ ଡାକ୍ତର କହିଛନ୍ତି। କୋଭିଡ୍‌ରେ ଆକ୍ରାନ୍ତ ହେବା ପରେ ଲତା ମଙ୍ଗେସ୍‌କର ନିମୋନିଆରେ ମଧ ପୀଡ଼ିତ ହୋଇଛନ୍ତି।

### ଏସ୍‌ପି ସହ ମେଣ୍ଟ କରିବନି ଏଏସ୍‌ପି



ଚନ୍ଦ୍ରଶେଖର ଆଜାଦ

**ନୂଆଦିଲ୍ଲୀ,୧୫।୧:** ସମାଜବାଦୀ ପାର୍ଟି (ଏସ୍‌ପି) ସହ ଆଜାଦ ସମାଜ ପାର୍ଟି (ଏଏସ୍‌ପି) ମେଣ୍ଟ କରିବ ନାହିଁ ବୋଲି ଏହାର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଶନିବାର କହିଛନ୍ତି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ତାଙ୍କୁ ଅପମାନିତ କରିଥିବା ଆଜାଦ ଅଭିଯୋଗ କରିବା ସହ ଆଗାମୀ ଉତ୍ତରପ୍ରଦେଶ ନିର୍ବାଚନରେ ଉକ୍ତ ଦଳ ସହ ମେଣ୍ଟ କରାଯିବନି ବୋଲି ସ୍ପଷ୍ଟ କରିଛନ୍ତି। ବିଭାଜିତ ବିରୋଧୀ ଦଳ ଯଦି ଏକାଠି ନ ହୁଅନ୍ତି, ତେବେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢ଼ିପାରେ ବୋଲି ସେ ସୂଚନା ଦେଇଛନ୍ତି। ଦୀର୍ଘ ୪୦ ଦିନର ଆଲୋଚନା ପରେ ଅଖିଳେଶ ଦଳିତମାନଙ୍କୁ ଚାହୁଁ ନ ଥିବା ସ୍ପଷ୍ଟ ହୋଇଛି। ଗତ ଦୁଇଦିନରେ ବହୁଜନ ସମାଜ ଅପମାନିତ ହୋଇଥିବା ଆଜାଦ କହିଛନ୍ତି।

# ସୀମା ସ୍ଥିତାବସ୍ଥା ବଦଳିବାକୁ ଦିଆଯିବନି

**ନୂଆଦିଲ୍ଲୀ,୧୫।୧**

ଦେଶର ସୀମାରେ ଏକପାଖିଆ ଭାବେ ସ୍ଥିତାବସ୍ଥା ପରିବର୍ତ୍ତନ ଲାଗି କୌଣସି ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ। ଶନିବାର ସେନା ଦିବସ ପରେଡ୍‌ରେ ଉଦ୍‌ବୋଧନ ଦେଇ ଭାରତୀୟ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱଣେ ପଡୋଶୀ ଦେଶକୁ କଡ଼ା ବାର୍ତ୍ତା ଦେଇଛନ୍ତି। ଗତବର୍ଷ ଚାଇନା ସୈନ୍ୟଙ୍କ ଉପସ୍ଥିତି ଭାରତୀୟ ସେନା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏକାଧିକ ଥର ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ନିକଟରେ ଦୁଇ ଦେଶର ସେନା କମାଣ୍ଡରଙ୍କ ମଧ୍ୟରେ ଚତୁର୍ଦ୍ଦଶ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ତରରେ ମିଳିତ ଉଦ୍ୟମ ଫଳରେ କେତେକ ଅଞ୍ଚଳରୁ ସେନା ପ୍ରତ୍ୟାହାର ହୋଇଥିବା ନରଓ୍ୱଣେ କହିଛନ୍ତି।



ମନୋଜ ମୁକୁନ୍ଦ ନରଓ୍ୱଣେ

**ସେନା ଦିବସରେ ପଡ଼ୋଶୀଙ୍କୁ ନରଓ୍ୱଣେଙ୍କ ଚେତାବନୀ**

**ଭାରତର ଧୈର୍ଯ୍ୟକୁ କେହି ପରୀକ୍ଷା ନ କରନ୍ତୁ**

୧୯୪୯ ଜାନୁୟାରୀ ୧୫ରେ ବ୍ରିଟିଶ କମାଣ୍ଡର-ଇନ୍-ଚିଫ୍‌ଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କେ.ଏମ୍. କାରିଆପନ୍ନା ଭାରତର ପ୍ରଥମ କମାଣ୍ଡର-ଇନ୍-ଚିଫ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେଣୁ ଏହି ଦିନକୁ ସେନା ଦିବସ ଭାବେ ପାଳନ କରାଯାଇଆସୁଛି। ସୀମାରେ ସ୍ଥିତି ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଭଲ ଅଛି। ତଥାପି ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଭାରତ ମଧ୍ୟରେ ଅନୁପ୍ରବେଶ କରାଇବା ଲାଗି ଉଦ୍ୟମ ଜାରି ରଖିଛି ବୋଲି ସେନାମୁଖ୍ୟ କହିଛନ୍ତି। ଅନୁପ୍ରବେଶ ପାଇଁ ପାକ୍ ଅଧିକୃତ କଶ୍ମୀରର ବିଭିନ୍ନ ଲଞ୍ଚ ପ୍ୟାଡ୍ ଓ ପ୍ରଶିକ୍ଷଣ ଶିବିରରେ ୩୦୦ରୁ ୪୦୦ ଆତଙ୍କବାଦୀ ଅପେକ୍ଷା କରି ରହିଛନ୍ତି। ସେନା କାର୍ଯ୍ୟାନୁଷ୍ଠାନରେ ମୋଟ ୧୪୪ ଆତଙ୍କବାଦୀ ନିହତ ହୋଇଛନ୍ତି। ତୁଷାରାବୃତ୍ତ ପାର୍ବତ୍ୟାଞ୍ଚଳରେ ମୁତୟନ ରହି ଦେଶକୁ ସୁରକ୍ଷା ଦେଉଥିବା ଯବାନମାନଙ୍କ ମନୋବଳ ବହୁ ଊର୍ଦ୍ଧ୍ୱରେ। ଆମର ଧୈର୍ଯ୍ୟ ଆମ ଆତ୍ମବିଶ୍ୱାସର ପ୍ରତୀକ। କେହି ଏହାକୁ ପରୀକ୍ଷା କରିବାର ଭୁଲ୍ ନ କରନ୍ତୁ ବୋଲି ଜେନେରାଲ ନରଓ୍ୱଣେ କହିଛନ୍ତି।

### ଭାରତରୁ 'ବ୍ରହ୍ମୋସ୍' କିଣିବ ଫିଲିପାଇନ୍ସ





**ନୂଆଦିଲ୍ଲୀ, ୧୫।୧**

ଦକ୍ଷିଣ ଚାଇନା ସାଗରକୁ ନେଇ କିଛି ମାସ ହେଲା ଚାଇନା ସହ ଫିଲିପାଇନ୍ସର ବିବାଦ ଲାଗିରହିଥିବାବେଳେ ଭାରତ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି। ଫିଲିପାଇନ୍ସକୁ ୩୭୫ ମିଲିୟନ ଡଲାର (ପ୍ରାୟ ୨,୭୭୦ କୋଟି ଟଙ୍କା)ରେ ଭାରତ ଅନ୍ୟତମ ଦ୍ରୁତତମ ସୁପରସୋନିକ୍ ଆଣ୍ଟି-ଶିପ୍ କ୍ରୁଜ୍ ମିଶାଇଲ ରପ୍ତାନି କରିବାକୁ ସ୍ଥିର ହୋଇଛି। ସୂଚନା ଅନୁସାରେ, ଫିଲିପାଇନ୍ସର ପ୍ରତିରକ୍ଷା ବିଭାଗ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରାଇଭେଟ ଲିମିଟେଡ୍‌କୁ 'ନୋଟିସ୍ ଅଫ୍ ଆୱାର୍ଡ' ଜାରି କରିଛି। ଆସନ୍ତା ସପ୍ତାହରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇପାରେ। ଚାଇନାର ଉଦ୍ଦେଶ୍ୟକୁ ପ୍ରତିହତ କରିବା ପାଇଁ ଫିଲିପାଇନ୍ସ ଏହାର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମୁତୟନ କରିପାରେ। ରୁଷିଆ ସହଯୋଗରେ ନିର୍ମିତ ବ୍ରହ୍ମୋସ୍ ମିଶାଇଲ ଶବ୍ଦର ଗତିରୁ ୩ ଗୁଣା ବେଗରେ ୨୯୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରିବ। ଫିଲିପାଇନ୍ସକୁ ବ୍ରହ୍ମୋସ୍ ମିଶାଇଲ ରପ୍ତାନି ହେବା ପରେ ଆସିଆନ୍ ଦେଶଗୁଡ଼ିକୁ ମଧ୍ୟ ଏହି ରପ୍ତାନି ପାଇଁ ବାଟ ଫିଟିବ।

## କଟକଣା ନ ମାନି ଜାଲ୍ଲିକାଟୁ ପାଳନ

**ଚିତ୍ତୋର, ୧୫।୧**

ଦେଶରେ କୋଭିଡ୍ ସଂକ୍ରମଣ ମାଡ଼ି ଚାଲିଥିବାବେଳେ ଆନ୍ଧ୍ରପ୍ରଦେଶରେ ପାରମ୍ପରିକ ଷଣ୍ଢ ଲଢ଼େଇ ପ୍ରତିଯୋଗିତା ଜାଲ୍ଲିକାଟୁ ଆୟୋଜନ କରାଯାଇଛି। ଏହି ସମାରୋହରେ କରୋନା ଗାଇଡଲାଇନ ଉଲ୍ଲଂଘନ କରି ବହୁ ସଂଖ୍ୟାରେ ଲୋକ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ଶନିବାର ଜାଲ୍ଲିକାଟୁର ଦ୍ୱିତୀୟ ଦିନରେ ଚିତ୍ତୋରରେ ପ୍ରବଳ ଗହଳି ଜମିଥିଲା। ରାମଚନ୍ଦ୍ରପୁରମ୍‌ରେ ଆୟୋଜିତ ଏହି ବାର୍ଷିକ ସଂକ୍ରାନ୍ତି ଖେଳ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ମାସ୍କ ପିନ୍ଧି ନ ଥିବାବେଳେ ସାମାଜିକ ଦୂରତ୍ୱ ନିୟମ ମଧ୍ୟ ପାଳନ ହୋଇ ନ ଥିଲା। ପଡ଼ୋଶୀ ତାମିଲନାଡୁରେ ମଧ୍ୟ ଜାଲ୍ଲିକାଟୁ ପାଳନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ ଜାରି ହୋଇଛି।



ତ୍ରିଚିଠାରେ ଜାଲ୍ଲିକାଟୁ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବକମାନେ ଷଣ୍ଢକୁ କାବୁ କରିବାକୁ ଉଦ୍ୟମ କରୁଛନ୍ତି।

## ଷଣ୍ଢ ଆକ୍ରମଣରେ ମାଲିକ ମୃତ

**୫୦ ଆହତ**

**ତ୍ରିଚି ୧୫।୧**

ଜାଲ୍ଲିକାଟୁ ପ୍ରତିଯୋଗିତା ବେଳେ ତାମିଲନାଡୁର ତ୍ରିଚିଠାରେ ଏକ ଷଣ୍ଢ ଆକ୍ରମଣରେ ଏହାର ମାଲିକ ଜି. ମୀନାକ୍ଷୀ ସୁନ୍ଦରମ୍‌ଙ୍କ ଶନିବାର ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି। ଷଣ୍ଢ ଲଢ଼େଇ ଆୟୋଜକଙ୍କ କହିବା ଅନୁଯାୟୀ, ଷଣ୍ଢକୁ ବାଦିବାସଲ ଆଡ଼କୁ ନେଇ ଯାଉଥିବାବେଳେ ହଠାତ୍ ଷଣ୍ଢଟି ଜି. ସୁନ୍ଦରମ୍ ଏବଂ ସେଠାରେ ଥିବା ଲୋକଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଦିଲ୍ଲୀରେ ଓମିକ୍ରନ୍‌ର ଗୋଷ୍ଠୀ ସଂକ୍ରମଣ

**ନୂଆଦିଲ୍ଲୀ,୧୫।୧**

ଦିଲ୍ଲୀରେ ଓମିକ୍ରନ୍ ଭାରିଆଣ୍ଟର ଗୋଷ୍ଠୀ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ସଂକ୍ରମିତଙ୍କ ମଧ୍ୟରୁ ୬୧ ପ୍ରତିଶତଙ୍କର ଅନ୍ତର୍ଜାତୀୟ ଟ୍ରାଭେଲ ହିଷ୍ଟ୍ରି ନ ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ୍ ବିଲିଆରୀ ସାଇନ୍ସର ବୈଜ୍ଞାନିକମାନେ ୨୬୪ ମାମଲାର ଜିନୋମ ସିକ୍ୱେନ୍ସିଂକୁ ଅଧ୍ୟୟନ କରିଥିଲେ। ୬୧ ପ୍ରତିଶତ ସଂକ୍ରମିତ ପୂର୍ବରୁ ବିଦେଶ ଯାଇ ନ ଥିବାରୁ ସେମାନେ ସ୍ଥାନୀୟ ଅଞ୍ଚଳର ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଓମିକ୍ରନ୍ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି।

### ରାଜନୈତିକ ରାଲି ୨୨ ଯାଏ ବନ୍ଦ

**ନୂଆଦିଲ୍ଲୀ,୧୫।୧**

କରୋନା ମହାମାରୀର ତୃତୀୟ ଲହର ଚାଲିଥିବାବେଳେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସଂକ୍ରମଣ ବଢ଼ିଚାଲିଥିବାରୁ ନିର୍ବାଚନ କମିଶନ (ଇସି) ଜାନୁୟାରୀ ୧୫ ପର୍ଯ୍ୟନ୍ତ ସମସ୍ତ ରାଜନୈତିକ ସମାବେଶ ଓ ସଭା ଉପରେ ନିଷେଧାଦେଶ ଲଗାଇଥିଲେ। ଶନିବାର ସ୍ଥିତି ସମୀକ୍ଷା ପରେ ଏହି ସମୟସୀମାକୁ ୨୨ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ହଲ୍ ମଧ୍ୟରେ ଦଳୀୟ ସଭା ୩୦୦ ଲୋକରେ କିମ୍ବା ହଲ୍ ସାମର୍ଥ୍ୟର ୫୦ ପ୍ରତିଶତରେ ଅଥବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଧାର୍ଯ୍ୟ କରିଥିବା ଲୋକରେ କରିବା ପାଇଁ କୁହାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ଆଦି ନିୟମ ଅନୁପାଳନ ପାଇଁ ରାଜନୈତିକ ଦଳଗୁଡ଼ିକ ଉତ୍ତରଦାୟୀ ରହିବେ। ନିର୍ବାଚନ ହେବାକୁ ଥିବା ୫ ରାଜ୍ୟରେ ସମସ୍ତ ରାଲି, ରୋଡ୍‌ଶୋ' ଓ ଅନ୍ୟାନ୍ୟ ରାଜନୈତିକ କାର୍ଯ୍ୟକ୍ରମ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବ ଏବଂ ଏହା ପରେ ସ୍ଥିତି ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ନିର୍ବାଚନ କମିଶନ ଗତ ୮ ତାରିଖରେ କହିଥିଲେ। ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ୫ ରାଜ୍ୟର ମୁଖ୍ୟ ସଚିବ, ସ୍ୱାସ୍ଥ୍ୟ ସଚିବ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ଇସି ଏକାଧିକ ପର୍ଯ୍ୟାୟ ବୈଠକ କରିଥିଲେ। ନିର୍ବାଚନ ପାଇଁ ୧୬ ସୂତ୍ରୀ ତାଲିକାରେ ରାଲି ଓ ରୋଡ୍‌ଶୋ'କୁ ନିଷେଧ କରାଯାଇଛି। ଘରକୁ ଘର ଯାଇ ପ୍ରଚାରରେ ସୀମିତ ଲୋକ ଯୋଗଦେବେ।

## ଟ୍ରେନ୍‌ରୁ ମିଶାଇଲ ଟେଷ୍ଟ କଲା ଉତ୍ତର କୋରିଆ

**ପୋଙ୍ଗ୍‌ୟାଙ୍ଗ୍, ୧୫।୧:** ଆମେରିକା ପକ୍ଷରୁ ଲଗାଯାଇଥିବା କଟକଣାର ଜବାବ ଦେବାକୁ ଯାଇ ଉତ୍ତର କୋରିଆ ଟ୍ରେନ୍‌ରୁ ବାଲିଷ୍ଟିକ୍ ମିଶାଇଲ ପରୀକ୍ଷଣ କରିଥିବା ଶନିବାର କହିଛି। ଉତ୍ତର କୋରିଆ ସମୁଦ୍ର ଆଡ଼କୁ ଦୁଇଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା ଶୁକ୍ରବାର ଦକ୍ଷିଣ କୋରିଆ ସେନା ପକ୍ଷରୁ ପ୍ରଥମେ କୁହାଯାଇଥିଲା। ଚଳିତ ମାସରେ ଉତ୍ତର କୋରିଆର ଏହା ତୃତୀୟ କ୍ଷେପଣାସ୍ତ୍ର ପରୀକ୍ଷଣ। ଏହା ପୂର୍ବରୁ ପୋଙ୍ଗ୍‌ୟାଙ୍ଗ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଉତ୍ତର କୋରିଆର ପୂର୍ବ କ୍ଷେପଣାସ୍ତ୍ର ପରୀକ୍ଷଣ ଉପରେ ଆମେରିକା ଲଗାଇଥିବା କଟକଣାକୁ ସମାଲୋଚନା କରାଯିବା ସହ ଏହାର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମନୋଭାବ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା।



# ପଜିଟିଭିଟି ହାର ୧୬.୬୬%

## ଦୈନିକ ସଂକ୍ରମଣ ୨.୬୮ ଲକ୍ଷ

**ନୂଆଦିଲ୍ଲୀ,୧୫।୧**

ଭାରତରେ ଦିନକରେ ୨,୬୮,୮୩୩ ନୂଆ କୋଭିଡ୍ ମାମଲା ଚିହ୍ନଟ ହୋଇଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମଣ ୩,୬୮,୫୦,୯୬୨ରେ ପହଞ୍ଚିଥିଲାବେଳେ ଓମିକ୍ରନ୍ ଭାରିଆଣ୍ଟ ମାମଲା ସଂଖ୍ୟା ୬,୦୪୧ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟା ମଧ୍ୟରେ କୋଭିଡ୍‌ରେ ୪୦୨ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମହାମାରୀଜନିତ ମୋଟ ମୃତ୍ୟୁ ସଂଖ୍ୟା ୪,୮୫,୭୫୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୩.୮୫ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ଆରୋଗ୍ୟ ହାର ୯୪.୮୩ ପ୍ରତିଶତ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ସକ୍ରିୟ ମାମଲା ୧,୪୫,୭୪୭ ବୃଦ୍ଧି ପାଇଛି। ଦୈନିକ ପଜିଟିଭିଟି ହାର ୧୪.୭ ପ୍ରତିଶତରୁ ବୃଦ୍ଧି ପାଇ ୧୬.୬୬ ପ୍ରତିଶତରେ ପହଞ୍ଚିଛି। ଅନ୍ୟପକ୍ଷରେ ସାପ୍ତାହିକ ପଜିଟିଭିଟି ହାର ୧୨.୮୪% ରହିଛି। ଦେଶରେ ଶନିବାର ସୁଦ୍ଧା ୧୫୬.୦୨ କୋଟି ଡୋଜ୍ କୋଭିଡ୍ ଟିକା ଦିଆଗଲାଣି।

ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ସର୍ବାଧିକ ୪୩,୨୧୧ ରହିଥିବାବେଳେ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୧,୨୪,୨୭୮ ହୋଇଥିବାବେଳେ ସକ୍ରିୟ ମାମଲା ୨,୬୫,୩୮୭ ରହିଛି। ଶୁକ୍ରବାର ଦିଲ୍ଲୀରେ ପଜିଟିଭିଟି ହାର ୩୦.୬୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହିପରି ଦକ୍ଷିଣ ଭାରତରେ ତାମିଲନାଡୁରେ ସର୍ବାଧିକ ଦୈନିକ ସଂକ୍ରମଣ ୨୩,୪୫୯ ଏବଂ କେରଳରେ ୧୬,୩୩୮ ରହିଛି।

## କୋଭିଡ୍ ଚିକିତ୍ସା ଲାଗି ନୂଆ ଔଷଧ

**ନୂଆଦିଲ୍ଲୀ,୧୫।୧**

 କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦୁଇଟି ନୂଆ ଔଷଧ ବ୍ୟବହାର କରିବାକୁ ସୁପାରିସ କରିଛି। ତାହା ହେଲା ବାରିସିଟିନିବ୍ ଏବଂ କାସିରିଭିମାବ-ଇମ୍‌ଡେଭିମାବ୍। ଗୁରୁତର କରୋନା ରୋଗୀଙ୍କୁ ବାରିସିଟିନିବ୍ ସହ କୋର୍ଟିକୋଷ୍ଟେରଏଡ୍ ଦେବା ପାଇଁ ଡବ୍ଲ୍ୟୁଏଚ୍‌ଓ ଗାଇଡ୍‌ଲାଇନରେ କୁହାଯାଇଛି। ଇଣ୍ଟରଲେଉକିନ୍-୬ ଭଳି ବାରିସିଟିନିବ୍‌ର ସମାନ ପ୍ରଭାବ ରହିଛି। ତେଣୁ ଏକ ସଙ୍ଗେ ଉଭୟ ଔଷଧ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ଗୁରୁତର ରୋଗୀଙ୍କୁ ରୁକ୍ସୋଲିଟିନିବ ଏବଂ ଟୋଫାସିଟିନିବ୍ ନ ଦେବା ଲାଗି କୁହାଯାଇଛି। ସେହିପରି ଗୁରୁତର ନ ଥିବା ରୋଗୀଙ୍କ ପାଇଁ ମନୋକ୍ଲୋନାଲ ଆଣ୍ଟିବଡି ସୋଟ୍ରୋଭିମାବ୍ ଦେବାକୁ ସର୍ତ୍ତମୂଳକ ସୁପାରିସ କରାଯାଇଛି। ସେହିପରି କମ୍ ଗୁରୁତରଙ୍କ ପାଇଁ ଅନ୍ୟତମ ମନୋକ୍ଲୋନାଲ ଆଣ୍ଟିବଡି ଔଷଧ କାସିରିଭିମାବ୍-ଇମ୍‌ଡେଭିମାବ୍ ଦେବାକୁ ଡବ୍ଲ୍ୟୁଏଚ୍‌ଓ ସୁପାରିସ କରିଛି। ଭାରତରେ କୋଭିଡ୍‌ର ଜରୁରୀ ଚିକିତ୍ସା ଲାଗି କର୍ବେଭାକ୍ସ, କୋଭୋଭାକ୍ସ କୋଭିଡ୍ ଟିକା ଏବଂ ମଲନୁପିରାଭିର ଆଣ୍ଟି ଭାଇରାଲ ଔଷଧ ବ୍ୟବହାର କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମୋଦନ କରିଥିଲା।



ଭାରତର ନିୟତି ହେଉଛି ବିଶ୍ୱକୁ ଏଇ ଶିକ୍ଷା ଦେବା ଯେ,
ଜଡବସ୍ତୁ ଯଦି ଆତ୍ମାକୁ ପ୍ରକାଶ କରି ନ ପାରେ–ତେବେ ତାହା
ଅସତ ଓ ଗୁରୁତ୍ୱହୀନ। –ଶ୍ରୀମା

# ବାହ୍ୟଚାପ



ଆକାର ପଟେଲ

ପାକିସ୍ତାନ ତା’ ଜାତୀୟ ସୁରକ୍ଷା ନୀତି ୨୦୨୨–୨୬ ପ୍ରକାଶ କରିଛି। ପାକିସ୍ତାନର ଜାତୀୟ ସୁରକ୍ଷା ପରାମର୍ଶଦାତା ମୋଇଦ ୟୁସୁଫ୍ ଓ ଅନ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟର ଅଧା ସାଧାରଣରେ ପ୍ରକାଶ କରାଯାଇଥିବାବେଳେ ଆଉ ଅଧା ଗୁପ୍ତ ରଖାଯାଇଛି। ଉକ୍ତ ଡକ୍ୟୁମେଣ୍ଟ ଆର୍ଥିକ ସୁରକ୍ଷାକୁ ଗୁରୁତ୍ୱ ଦେଇ କହିଛି ଯେ, ପାରମ୍ପରିକ ସୁରକ୍ଷା ହିଁ ଆର୍ଥିକ ସମୃଦ୍ଧିର ଏକମାତ୍ର ବାଟ। ଏହା ମଧ୍ୟ ସ୍ୱାସ୍ଥ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ଜଳାଭାବ, ଖାଦ୍ୟ ସୁରକ୍ଷା ଏବଂ ଲିଙ୍ଗଗତ ସୁରକ୍ଷା ସମ୍ପର୍କରେ କହିଛି। ଗୋଟିଏ ସମାଜର ସ୍ଥିରତା ଏବଂ ଜାତୀୟ ସଦ୍‌ଭାବନାକୁ ଦୁର୍ବଳ କରିବାର ତୀବ୍ର ପ୍ରୟାସ ହିଁ ସନ୍ତ୍ରାସବାଦ ବୋଲି ସୂଚାଇ ଦେଇଛି। ଏହା ମଧ୍ୟ ଦର୍ଶାଇଛି ଯେ, ଆଭ୍ୟନ୍ତରୀଣ ସୁରକ୍ଷା ନୀତିର ଲକ୍ଷ୍ୟଗୁଡ଼ିକ ହେଉଛି ନାଗରିକମାନଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷାର ଗ୍ୟାରେଣ୍ଟି ପାଇଁ ଦେଶର ପ୍ରଶାସନିକ ଓ ନ୍ୟାୟିକ ନିର୍ଦ୍ଦେଶକୁ ସୁନିଶ୍ଚିତ କରିବା। ସନ୍ତ୍ରାସବାଦ, ଉଗ୍ର ଗୋଷ୍ଠୀଗତ ଜାତୀୟତାବାଦ, ସାମ୍ପ୍ରଦାୟିକତା ଏବଂ ଯୋଜନାବଦ୍ଧ ଅପରାଧ ବିରୋଧୀ ଲଢେଇକୁ ଏହା ପ୍ରାଥମିକତା ଦେଇଛି। ପାକିସ୍ତାନ କିପରି ପର୍ଯ୍ୟଟକ, ନିବେଶକ, ବ୍ୟବସାୟ ଓ ବୌଦ୍ଧିକ କାର୍ଯ୍ୟକଳାପର ଏକ ସୁରକ୍ଷିତ ସ୍ଥଳୀ ପାଲଟିବ ତାହା ନିଶ୍ଚିତ କରିବା ସହ ବହିର୍ବ୍ୟାପାର କ୍ଷେତ୍ରରେ ପାରସ୍ପରିକ ବୁଝାମଣା ଏବଂ ସାର୍ବଭୌମତ୍ୱ ସମାନତାର ଆଧାରରେ ପଡୋଶୀ ଦେଶଗୁଡ଼ିକ ସହିତ ସମ୍ପର୍କକୁ ସ୍ୱାଭାବିକ କରି ଆଞ୍ଚଳିକ ଶାନ୍ତି ଆଶା କରିବା ଉପରେ ଜୋର୍ ଦେଇଛି। ଚାଇନା କରିଡର ଦ୍ୱାରା ପାକିସ୍ତାନ ଏବେ ପରିବର୍ତ୍ତନର ଦ୍ୱାରଦେଶରେ। କରିଡର ପାକିସ୍ତାନ ଅଧିକୃତ କଶ୍ମୀର ଦେଇ ଆରବିୟାନ ସି’ ସହ ଚାଇନାକୁ ସଂଯୋଗ କରିବ। ଯଦି ଆଫଗାନିସ୍ତାନରେ ସ୍ଥିରତା ଆସେ ତେବେ ଏହା ପାକିସ୍ତାନକୁ କେନ୍ଦ୍ର ଏସିଆ ସହ ସଂଯୋଗ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଆମ ଜାତୀୟ ସୁରକ୍ଷା ନୀତି ପ୍ରଭାବିତ ହେଉଛି କି ନାହିଁ ସେଥିପାଇଁ ଭାରତ ସରକାରଙ୍କୁ ଦେଖିବାକୁ ପଡ଼ିବ। ଏହା କରିବା ଲାଗି ଆମ ପାଖରେ ଏକ ଜାତୀୟ ସୁରକ୍ଷା ନୀତି ରହିବା ଆବଶ୍ୟକ, ଯାହା ଆମ ପାଖରେ ନାହିଁ। ପୂର୍ବତନ ସେନାଧ୍ୟକ୍ଷ ପ୍ରକାଶ ମେନନ୍ କହିଛନ୍ତି ଯେ, ପାକିସ୍ତାନ ପ୍ରତି ଭୟ ସୃଷ୍ଟି କରିବା ପାଇଁ ବହୁ ଦଶନ୍ଧି ଧରି ଆମ ସେନାକୁ ଭାରତୀୟ ରାଜନୀତି ମାର୍ଗଦର୍ଶନ କରିଆସିଛି। କିନ୍ତୁ ଏବେ ଚାଇନା ଆଡୁ ବିପଦ ଥିବାରୁ ଏଥିରେ ପରିବର୍ତ୍ତନ ହୋଇଛି। ମିଲିଟାରି ଅଧିକାର ଦ୍ୱାରା ରାଜନୈତିକ ଉଦ୍ଦେଶ୍ୟଗୁଡ଼ିକ ହାସଲ କରିବାର ସମ୍ଭାବନା ରହିଛି ବୋଲି ୨୦୦୯ରେ ‘ରକ୍ଷା ମନ୍ତ୍ରୀଙ୍କ ଡାଇରେକ୍ଟିଭ୍’ ଡକ୍ୟୁମେଣ୍ଟରେ କୁହାଯାଇଥିଲା। ସେହି ଡାଇରେକ୍ଟିଭ୍‌ରେ ମେନନ୍ ଉଲ୍ଲେଖ କରିଥିଲେ ଯେ, ଏକ ସ୍ୱଷ୍ଟ ଜାତୀୟ ସୁରକ୍ଷା ରଣନୀତିର ଅଭାବ ରହିଛି ଓ ବହୁଦିନ ହେବ ଆରମ୍ଭ କରାଯାଇପାରୁ ନାହିଁ। ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଅଧ୍ୟକ୍ଷତାରେ ଗଠିତ ଡିଫେନ୍ସ ପ୍ଲାନିଂ କମିଟିକୁ ଦୁଇବର୍ଷ ପୂର୍ବେ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ଏବେ ସୁଦ୍ଧା କିଛି ସୁଫଳ ମିଳିନାହିଁ।

୨୦୧୮ରେ ଭାରତ ସରକାର ଡୋଭାଲଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ପ୍ଲାନିଂ କମିଟି ଗଠନ କରିଥିଲେ। ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଡିଫେନ୍ସ ଷ୍ଟାଫ୍, ତିନି ସେନାର ମୁଖ୍ୟ ଏବଂ ଅର୍ଥ ମନ୍ତ୍ରଣାଳୟର ସଚିବମାନେ ଥିଲେ। ଜାତୀୟ ପ୍ରତିରକ୍ଷା ଏବଂ ସୁରକ୍ଷାକୁ ପ୍ରାଥମିକତା ଦେବା, ଅତ୍ୟାବଶ୍ୟକ ବୈଦେଶିକ ନୀତି, ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତା, ଉପଯୋଗୀ ରଣନୀତି ଓ ସୁରକ୍ଷା ସମ୍ପର୍କିତ ସିଦ୍ଧାନ୍ତ, ପ୍ରତିରକ୍ଷା କ୍ଷମତା ଏବଂ ଭିତ୍ତିଭୂମି ବିକାଶ ଯୋଜନା, ଜାତୀୟ ସୁରକ୍ଷା ରଣନୀତି, ଯୋଜନାବଦ୍ଧ ପ୍ରତିରକ୍ଷା ସମୀକ୍ଷା ଓ ସିଦ୍ଧାନ୍ତ, ଅନ୍ତର୍ଜାତୀୟ ପ୍ରତିରକ୍ଷା ବ୍ୟବସାୟିକ ରଣନୀତି ଏବଂ ଆହୁରି ଅନେକ ବିଷୟରେ ଧ୍ୟାନ ଦେବାର ବ୍ୟାପକ ଦାୟିତ୍ୱ ରହିଥିଲା କମିଟିର। ୩ ମେ ୨୦୧୮ରେ ଏହି କମିଟିର ବୈଠକ ଥରେ ଅନୁଷ୍ଠିତ ହୋଇଥିଲା ଓ ଏହାପରେ ଆଉ ହୋଇନାହିଁ। ଜାନୁୟାରୀ ୨୦୨୧ରେ ଥିଙ୍କ ଟ୍ୟାଙ୍କ୍ କୁହାଯାଉଥିବା ନୀତି ଆୟୋଗ ଜଣେ ଅବସରପ୍ରାପ୍ତ ସେନାଧ୍ୟକ୍ଷଙ୍କ ଦ୍ୱାରା ଏକ ରିପୋର୍ଟ ପ୍ରସ୍ତୁତ ମଧ୍ୟ କରିଥିଲେ। ସେନାରେ ଆରମ୍ଭ କରାଯାଇଥିବା ପରିବର୍ତ୍ତନ ସରକାରଙ୍କୁ ତାଙ୍କ ରଣନୀତି ଓ ସେନା ବିଚକ୍ଷଣତା ପ୍ରଦର୍ଶନ କରିବା ଲାଗି ସୁଯୋଗ ଦେଇଛି ବୋଲି ଏଥିରେ ସେ ଉଲ୍ଲେଖ କରିଥିଲେ। ଚିଫ୍ ଡିଫେନ୍ସ ଷ୍ଟାଫ୍‌ଙ୍କୁ ଏକ ପ୍ରତିରକ୍ଷା ରଣନୀତି ସ୍ୱଷ୍ଟ କରିବାକୁ ପଡ଼ିବ ବୋଲି ଉକ୍ତ ରିପୋର୍ଟର ସିଦ୍ଧାନ୍ତ ଥିଲା।

୨୦୨୦ରେ ଚାଇନା ଚାପରେ ଭାରତ ତା’ ଜାତୀୟ ସୁରକ୍ଷା ରଣନୀତି ପରିବର୍ତ୍ତନ କରିବାକୁ ବାଧ୍ୟ ହେଲା। ଆର୍ମିର ଧ୍ୟାନ ଅନୁପ୍ରବେଶ ମୁକାବିଲାରୁ ହଟିଯାଇ ପାରମ୍ପରିକ ଯୁଦ୍ଧ ଆଡ଼କୁ ଚାଲିଗଲା। ଚାଇନା ଭାରତର ମୁଖ୍ୟ ଶତ୍ରୁ ବୋଲି ଜୁନ ୨୦୨୧ରେ ପୂର୍ବତନ ଚିଫ୍ ଡିଫେନ୍ସ ଷ୍ଟାଫ୍ ବିପିନ ରାୱତ ସ୍ୱୀକାର କରିଥିଲେ। ସେ କହିଥିଲେ, ଏକ ଉନ୍ନତ ସୁରକ୍ଷା ବଳ, ବିକଶିତ ପ୍ରଯୁକ୍ତି ଥିବା ଦେଶ ଯଦି ତୁମର ପଡୋଶୀ ହୋଇଥିବ ତେବେ ତାହାକୁ ଲକ୍ଷ୍ୟ କରି ତୁମେ ନିଜକୁ ପ୍ରସ୍ତୁତ କରିବା ସ୍ୱାଭାବିକ। ଏହା ଡୋଭାଲଙ୍କ ସିଦ୍ଧାନ୍ତର ବିପରୀତ। ତାଙ୍କ ମତରେ, ସନ୍ତ୍ରାସବାଦ ଭାରତର ଜାତୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଏବଂ ପାକିସ୍ତାନ ହିଁ ବଡ଼ ଶତ୍ରୁ। ହେଲେ ଚାଇନା ଚାପରେ ଗତବର୍ଷ ଫେବୃୟାରୀରେ, ଆଶ୍ଚର୍ଯ୍ୟଜନକ ଭାବେ, ଭାରତ ଓ ପାକିସ୍ତାନ ମିଳିତ ଭାବେ ଘୋଷଣା କରିଥିଲେ ଯେ, ସେମାନେ ନିୟନ୍ତ୍ରଣ ରେଖାରେ ଅସ୍ତ୍ର ବିରତି ପାଳନ କରିବେ। ଲଦାଖର ଘଟଣାଗୁଡ଼ିକ ଦୁଇଟି ବିଷୟକୁ ଏହା ସ୍ୱଷ୍ଟ କରିଥିଲା। ପ୍ରଥମରେ ଭାରତ ନିୟନ୍ତ୍ରଣ ରେଖାରୁ ତା’ଧ୍ୟାନ ହଟାଇ ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ ପ୍ରତି ଗୁରୁତ୍ୱ ଦେଇଛି। ଏବେ ମୋଟରେ ୨ ଲକ୍ଷ ଭାରତୀୟ ସୈନ୍ୟ ଚାଇନା ସୀମାରେ ରହିଛନ୍ତି। ଦ୍ୱିତୀୟରେ ନାଭିରୁ ସଂସାଧନ ସ୍ଥଳ ସୀମାକୁ ସ୍ଥାନାନ୍ତର କରିବାକୁ ଭାରତ ବାଧ୍ୟ ହୋଇଛି। ଏହା ଚାଇନା ବିରୋଧୀ କ୍ୱାଡ୍ ଓ ଅକୁସ ସାମରିକ ମେଣ୍ଟରେ ଭାରତର ପଦାବନତରୁ ସ୍ୱଷ୍ଟ ହୋଇଛି। ଏହି ସବୁ ପରିବର୍ତ୍ତନ ଜାତୀୟ ସୁରକ୍ଷା ନୀତି ନୁହେଁ, ବରଂ ବାହ୍ୟ ଚାପ ଯୋଗୁ ହୋଇଛି। ଏଥିରୁ ବୁଝାପଡୁଛି ଯେ, ବାହ୍ୟଚାପ ତଥା ତଜ୍ଜନିତ ଘଟଣାଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ସେଗୁଡ଼ିକର ପୂର୍ବାନୁମାନ କରିବା ପରିବର୍ତ୍ତେ ଆମକୁ ଏକ ନିର୍ଦ୍ଦିଷ୍ଟ ଦିଗରେ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଉଛି। ପାକିସ୍ତାନ ଓ ତା’ଜାତୀୟ ସୁରକ୍ଷା ନୀତି ୨୦୨୨–୨୬କୁ ଦୃଷ୍ଟିରେ ରଖି ଏହି ସବୁ ବିଷୟଗୁଡ଼ିକ ଉପରେ ଚିନ୍ତା କରିବାକୁ ପଡ଼ିବ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | 3 | | | |
| | 1 | | | | 8 | | | 6 |
| | | 3 | | | 4 | | 1 | |
| | | | | | | | | |
| 3 | 7 | | | 6 | | 5 | | |
| 9 | 2 | | | | | | | 4 |
| | 5 | 7 | | | | 2 | 3 | |
| | 9 | 1 | 7 | | | | 5 | |
| | | | | | 6 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 7 | 4 | 1 | 3 | 6 | 2 |
| 2 | 1 | 7 | 6 | 9 | 3 | 5 | 4 | 8 |
| 3 | 4 | 6 | 8 | 5 | 2 | 9 | 1 | 7 |
| 1 | 5 | 2 | 3 | 7 | 9 | 6 | 8 | 4 |
| 8 | 7 | 9 | 2 | 6 | 4 | 1 | 3 | 5 |
| 6 | 3 | 4 | 5 | 1 | 8 | 7 | 2 | 9 |
| 5 | 2 | 1 | 9 | 8 | 6 | 4 | 7 | 3 |
| 4 | 9 | 8 | 1 | 3 | 7 | 2 | 5 | 6 |
| 7 | 6 | 3 | 4 | 2 | 5 | 8 | 9 | 1 |

ଗତ କାଲିର ଉତ୍ତର

# ଚନ୍ଦା ଦେଶେ ଗଲି ପାନିଆ ବିକି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଶୀର୍ଷକଟି ଆମ ଲୋକକଥାରେ ବହୁଳ ଭାବେ ପ୍ରସାରିତ ‘ଅନ୍ଧ ଦେଶେ ଗଲି ଦର୍ପଣ ବିକି’ ପରି ଆଉ ଏକ କଟାକ୍ଷ, ଯାହା ସାମ୍ପ୍ରତିକ ଜନଜୀବନରେ ଉପଭୋକ୍ତାଙ୍କ ରୁଚିକୁ ବହୁ ଭାବେ ପ୍ରଭାବିତ କରୁଥିବା ବିବିଧବର୍ଣ୍ଣା ବିଜ୍ଞାପନ ବିରୋଧରେ ଅଭିପ୍ରେତ। ଆଧୁନିକରୁ ଅତ୍ୟାଧୁନିକ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ମଣିଷ ପାଇଁ ବିଜ୍ଞାପନ ଏବେ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମରେ ପରିଣତ ହୋଇଯାଇଛି। ବିଜ୍ଞାପନ ଏମିତି ଏକ ମାଧ୍ୟମ, ଯାହା ବଳରେ ତୁନ୍ଦ୍ରା ଅଞ୍ଚଳର ଅଧିବାସୀ ଏସ୍କିମୋ ଜଣକୁ ମଧ୍ୟ ଫ୍ରିଜ୍‌ଟାଏ କିଣିନେବାକୁ ବିବଶ କରିହେବ। ପୁଣି ବିଜ୍ଞାପନ ଏମିତି ଏକ ସାଧନ, ଯାହା ମାଧ୍ୟମରେ ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଦର୍ପଣ ବା ମୁଣ୍ଡରେ ଗୋଟିଏ ବୋଲି କେଶ ନ ଥିବା ଚନ୍ଦା ଲୋକଟିକୁ ମଧ୍ୟ ପାନିଆଟିଏ ବିକି ଦେଇହେବ। ସମ୍ବାଦପତ୍ର, ଟିଭି ବା ରେଡିଓ ଭଳି ଗଣମାଧ୍ୟମଠାରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟସ୍‌ଆପ୍ ବା ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ଜରିଆରେ ସୁଷମ ଭାବେ ଲାଳିତ ହେଉଥିବା ଏହି ବିଜ୍ଞାପନ ବିପଣିର ପରିସର ଏତେ ବିସ୍ତାରିତ ଯେ ବିଜ୍ଞାପନ ବିରୋଧରେ ଯେତେ ଚିତ୍କାର କଲେ ବି ତାହା ପବନରେ ମିଳେଇଯିବ ସିନା, ବିଜ୍ଞାପନ ଭେଳିକିରୁ ଗ୍ରାହକର ରୁଚିକୁ କେବେ ବି ମୁକ୍ତ କରିପାରିବ ନାହିଁ।

ଗତ ଦୁଇବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସମଗ୍ର ବିଶ୍ୱକୁ ସଂତ୍ରସ୍ତ କରି ରଖିଥିବା କରୋନା ମହାମାରୀର ପ୍ରଭାବ ମଣିଷର ଜୀବନ ଓ ଜୀବିକାକୁ କେତେ ମାତ୍ରାରେ ଦୋହଲାଇ ଦେଇଛି, ତାହା ତ ଆମ ଆଖିଦେଖା କଥା। ଅକାଳରେ ଅପସରି ଯାଇଛି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ। ବଦଳିଯାଇଛି ବଞ୍ଚି ଯାଇଥିବା ଅବଶିଷ୍ଟ ଲୋକଙ୍କ ଜୀବନର ପରିଭାଷା। କେବଳ ଚାରିଦଉଡ଼ିକଟା ଅମାନିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଅଧିକ ଜୀବନମନସ୍କ ଓ ସ୍ୱାସ୍ଥ୍ୟ ସଚେତନ ହୋଇଯାଇଛନ୍ତି। କାଳେ କେତେବେଳେ କରୋନା ସେମାନଙ୍କ ଆଡ଼କୁ ମାଡ଼ି ଆସିବ, ଏ ନେଇ ସଭିଏ ଏକ ବାଧ୍ୟ ସତର୍କତାରେ ଆକ୍ରାନ୍ତ। ଏମନ୍ତ ସମୟରେ ଲୋକଙ୍କ କରୋନା ଭୟ ଓ ତାକୁ ନେଇ ଗଢ଼ି ଉଠୁଥିବା ସତର୍କତାକୁ ପୁଞ୍ଜି କରି ବେପାର କରିବାକୁ ଆଗେଇ ଆସିଛନ୍ତି କିଛି ଲାଭଖୋର ବେପାରୀ। ସେମାନଙ୍କ ଉତ୍ପାଦିତ ବସ୍ତୁଗୁଡ଼ିକ ପ୍ରତି ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ପାଇଁ ବିଜ୍ଞାପନରେ ଯୋଡ଼ି ହୋଇଯାଇଛି ଏକ ବିଶେଷ ଉପାଦାନ– ଇମ୍ୟୁନିଟିବର୍ଦ୍ଧକ। ଅଟା, ଚାଉଳ, ଡାଲି, ମସଲା ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀଠୁ ଆରମ୍ଭ କରି ଦାନ୍ତଘଷା ପେଷ୍ଟ ଓ ହାତଧୁଆ ସାବୁନଯାଏ ସବୁ ବିଜ୍ଞାପିତ ବସ୍ତୁମାନଙ୍କରେ ଭରି ରହିଛି ‘ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି’। କରୋନା ସଙ୍କଟରେ ଆତଙ୍କିତ ଖାଉଟିମାନଙ୍କୁ ଜୀବନର ମୋହ ଓ ମୃତ୍ୟୁର ଭୟ ଦେଖାଇ ନିଜ ସାମଗ୍ରୀ ପ୍ରତି ଆକର୍ଷିତ କରିବାର କି ବିଚିତ୍ର ବେପାରୀ ବୁଦ୍ଧି!

ବେପାର ପାଇଁ ବିଜ୍ଞାପନର ଆବଶ୍ୟକତା ଏତେ ଅଧିକ ଯେ, ପ୍ରଥମେ ଯୋଗଗୁରୁ ଭାବେ ପ୍ରସିଦ୍ଧି ହାସଲ କରି ପରେ ବିଶାଳ ବେପାର ସାମ୍ରାଜ୍ୟର ଅଧିପତି ହୋଇଥିବା ଜଣେ ବାବାଜି ନିଜେ ବିଜ୍ଞାପନରେ ଆବିର୍ଭୂତ ହୋଇ ନିଜ ଉତ୍ପାଦିତ ଘିଅ ମହୁ ସହ ବିଭିନ୍ନ କିସମର ଖାଇବା ତେଲ, ଏପରି କି ଦାନ୍ତଘଷା ପେଷ୍ଟ ଭିତରେ ବି ଇମ୍ୟୁନିଟିବର୍ଦ୍ଧକ ଉପାଦାନ ଅଛି ବୋଲି ଦାବି କରନ୍ତି। ହଁ, ନ କରିବେ ବା କାହିଁକି! ଯେତେବେଳେ ଫିଲ୍ମଷ୍ଟାର ଓ କ୍ରିକେଟରମାନେ ବିଭିନ୍ନ ଦ୍ରବ୍ୟର ବିଜ୍ଞାପନରେ ଉଭା ହୋଇ ଗ୍ରାହକମାନଙ୍କ ରୁଚିକୁ ପ୍ରଭାବିତ କରିବାର ସାମର୍ଥ୍ୟ ରଖନ୍ତି, ସେତେବେଳେ ଉପଭୋକ୍ତାଙ୍କ ଚେତନାରେ ସ୍ୱଦେଶୀ ଭାବନା ଜାଗ୍ରତ କରି ସମ୍ପୂର୍ଣ୍ଣ ଦେଶୀୟ ଉପାଦାନରେ ପ୍ରସ୍ତୁତ ନିଜ ଉତ୍ପାଦନ ପ୍ରତି ଗ୍ରାହକଙ୍କୁ ଆକର୍ଷିତ କରିବାରେ ଜଣେ ସନ୍ନ୍ୟାସୀ ବା କାହିଁକି ପଛରେ ପଡ଼ନ୍ତେ? ସୁତରାଂ ବ୍ୟବସାୟିକ ଲକ୍ଷ୍ୟ ନେଇ ଯିଏ ଯା’ ବାଟରେ ଆଗେଇ ଚାଲନ୍ତି।

ବିଜ୍ଞାପନ ବିପଣିରେ ବହୁ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ। ଇନ୍ଦ୍ରଜାଲର ଭେଳିକି ଭଳି ମାୟାଦର୍ପଣରେ ପ୍ରଦର୍ଶିତ କିଛି ବିଜ୍ଞାପନର ମାୟା ସହ ପ୍ରକୃତ ବାସ୍ତବତାର ସାମାନ୍ୟ ସମ୍ପର୍କ ନ ଥାଏ। ଅଥଚ ଆଶ୍ଚର୍ଯ୍ୟର ବିଷୟ ଏହା ଯେ, ମାୟାଦର୍ପଣର ମାୟାଜାଲରେ ଛନ୍ଦି ହୋଇ ଅତ୍ୟନ୍ତ ମୁଗ୍ଧ ଚିତ୍ତରେ ଅବାସ୍ତବକୁ ବାସ୍ତବ ବୋଲି ଗ୍ରହଣ କରିନିଅନ୍ତି ଗ୍ରାହକ। କେଉଁଠି ନିଜ ତ୍ୱଚାର ଶ୍ୟାମଳ ରଙ୍ଗ ପାଇଁ ବାହା ହୋଇପାରୁ ନ ଥିବା ଝିଅ ବିଜ୍ଞାପିତ କ୍ରିମ୍ ଲଗାଇ ଐଶ୍ୱର୍ଯ୍ୟା ରାୟଙ୍କ ପରି ସୁନ୍ଦରୀ ହେବାର ଆଶା ରଖନ୍ତି ତ ପୁଣି ଅନ୍ୟ କେଉଁଠି ବିଦ୍ୟା ବଲାନ୍‌ଙ୍କ କେଶ ପରି କେଶର ଅଧିକାରିଣୀ ହେବାକୁ ମନ ବଳାନ୍ତି। କେଉଁଠି ପୋଷକ ଗୁଣ୍ଡ ଖାଇ ନିଜ ଶରୀରରେ ଥିବା କ୍ୟାଲସିୟମ ଅଭାବକୁ ପୂରଣ କରନ୍ତି ବା ମା’ଙ୍କ ସହିତ ଦୌଡ଼ ପ୍ରତିଯୋଗିତାରେ ଶିଶୁଟିଏ ମାଆଙ୍କୁ ଟପି ଆଗକୁ ଚାଲିଯାଆନ୍ତି। ପୁଣି କେଉଁଠି କେଉଁ ସାବୁନରେ ହାତ ଧୋଇଲେ କେବେ ବି ପେଟରୋଗ ହେବ ନାହିଁ ବୋଲି ମନେକରନ୍ତି ତ ଅନ୍ୟ କେଉଁଠି କେଉଁ ପ୍ରକାଶନର ଟେଷ୍ଟପେପର ପଢ଼ିଲେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିବାର ଆଶା ରଖନ୍ତି!

ଏମିତି ବହୁ ବିପଣିର ବହୁବିଧ ବିଜ୍ଞାପନ। ପ୍ରତ୍ୟେକ ବିଜ୍ଞାପନରେ ନିର୍ଭରଶୀଳତାର ପ୍ରତ୍ୟୟ ଓ ପ୍ରତିଶ୍ରୁତି। ଯଦି ବି ପୂର୍ବରୁ କୌଣସି ଉତ୍ପାଦନ କେବେ କାହାକୁ ପ୍ରତାରିତ କରିଥାଏ, ତେବେ ନୂଆ ବିଜ୍ଞାପନରେ ଉତ୍ପାଦିତ ବସ୍ତୁଟି ପୂର୍ବରୁ ‘ନୂତନ’ ବା ‘ଉନ୍ନତ’ ଭଳି ଶବ୍ଦଟିଏ ଯୋଡ଼ିଦେଲେ ସବୁ କାଳିମା ଅଚିରେ ଧୋଇ ହୋଇଯାଏ। ବିଜ୍ଞାପନରେ ସ୍ୱଷ୍ଟ ଭାବେ ଜଣାଇ ଦିଆଯାଏ ଯେ, ବସ୍ତୁଟିର ମାନ ଗୁଣ ପୂର୍ବରୁ ଯାହା ଥିଲା, ଏବେ ଆଉ ତାହା ନାହିଁ। ଗବେଷଣାଗାରରେ ବହୁ ପରୀକ୍ଷାନିରୀକ୍ଷା କରାଯାଇ ବସ୍ତୁଟିର ଗୁଣବତ୍ତାରେ ଉନ୍ନତି ଅଣାଯାଇଛି। ଏମିତି ଉନ୍ନତମାନର ବସ୍ତୁ ଅତୀତରେ କେବେ ନ ଥିଲା। ଥରେ ଆପଣେଇ ନିଅନ୍ତୁ ଓ ନିଜେ ପରୀକ୍ଷା କରି ଦେଖନ୍ତୁ। ଗ୍ରାହକଙ୍କ ଚେତନାରେ ଚମକ ସୃଷ୍ଟି କଲା ଭଳି ଏମିତି କେତେ କେତେ କଥା। କେବଳ ଏତିକି ନୁହେଁ, ଗ୍ରାହକ ଈଶ୍ୱରଙ୍କୁ ଧରି ରଖିବା ପାଇଁ ଉତ୍ପାଦନକାରୀ କମ୍ପାନୀମାନଙ୍କ ଦ୍ୱାରା ଘୋଷଣା କରାଯାଏ ବହୁ ଲୋଭନୀୟ ଭେଟି, ଯାହାର ବ୍ୟବସାୟିକ ନାମ ହେଉଛି ‘ଅଫର’। କେଉଁଠି ଦୁଇଶହ ଗ୍ରାମ୍ ଟୁଥପେଷ୍ଟ ସାଙ୍ଗକୁ ଗୋଟିଏ ଟୁଥ୍‌ବ୍ରଶ୍ ଫ୍ରି ତ ଅନ୍ୟ କେଉଁଠି ଚାରିଶହ ଗ୍ରାମ ବିସ୍କୁଟ୍ ସହିତ ପଚାଶ ଗ୍ରାମ ବିସ୍କୁଟ୍ ଫ୍ରି। ପୁଣି କେଉଁଠି ପାଞ୍ଚ କିଲୋ ଅଟା ସହ ସେହି କମ୍ପାନୀର କେଜିଏ ଲୁଣ ମାଗଣା ତ ଅନ୍ୟ କେଉଁଠି ଅଶୀଟଙ୍କାର ଫେସ୍ କ୍ରିମ୍ ସହ ବିନାମୂଲ୍ୟରେ ଦଶଟଙ୍କିଆ ସାବୁନଟାଏ।

ବିଜ୍ଞାପିତ ପ୍ରତ୍ୟେକଟି ଉତ୍ପାଦନ ସବୁବେଳେ ଅପୂର୍ବ, ଅନନ୍ୟ, ସର୍ବୋତ୍ତମ। ପୁଣି ବିଜ୍ଞାପିତ ବସ୍ତୁଟିର ମାନ ସେହି ଜାତୀୟ ଅବିଜ୍ଞାପିତ ବସ୍ତୁର ମାନଠାରୁ ଢେର ଉତ୍କୃଷ୍ଟତର। ଏଭଳି କିଛି ଧାରଣାକୁ ନେଇ ଗ୍ରାହକୀୟ ମାନସିକତା ଯେଉଁଠି ପରିପୁଷ୍ଟ, ସେଇଠି କୋଟି କୋଟି ଗ୍ରାହକଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ କାହିଁକି ବା କୁଣ୍ଠିତ ହୁଅନ୍ତେ ଉତ୍ପାଦନକାରୀ କମ୍ପାନୀମାନେ! ସୁତରାଂ, ସାମଗ୍ରୀର ଉତ୍ପାଦନ ମୂଲ୍ୟଠାରୁ ବଳିପଡ଼େ ଉତ୍ପାଦିତ ସାମଗ୍ରୀର ବିଜ୍ଞାପନ ମୂଲ୍ୟ। କେଇ ହଜାର ଖର୍ଚ୍ଚ କଲେ ବିଜ୍ଞାପନ କାହାଣୀ ଲେଖୁଥିବା ଲେଖକର ଲେଖନୀରୁ ଝରିପଡ଼େ ଜନମନ ରୋଚକ ଶକ୍ତିଶାଳୀ ସ୍କ୍ରିପ୍ଟ। ପୁଣି କେଇ ଲକ୍ଷ ବିନିମୟରେ ଉପଲବ୍ଧ ହୁଅନ୍ତି ବିଜ୍ଞାପନରେ ଅଭିନୟ କରୁଥିବା ନାତିଖ୍ୟାତ କଳାକାରମାନେ। ବିଖ୍ୟାତ ଅଭିନେତାମାନେ ତ ଏଥିରେ ମୁହଁ ଦେଖାଇବା ପାଇଁ ନିଅନ୍ତି କୋଟି କୋଟି ଟଙ୍କା। ବାସ୍, ପ୍ରସ୍ତୁତ ହୁଏ ଏକ ଦମ୍‌ଦାର ବିଜ୍ଞାପନ ଫିଲ୍ମ ଓ ପୁଣି କିଛି ଅର୍ଥ ବିନିମୟରେ ପ୍ରଦର୍ଶିତ ହୁଏ ବିଭିନ୍ନ ଟିଭି ଚ୍ୟାନେଲରେ।

ସ୍କ୍ରିପ୍ଟ ଲେଖକ ତାଙ୍କର ମୂଲ୍ୟ ନେଇଯା’ନ୍ତି। ନିଜ ଶ୍ରୀମୁଖରେ ଉତ୍ପାଦିତ ବସ୍ତୁଟିର ଜୟଗାନ କରି କଳାକାର ବିପୁଳ ଅର୍ଥ ଅର୍ଜନ କରିଥା’ନ୍ତି। ଉତ୍ପାଦନକାରୀ ଖାଉଟି ବଜାରରୁ ଫେରିପାଆନ୍ତି ସେ ଖଟାଇଥିବା ଅର୍ଥ, ସୁଧମୂଳ ସହ। ଟିଭି ଚ୍ୟାନେଲର କର୍ତ୍ତୃପକ୍ଷ ବେଶ୍ ଆୟ କରନ୍ତି ବିଜ୍ଞାପନ ପ୍ରସାରଣ କରି। ଅର୍ଥର ଏକକରେ ସବୁ କିଛି ଉପଲବ୍ଧ ହୁଏ ସମସ୍ତଙ୍କୁ କେବଳ ଜଣଙ୍କୁ ଛାଡ଼ି, ଯିଏ କେବଳ ରହିଥାଏ ହରାଇବା ପାଇଁ। ସେ ଜଣକ ହେଉଛନ୍ତି ହତଭାଗ୍ୟ ଗ୍ରାହକ ବା ଉପଭୋକ୍ତା, ଯାହାଙ୍କ ହାରିବାକୁ ମୂଳଧନ କରି ଲାଭ କରିଚାଲିଥାନ୍ତି ଅନ୍ୟମାନେ। ସୁନ୍ଦରୀ ଅଭିନେତ୍ରୀମାନେ ନିଜର ଚେହେରା ଦେଖାଇବା ପାଇଁ କୋଟି କୋଟି ଟଙ୍କା ନେଉ ନ ଥିଲେ ଗୋଟିଏ ସୁଗନ୍ଧିତ ତେଲ, ଫେସ୍‌କ୍ରିମ୍ ବା ସେମିତି କିଛି ପ୍ରସାଧନ ସାମଗ୍ରୀର ମୂଲ୍ୟ ଅଧାରୁ କମ୍ ପଡୁଥାଆନ୍ତା। ହ୍ରିତିକ୍ ରୋଶନ ବା ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ କେଇ କୋଟି ଟଙ୍କା ଖର୍ଚ୍ଚ ହେଉ ନ ଥିଲେ ସେମାନେ ପ୍ରଚାର କରୁଥିବା ଶୀତଳ ପାନୀୟ ବା କାନ୍ଥରଙ୍ଗର ମୂଲ୍ୟ ଯଥେଷ୍ଟ କମ୍ ହୋଇଥାଆନ୍ତା। ଗ୍ରାହକ ଏ କଥା ଜାଣେ। ଏକଥା ବି ଜାଣେ ଯେ, ତାକୁ କେବଳ ଜଣାଇବା ପାଇଁ, ତା’ ପସନ୍ଦକୁ ପ୍ରଭାବିତ କରିବା ପାଇଁ ବା ଅନ୍ୟ ଅର୍ଥରେ ତାକୁ ଶୋଷଣ କରିବା ପାଇଁ ବିଜ୍ଞାପନ ବାବଦରେ ବିପୁଳ ଖର୍ଚ୍ଚ କରାଯାଉଛି। ଅଥଚ ସେ କିଛି ପ୍ରତିବାଦ କରିପାରେନା। ତା’ ନିଜ ରୁଚି ପାଇଁ ତା’ର ସ୍ୱାଧୀନତା ନ ଥାଏ। କଣ୍ଟାଡାଳ ଚୋବାଇବା ଓଟ ପରି ତା’ର ଅବସ୍ଥା।

କଣ୍ଟାଗଛ ଖାଉଥିବା ଓଟଟିର ଜିଭ ଓ ମୁଖଗହ୍ୱର ଲହୁଲୁହାଣ ହୁଏ। ବୁନ୍ଦା ବୁନ୍ଦା ତାଜା ରକ୍ତ ଝରି ପଡୁଥାଏ ଓଟର ପାଟିରୁ। ମାତ୍ର ସେଥିକୁ ଖାତିର ନ କରି ପରମ ତୃପ୍ତିରେ କଣ୍ଟା ଚୋବାଇ ଚାଲିଥାଏ ନିର୍ବୋଧ ଓଟ। ସେମିତି ଉପଭୋକ୍ତାର ଦଶା। ସେ ଟିଭି ପରଦା ଉପରେ ରସଭଙ୍ଗକାରୀ ବିଜ୍ଞାପନ ଦେଖେ, ବିରକ୍ତ ହୁଏ। ଅଥଚ ବିଜ୍ଞାପନର ମାୟାଜାଲ ଭିତରେ ଛନ୍ଦି ହୋଇ ସେହି ବାର୍ତ୍ତାକୁ ଦେବବାଣୀ ବୋଲି ବିଶ୍ୱାସ କରିଯାଏ ଏବଂ ପରଦିନ ବଜାରରୁ ବେଶି ପଇସା ଦେଇ ବିଜ୍ଞାପିତ ବସ୍ତୁଟିକୁ କିଣି ଘରକୁ ଆଣେ।

ବ୍ୟକ୍ତିର ବ୍ୟକ୍ତିତ୍ୱ ପରି ବସ୍ତୁର ଗୁଣବତ୍ତା ହିଁ ତାହାର ଅସଲ ପରିଚୟ। ଜଣେ ଶିକ୍ଷକ ବା ଡାକ୍ତର ତାଙ୍କ ପାରଦର୍ଶିତାକୁ ନେଇ କୌଣସି ବିଜ୍ଞାପନର ସାହାଯ୍ୟ ନିଅନ୍ତି ନାହିଁ। କେବଳ ଲୋକମୁଖରେ ହିଁ ତାଙ୍କ ପ୍ରଚାର ବିନା ଉଦ୍ୟମରେ ବି ପ୍ରସାରିତ ହୋଇଥାଏ। ଠିକ୍ ସେମିତି ବିନା ବିଜ୍ଞାପନରେ ବି ଉଚ୍ଚମାନର ବସ୍ତୁ କେବଳ ଲୋକମୁଖରେ ହିଁ ତାହାର ବଜାର ସୃଷ୍ଟି କରିପାରେ। ଅଥଚ ଆଧୁନିକ ବୋଲାଉଥିବା ଉପଭୋକ୍ତା ଏ କଥା ବୁଝେନାହିଁ। ବିଜ୍ଞାପନରେ ପ୍ରଭାବିତ ହୁଏ ତା’ର ରୁଚି। ବ୍ରାଣ୍ଡ୍ ନାମରେ ପରିଚିତ ହୁଏ ତା’ର ଖାଉଟିପଣର ନମୁନା। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। ତା’ ଅଜାଣତରେ ଯେ ତାକୁ ବହୁ ଲୋକ ଲୁଟିଚାଲନ୍ତି, ଏହା ସେ ବୁଝେନାହିଁ, ବୁଝିପାରେ ନାହିଁ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୨୪୧୦୫

# ଇସ୍ରୋ ମୁଖ୍ୟ

## ବ୍ୟକ୍ତିତ୍ୱ



ଏସ୍. ସୋମନାଥ

ପ୍ରଖ୍ୟାତ ରକେଟ ବୈଜ୍ଞାନିକ ଏସ୍. ସୋମନାଥ ୧୪ ଜାନୁୟାରୀ ୨୦୨୨ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ମୁଖ୍ୟ ଆସନରେ ଆସୀନ ହେବା ପରେ କେରଳର ଆଲାପୁଜାହା ଜିଲ୍ଲା ଅନ୍ତର୍ଗତ ଥୁରାଭୁର ଅଞ୍ଚଳ ଉତ୍ସବ ମୁଖରିତ ହୋଇ ଉଠିଥିଲା। ତାଙ୍କ ପିତା ଜଣାଶୁଣା ହିନ୍ଦୀ ଶିକ୍ଷକ ଭେଦମ୍‌ପାରାମ୍ବିଲ ଶ୍ରୀଧର ପାନିକର ଓ ମାତା ଥାଙ୍କମା। ଯେଉଁ କ୍ଷେତ୍ରରେ ଯିବାର ଅଛି, ତାହା ଉପରେ ଭଲ ଭାବେ ବୁଝ ଓ ସେଥିପ୍ରତି ତ୍ୟାଗ ରହିଲେ ଜୀବନରେ ସଫଳତା ମିଳିପାରିବ ବୋଲି ପିତାଙ୍କ ଉପଦେଶ ତାଙ୍କୁ ଆଜି ଏହି ସ୍ଥାନରେ ବସାଇପାରିଥିବା ସୋମନାଥ କହିଛନ୍ତି। ଇସ୍ରୋ ମୁଖ୍ୟ ହେବାର ସପ୍ତାହ ପୂର୍ବରୁ କୋଚିନ୍ ଶିପ୍‌ୟାର୍ଡରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ସେ ଥୁରାଭୂରରେ ଥିବା ଘରକୁ ବୁଲି ଯାଇଥିଲେ। ଗାଁ ଛାଡ଼ିବା ପୂର୍ବରୁ ସ୍ଥାନୀୟ ମନ୍ଦିରକୁ ଯାଇଥିଲେ। ସେହିଠାରେ ସେ ଜନ୍ମ ହୋଇଥିଲେ ହେଁ ମାମୁଘର ଅରୁରସ୍ଥିତ ସେଣ୍ଟ ଅଗଷ୍ଟିନ୍ ସ୍କୁଲରେ ପାଠ ପଢ଼ିଥିଲେ। ତା’ ପରେ ଏର୍ନାକୁଲମ୍‌ର ମହାରାଜା କଲେଜରୁ ପ୍ରି–ୟୁନିଭର୍ସିଟି ପ୍ରୋଗ୍ରାମ୍ ଶେଷ କରିଥିଲେ। କେରଳ ବିଶ୍ୱବିଦ୍ୟାଳୟ ଅଧୀନ କୋଲାମ୍‌ସ୍ଥିତ ଟିକେମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ମେକାନିକାଲରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ବାଙ୍ଗାଲୋରର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ ଏରୋସ୍ପେଶ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରିବା ପରେ ସେ ୧୯୮୫ରେ ଇସ୍ରୋର ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍‌ଏସ୍‌ସି)ରେ ଯୋଗ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ପ୍ରକଳ୍ପରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦକ୍ଷତା ବଳରେ ସେ ୨୦୧୦ରେ ଭିଏସ୍‌ଏସ୍‌ସିର ଆସିଷ୍ଟାଣ୍ଟ ଡାଇରେକ୍ଟର (ପ୍ରୋଜେକ୍ଟ) ଏବଂ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ଜିଏସ୍‌ଏଲ୍‌ଭି) ଏମ୍‌କେ–୩ର ପ୍ରୋଜେକ୍ଟ ଡାଇରେକ୍ଟର ହୋଇଥିଲେ। ୨୦୧୪ ନଭେମ୍ବର ଯାଏ ସୋମନାଥ ପ୍ରପଲ୍‌ସନ୍ ଆଣ୍ଡ୍ ସ୍ପେସ୍ ଅଡିନାନ୍ସ ଏନ୍‌ଟିଟିରେ ଉପନିର୍ଦ୍ଦେଶକ ରହିଥିଲେ। କାର୍ଯ୍ୟ ପ୍ରତି ଏକନିଷ୍ଠତା ତାଙ୍କୁ କ୍ୟାରିୟର ଗଢ଼ିବାରେ ସହାୟକ ହୋଇଥିଲା। ଫଳରେ ୨୦୧୫ରେ ସେ ଥିରୁଭାନନ୍ତପୁରମ୍‌ର ଭାଲିଆମାଲାସ୍ଥିତ ଲିକ୍ୟୁଇଡ୍ ପ୍ରପଲ୍‌ସନ ସିଷ୍ଟମ୍ସ ସେଣ୍ଟର (ଏଲ୍‌ପିଏସ୍‌ସି)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରି ୨୦୧୮ ଜାନୁୟାରୀ ପର୍ଯ୍ୟନ୍ତ ସେଥିରେ ରହିଥିଲେ। ଭିଏସ୍‌ଏସ୍‌ସିର ତତ୍‌କାଳୀନ ନିର୍ଦ୍ଦେଶକ କେ. ସିବନ ଇସ୍ରୋର ଅଧ୍ୟକ୍ଷ ହୋଇଯିବା ପରେ ସୋମନାଥ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିଲେ। ନିକଟରେ କେ. ସିବନଙ୍କ କାର୍ଯ୍ୟକାଳ ଶେଷ ହେବାରୁ ସଂଯୋଗବଶତଃ ସୋମନାଥ ତାଙ୍କଠାରୁ ଇସ୍ରୋର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

ସୋମନାଥ ମହାକାଶ ବିଭାଗର ସଚିବ ତଥା ସ୍ପେସ୍ କମିଶନ୍‌ର ଅଧ୍ୟକ୍ଷ ହେବା ତାଙ୍କ ସରଳ ଜୀବନ ଓ ମେଧା ସମ୍ପର୍କରେ ଆଲୋଚନା ହେଉଛି। ଏପିଜେ ଅବଦୁଲ କଲାମ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ପ୍ରେ–ଭାଇସ୍–ଚାନ୍‌ସେଲର ଡକ୍ଟର ଏସ୍. ଆୟୋବ କହିଛନ୍ତି, ସୋମନାଥ ଟିକେମ୍ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବେଳେ ୧୯୮୫ରେ କଲେଜ ଟପ୍ପର ହୋଇଥିଲେ। ଯେତେବେଳେ ଏହି କଲେଜର କୌଣସି ମିଟିଂରେ ତାଙ୍କ ଉପସ୍ଥିତି ଆବଶ୍ୟକ ପଡୁଥାଏ, ସେ ସେଥିରେ ଆଗ୍ରହର ସହ ଯୋଗ ଦେବାକୁ ଠିକ୍ ସମୟରେ ଆସି ପହଞ୍ଚିଯାଇଥାଆନ୍ତି। ଟିକେଏମ୍ କଲେଜର ଏକ ପୁରସ୍କାର କାର୍ଯ୍ୟକ୍ରମରେ ଅଧ୍ୟାପକ ସ୍ୱର୍ଗତ ମାଇଥେନ୍‌କୁଟ୍ଟି ସାର୍ ତାଙ୍କୁ ଥର୍ମୋଡାଇନମିକ୍ସର ଏକ ପକେଟ ବୁକ୍ ଦେଇଥିବା କଥା କହିଥିଲେ। ଏପରି କି କଲେଜର ଆଲୁମ୍‌ନି ସ୍କଲାରଶିପ୍ କାର୍ଯ୍ୟକ୍ରମ ପାଇଁ ସେ ନଗଦ ଅର୍ଥ ଦେଇଥିଲେ ବୋଲି ଆୟୋବ କହିଛନ୍ତି।

ଗବେଷଣା ଓ ବୃତ୍ତିଗତ କ୍ଷେତ୍ରରେ ସେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ତାଙ୍କୁ ‘ସ୍ପେସ୍ ଗୋଲ୍ଡ ମେଡାଲ, ‘ମେରିଟ୍ ଆୱାର୍ଡ, ଇସ୍ରୋ ପକ୍ଷରୁ ପର୍ଫର୍ମାନ୍ସ ଏକ୍ସଲେନ୍ସ ଆୱାର୍ଡ, ଏରୋନଟିକାଲ ସୋସାଇଟି ଅଫ୍ ଇଣ୍ଡିଆ(ଏଏସ୍‌ଆଇ)ର ନ୍ୟାଶନାଲ ଏରୋନଟିକ୍ସ ପ୍ରାଇଜ୍ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଆଜି ଯାଏ ଇସ୍ରୋର ମୁଖ୍ୟଙ୍କ ମଧ୍ୟରେ ସ୍ଥାନ ପାଇଥିବା ବୈଜ୍ଞାନିକଙ୍କ ମଧ୍ୟରୁ କେରଳରୁ ସୋମନାଥଙ୍କୁ ମିଶାଇ ୫ ଜଣ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ମେଜିକେ ମେନନ୍, କେ. କସ୍ତୁରିରଙ୍ଗନ୍, ଜି. ମାଧବନ୍ ନାୟାର ଏବଂ କେ. ରାଧାକ୍ରିଷ୍ଣନ୍ ଇସ୍ରୋର ଅଧ୍ୟକ୍ଷ ରହିଥିଲେ।

ସୋମନାଥଙ୍କ ବ୍ୟକ୍ତିଗତ ଜୀବନ କହିଲେ ଥିରୁଭାନନ୍ତପୁରମ୍‌ର ସେଣ୍ଟ୍ରାଲ ଏକ୍ସାଇଜ୍ ଆଣ୍ଡ କଷ୍ଟମ୍ସର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ତଥା ସହଧର୍ମିଣୀ ଭାଲସାଲା ଏବଂ ଦୁଇ ଇଞ୍ଜିନିୟର ସନ୍ତାନ ମାଲିକା ଓ ମାଧବଙ୍କୁ ନେଇ ତାଙ୍କ ସଂସାର।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଶାଢ଼ି ଲାଇବ୍ରେରି କଥା କେବେ ଶୁଣିଥିଲେ କି? ଏମିତିକା ଲାଇବ୍ରେରି ଦେଖିବାକୁ ପାଇବେ ଗୁଜରାଟର ବରୋଦାରେ। ଏହାକୁ ଜୁନ୍ ୨୦୨୦ରେ ୮ ଜଣ ମହିଳା ଏକାଠି ଖୋଲିଥିଲେ। ସେମାନେ ଏହାର ନାମ ରଖିଛନ୍ତି ‘ଅଷ୍ଟ ସହେଲି ଶାଢ଼ି ଲାଇବ୍ରେରି’। ବରୋଦା ସହରର ଗଡ୍‌ରା ରୋଡସ୍ଥିତ ମହ୍ଲାର ପଏଣ୍ଟରେ ଥିବା ଏହି ଲାଇବ୍ରେରିର ସଂସ୍ଥାପକ ହେଉଛନ୍ତି ହେମା ଚୌହାନ। କାଞ୍ଜିବରମ୍, ରେଶମ, ବନାରସୀ, କୋଟା ଚେକ୍, ବାନ୍ଧଶାଢ଼ିଠାରୁ ଆରମ୍ଭ କରି ଶିଫନର ପ୍ରାୟ ୪୦୦ ଶାଢ଼ି ରହିଛି ଏହି ଲାଇବ୍ରେରିରେ। ଏଠାରୁ ସବୁ ବର୍ଗର ମହିଳା ୫ ଦିନ ଲାଗି କମ୍ ମୂଲ୍ୟରେ ଏକ ସଙ୍ଗରେ ତିନୋଟି ଶାଢ଼ି ନେଇପାରୁଛନ୍ତି। ଏ ବାବଦରେ ସେମାନଙ୍କୁ ୫୦୦ ଟଙ୍କାର ଟୋକନ୍ ମନି ପଇଠ କରିବାକୁ ହେଉଛି। ଭାରତର ବିଭିନ୍ନ ସହରରୁ ମହିଳାମାନେ ଲାଇବ୍ରେରିକୁ ଶାଢ଼ି ଦାନ କରୁଛନ୍ତି। ଲାଇବ୍ରେରିରୁ ଏବେ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ମହିଳା ଶାଢ଼ି ନେଇସାରିଛନ୍ତି। ଏହା ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହୁଛି। ଲାଇବ୍ରେରିର ଅନଲାଇନ ଗ୍ରୁପ୍‌ରେ ୧,୩୦୦ ସଦସ୍ୟ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜାନୁୟାରୀ ୧୯୯୭

- ୱେଷ୍ଟବ୍ୟାଙ୍କର ହେବ୍ରନ ସହର ପାଲେଷ୍ଟାଇନ୍‌କୁ ହସ୍ତାନ୍ତର ପାଇଁ ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବହୁ ପ୍ରତୀକ୍ଷିତ ରାଜିନାମା ସ୍ୱାକ୍ଷରିତ।
- ଭାରତୀୟ ସମ୍ବିଧାନର ବିବାଦୀୟ ୩୫୬ ଧାରା ଉଚ୍ଛେଦ ପ୍ରସଙ୍ଗ ନେଇ ଅନୁଷ୍ଠିତ ଆନ୍ତଃରାଜ୍ୟ ପରିଷଦର ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ ବିନା ସହମତିରେ ଶେଷ।

# ପାଠକ ଶ୍ରେଷ୍ଠ ବିଚାରକ

## ଦୋଛକିରେ କ୍ୟାରିୟର

ମହାଶୟ,

କରୋନା ସ୍ଥିତି ଶିକ୍ଷା ବ୍ୟବସ୍ଥାକୁ ଏକରକମ ସ୍ଥାଣୁ କରିଦେଇଛି। ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନକୁ ଥରକୁ ଥର ବନ୍ଦ କରାଯାଉଛି। କେତେକ ସ୍କୁଲରେ ପରୀକ୍ଷା ମଧ୍ୟ ଅଧାରୁ ବନ୍ଦ ହୋଇଯାଉଛି। ଅନିଶ୍ଚିତତା ଭିତରେ ପିଲାଙ୍କ ପାଠପଢ଼ା ଚାଲିଛି। ରାଜ୍ୟର ସମସ୍ତ କଲେଜ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ପାଠପଢ଼ି ଅଫ୍‌ଲାଇନ ମାଧ୍ୟମରେ ପରୀକ୍ଷା ଦେବାକୁ ପଡୁଛି। ଏହି କ୍ରମରେ ପଠନ ଶୈଳୀ ହେତୁ ଛାତ୍ରଛାତ୍ରୀମାନଙ୍କୁ ବହୁ ଦ୍ୱନ୍ଦ୍ୱର ସାମ୍ନା କରିବାକୁ ପଡୁଛି। କେତେକ ସ୍କୁଲରେ ଖୁବ୍ କମ୍ ସମୟରେ ପରୀକ୍ଷା ସାରିବା ପାଇଁ ଦିନକୁ ୨ଟି ଲେଖାଏଁ ବିଷୟରେ ପରୀକ୍ଷା ଦେବାକୁ ପଡୁଛି। ଏହାଦ୍ୱାରା ବହୁ ମେଧାବୀ ଛାତ୍ରଛାତ୍ରୀ ମଧ୍ୟ ସଠିକ୍ ଭାବେ ପରୀକ୍ଷାରେ ଉତ୍ତର ରଖିପାରୁନାହାନ୍ତି। ବହୁ ଛାତ୍ରଛାତ୍ରୀ ଏହାଦ୍ୱାରା ମାନସିକ ସ୍ତରରେ ଭାଙ୍ଗି ପଡୁଛନ୍ତି। ଏହି ବ୍ୟବସ୍ଥାରେ ପାଠପଢା ଚାଲୁ ରହିଲେ ସେମାନଙ୍କର କ୍ୟାରିୟର ଆଗକୁ କ’ଣ ହେବ ତାହା କିଏ କହିବ?

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କରିବାକୁ ହେବ ରଡ଼ି
ନାହିଁ ନାହିଁ ଯାହା
କରାମତି ଦେଖାଇବ
ଖାଲି ଘାସକଟା ଦାଆ!

(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଏସାରର ସଡ଼କ ସୁରକ୍ଷା ସପ୍ତାହ** | ପାରାଦୀପ ଏସାର ପେଲେଟ ପ୍ଲାଣ୍ଟ ପକ୍ଷରୁ ଶୁକ୍ରବାର ୩୩ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଏସାର ପୋର୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ୟୁ. ଭେଙ୍କଟରାଓ, ମୁଖ୍ୟ ନିରାପତ୍ତା ଅଧିକାରୀ ଦୀପକ କୁମାର ରେଡ୍ଡୀ, ମହାପ୍ରବନ୍ଧକ ଅନନ୍ତ ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏସ୍‌ବିଆଇ ଲାଇଫ୍‌ର ସର୍ଭେ ରିପୋର୍ଟ

**ଭୁବନେଶ୍ୱର,୧୫।୧:** ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଆଉ ଏକ ଉପଭୋକ୍ତା ସର୍ବେକ୍ଷଣ 'ଦି ଫାଇନାନ୍ସିଆଲ୍ ଇମ୍ୟୁନିଟି ସର୍ଭେ ୨.୦କୁ ଶନିବାର ଉନ୍ମୋଚନ କରାଯାଇଛି। ଏହା କୋଭିଡ୍ ପରବର୍ତ୍ତୀ ସମୟରେ ଗ୍ରାହକଙ୍କ ଆର୍ଥିକ ପ୍ରସ୍ତୁତିକୁ ନେଇ ଦେଖାଦେଇଥିବା ବ୍ୟବହାରଗୁଡ଼ିକ ବିଷୟରେ ତଥ୍ୟ ପ୍ରଦାନ କରିଛି। ଏସ୍‌ବିଆଇ ପକ୍ଷରୁ ନିଲ୍‌ସେନ୍ ଆଇକ୍ୟୁ (ଇଣ୍ଡିଆ) ସହ ମିଶି ଏହି ସର୍ଭେ କରାଯାଇଥିଲା, ଯାହା ଦେଶର କୋଣ ଅନୁକୋଣର ୨୮ ସହରରେ ୫୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସର ସଭାପତି, (ଜୋନ୍ ୩) ଜି ଦୁର୍ଗାଦାସ୍, କହିଛନ୍ତି ଯେ, ମହାମାରୀର ବ୍ୟାପକ ପ୍ରଭାବ ଗ୍ରାହକମାନେ ବୀମା ଓ ଆର୍ଥିକ ଉତ୍ପାଦ କିଣୁଥିବା ଉପାୟକୁ ବଦଳାଇ ଦେଇଛି। ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆର୍ଥିକ ସ୍ଥିରତା ଲୋକମାନଙ୍କ ସର୍ବାଧିକ ଅଗ୍ରାଧିକାରରେ ପରିଣତ ହୋଇଛି। ଯଦିଓ ଗ୍ରାହକଙ୍କ ବ୍ୟବହାର କ୍ଷେତ୍ର ଅନୁସାରେ ଭିନ୍ନ ରହିଛି, ଗ୍ରାହକଙ୍କ କଲ୍ୟାଣ ପାଇଁ ଆର୍ଥିକ ଯୋଜନା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

### ଆଇଡିଏଫ୍‌ସିର ନୂଆ ଫଣ୍ଡ ଅଭିଯାନ

**ଭୁବନେଶ୍ୱର,୧୫।୧:** ବଜାର ଅସ୍ଥିରତା ନିବେଶକଙ୍କୁ ଅଯୌକ୍ତିକ ନିଷ୍ପତ୍ତି ନେବାକୁ ବାଧ କରିପାରେ। ଏକ ଶୃଙ୍ଖଳିତ ସମ୍ପତ୍ତି ଆବଣ୍ଟନ ରଣନୀତି ନିବେଶ ପକ୍ଷପାତିତାକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଏହା ଉନ୍ନତ ଦୀର୍ଘାବଧି ଫଳାଫଳ ଦେଇଥାଏ। ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡର ନୂଆ ନିବେଶକ ସଚେତନତା ଅଭିଯାନର ଭିତ୍ତିଭୂମି ଗଠନ କରୁଛି ଯାହାକୁ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ୍ ଫଣ୍ଡ୍ ବର୍ଗକୁ ଏହି ଆଚରଣଗତ ଦ୍ୱନ୍ଦ୍ୱକୁ ପରିଚାଳନା କରିବା ପାଇଁ ଏକ ସମ୍ଭାବ୍ୟ ସମାଧାନ ରୂପେ ଆଲୋକପାତ କରୁଛି। ଏକ ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ୍ ଫଣ୍ଡ ହେଉଛି ଏକ ହାଇବ୍ରିଡ୍ ଫଣ୍ଡ ଯାହା ଉଭୟ ଋଣ ଓ ଇକ୍ୱିଟି ବଜାରରେ ନିବେଶ କରିବା ସହ ଏକ ଗତିଶୀଳ ସମ୍ପତ୍ତି ଆବଣ୍ଟନ ରଣନୀତିକୁ ଗ୍ରହଣ କରିଥାଏ। ଏ ସମ୍ପର୍କରେ ଆଇଡିଏଫ୍‌ସି ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଲିମିଟେଡ୍ (ଏଏମ୍‌ସି) ର ସିଇଓ ବିଶାଲ କପୁର କହିଛନ୍ତି,କେବଳ ମନୁଷ୍ୟ ହିଁ କ୍ରୋଧ, ଖୁସି, ଭୟ କିମ୍ବା ଲୋଭ ଯୋଗୁ ଭାବପ୍ରବଣ ହୋଇଥାଏ । ତେବେ ଏହାକୁ ତ୍ୟାଗ କରିବା ଦ୍ୱାରା ଉନ୍ନତ ନିବେଶ ଫଳାଫଳରେ ସାହାଯ୍ୟ କରିଥାଏ। ଅନେକ ନିବେଶକଙ୍କ ପାଇଁ ହରେଇବାର ଭୟ କିମ୍ବା ଅଧିକ ରିଟର୍ନର ଲୋଭ, ବୁଦ୍ଧିମାନ ନିବେଶ ନିଷ୍ପତ୍ତିକୁ ଅତିକ୍ରମ କରିପାରେ।

# ଖୁବ୍‌ଶୀଘ୍ର ଭାରତରେ ୧୦୦ ୟୁନିକର୍ନ ମାର୍କ

- ଆଜି ଜାତୀୟ ଷ୍ଟାର୍ଟ ଅପ୍ ଡେ
- ୧୫୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ୍ ସହ ଯୋଗାଯୋଗ କଲେ ମୋଦି



**ନୂଆଦିଲ୍ଲୀ,୧୫।୧**

ଗତ ବର୍ଷ ୪୨ ୟୁନିକର୍ନ ଷ୍ଟାର୍ଟ ଅପ୍ ସୃଷ୍ଟି ସହ ଭାରତ ଏକ ବିଲିୟନ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ମାଇଲଖୁଣ୍ଟକୁ ସ୍ପର୍ଶ କରିବ। ସେହିଭଳି ଭାରତ ଖୁବ୍‌ଶୀଘ୍ର ୧୦୦ ୟୁନିକର୍ନର ସଫଳତା ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ୨୦୨୨ ଜାନୁୟାରୀ ୧୬କୁ ଜାତୀୟ ଷ୍ଟାର୍ଟ ଅପ୍ ଦିବସ ଭାବେ ପ୍ରତିବର୍ଷ ପାଳନ କରାଯିବ। ପୂର୍ବରୁ ମଧ୍ୟ କେବଳ କିଛି କମ୍ପାନୀ ଏହା ଜରିଆରେ ବଡ ହୋଇଯିବେ। କିନ୍ତୁ ସେମାନଙ୍କ ଦ୍ୱାରା ବିଗତ ଏକ ବର୍ଷରେ ୪୨ଟି ୟୁନିକର୍ନ ତିଆରି କରାଯାଇଛି। ଏହି ବିଲିୟନ ଡଲାରର ଷ୍ଟାର୍ଟଅପ୍ ଭାରତର ଆତ୍ମନିର୍ଭରଶୀଳ ଏବଂ ଦେଶର ଆତ୍ମବିଶ୍ୱାସ ହେବାର ପ୍ରମାଣ ବୋଲି ମୋଦି କହିଛନ୍ତି। ଦେଶରେ ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଶନିବାର ୧୫୦ରୁ ଅଧିକ ଷ୍ଟାର୍ଟ ଅପ୍ ସହ ଯୋଗାଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଷ୍ଟାର୍ଟ ଅପ୍ ପାଇଁ ନିଜକୁ ଦେଶରେ ସୀମିତ ରଖିବା ଜରୁରୀ ନୁହେଁ, ବରଂ ଭାରତ ପରି ଏକ ବୃହତ୍ ତଥା ବିବିଧ ବଜାରରେ ସେବା ଯୋଗାଇବା ଅଭିଜ୍ଞତା ସହିତ ବିଶ୍ୱର ଆକାଂକ୍ଷା ରହିଛି। ଭାରତର ବିବିଧତା ଆମର ଶକ୍ତି ,ଏହା ଆମର ବିଶ୍ୱସ୍ତରୀୟ ପରିଚୟ ଏବଂ ଆମର ୟୁନିକର୍ନ ଷ୍ଟାର୍ଟ ଅପ୍ ଏହି ବିବିଧତାର ଦୂତ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଅଟଳ ଇନୋଭେସନ ମିଶନ, ନୂତନ ସ୍ପେସ୍ ଟେକ୍ନୋଲୋଜି ଏବଂ ଡ୍ରୋନ୍ ଟେକ୍ନୋଲୋଜି ନୀତି, ଷ୍ଟାର୍ଟ ଅପ୍ ପାଇଁ ସହଜ ଅନୁପାଳନ ପ୍ରକ୍ରିୟା ଏବଂ ଆନେଜେଲ ଟ୍ୟାକ୍ସ ସମ୍ବନ୍ଧୀୟ ସମସ୍ୟା ଦୂରକରିବା ପାଇଁ ସରକାରଙ୍କ ଅଭିନବତା ଏବଂ ଷ୍ଟାର ଅପ୍ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନୂତନ ଡ୍ରୋନ୍ ନୀତି ଫଳାଫଳ ଦେଖାଇବା ଆରମ୍ଭ କରିଛି। ସେନା, ନୌସେନା ଏବଂ ବାୟୁସେନା ଡ୍ରୋନ୍ କମ୍ପାନୀଗୁଡିକ ସହିତ ପ୍ରାୟ ୫୦୦ କୋଟି ଟଙ୍କା ମୂଲ୍ୟର ଅର୍ଡର କମ୍ପାନୀଗୁଡିକୁ ଦେଇସାରିଛନ୍ତି। ସେ କହିଛନ୍ତି, ଭାରତ ବିଶ୍ୱ ୨୦୧୩ ର ଶ୍ରେଷ୍ଠ ୫୦ର ସର୍ବଭାରତୀୟ ଇନୋଭେସନ ଇଣ୍ଡେକ୍ସ ର୍ୟାଙ୍କିଙ୍ଗରେ ଅଗ୍ରଗତି କରିଛି, ଯେପରିକି ୨୦୧୩-୧୪ ମସିହାରେ ପ୍ରଦାନ କରାଯାଇଥିବା ପେଟେଣ୍ଟ ସଂଖ୍ୟା ପ୍ରାୟ ୪,୦୦୦ରୁ ଗତ ବର୍ଷ ୨୮,୦୦୦ରୁ ଅଧିକ ହୋଇଥିବାବେଳେ ପଞ୍ଜୀକୃତ ଟ୍ରେଡ୍ ମାର୍କ ସଂଖ୍ୟା ବୃଦ୍ଧି ପାଇଛି। ସମାନ ଅବଧିରେ ୭୦,୦୦୦ ରୁ ୨,୫୦,୦୦୦ ରୁ ଅଧିକ ରହିଛି। ଗ୍ରାମୀଣ ଅର୍ଥନୀତି ଏବଂ ଉତ୍ପାଦନ କ୍ଷେତ୍ର ସହ ଜଡିତ ଆହ୍ୱାନର ସମାଧାନ ଦିଗରେ ଦୃଷ୍ଟିଦେବାକୁ ପ୍ରଧାନମନ୍ତ୍ରୀ ଷ୍ଟାର୍ଟ ଅପ୍‌ଗୁଡ଼ିକୁ ଆହ୍ୱାନ କରିଛନ୍ତି। କଠିନ ପରିଶ୍ରମ, ବ୍ୟବସାୟ, ନିଯୁକ୍ତି ସୃଷ୍ଟି ଏବଂ ଧନ ସୃଷ୍ଟି ଦେଶର ଲାଭ ପାଇଁ ଯୁବକମାନଙ୍କ ଉତ୍ସାହକୁ ଦେଶର ଉତ୍ସାହରେ ପରିଣତ କରିବାକୁ ମୁଁ ତୁମ ସହିତ କାନ୍ଧରେ କାନ୍ଧ ମିଶାଇ ଚାଲିବାକୁ ଚାହୁଁଛି ବୋଲି ମୋଦି କହିଛନ୍ତି।

## ପାୱାର ଗ୍ରୀଡ୍-ଆଫ୍ରିକା୫୦ ମଧ୍ୟରେ ଚୁକ୍ତି

**କେନିଆରେ ପିପିପି ମୋଡ୍‌ରେ ହେବ ଟ୍ରାନ୍ସମିଶନ ପ୍ରକଳ୍ପ**

**ନୂଆଦିଲ୍ଲୀ,୧୫।୧**

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍) ହେଉଛି ଏକ ମହାରତ୍ନ ସିପିଏସ୍‌ୟୁ। ଏହା ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ରହିଛି। ନିକଟରେ ଭାରତ ସରକାର-ଆଫ୍ରିକା୫୦ ସହିତ ଏକ ମିଳିତ ବିକାଶ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ପାନ୍ ଆଫ୍ରିକୀୟ ଭିତ୍ତିଭୂମି ବିନିଯୋଗ ପ୍ଲାଟ୍‌ଫର୍ମ ଏକ ସାର୍ବଜନୀନ-ଘରୋଇ ସହଭାଗିତାରେ କେନିଆ ଟ୍ରାନ୍ସମଶନ ପ୍ରୋଜେକ୍ଟର ବିକାଶ ଲାଗି କାର୍ଯ୍ୟ କରିବ। ଏହି ପ୍ରକଳ୍ପ ଆଧାରରେ ବିକାଶ, ଆର୍ଥିକ ସହାୟତା, ନିର୍ମାଣ ଏବଂ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିଛି। ଏହା ଜରିଆରେ ୪୦୦କେଭି ଲେସେସ୍-ଲୁସୁକ୍ ଏବଂ ୨୨୦କେଭି କିସୁମୁ-ମୁସାଗା ଟ୍ରାନ୍ସମିଶନ ଲାଇନ ସରକାରୀ ଘରୋଇ ସହଭାଗିତା(ପିପିପି) ଢାଞ୍ଚାରେ ସମାପ୍ତ ହେବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ କେନିଆର ପ୍ରଥମ ସ୍ୱାଧୀନ ଶକ୍ତି ପରିବହନ (ଆଇପିଟି) ହେବ। ଏହି ସେଟ୍ ଆଫ୍ରିକାରେ ରେଫରେନ୍ସ ପଏଣ୍ଟ ସହ ପ୍ରଥମ ଅର୍ଥନୈତିକ ଟ୍ରାନ୍ସମିଶନ ଲାଇନ ରୂପେ ପିପିପି ମୋଡ୍‌ରେ ହେବ। ଉକ୍ତ ପ୍ରୋଜେକ୍ଟ ପଶ୍ଚିମ କେନିଆରେ ବିଦ୍ୟୁତ୍ ପରିବହନର ଉଭୟ ଯୋଗାଣ ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ। ଫଳରେ ଆଫ୍ରିକାର ଶକ୍ତି ବିସ୍ତାରରେ ଘରୋଇ କ୍ଷେତ୍ର ସହ ପୁଞ୍ଜି ବିନିଯୋଗରେ ଏହା ବ୍ୟାପକ ସାହାଯ୍ୟ କରିବ। ଏ ସମ୍ପର୍କରେ ପାୱାର ଗ୍ରୀଡ୍ ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ କେ. ଶ୍ରୀକାନ୍ତ କହିଛନ୍ତି , ପାୱାର ଗ୍ରୀଡ୍ ପ୍ରଥମ ପିପିପି ମୋଡ୍‌ର ବିକାଶ ପାଇଁ ଆଫ୍ରିକା୫୦ ସହିତ ସହଭାଗୀ ସହ କେନିଆରେ ଟ୍ରାନ୍ସମିଶନ ପ୍ରୋଜେକ୍ଟ ଓ ବିଦ୍ୟୁତ୍ ଯୋଗାଣ ଶୃଙ୍ଖଳାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପାୱାରଗ୍ରୀଡ୍ ଆଶାକରେ, ବର୍ତ୍ତମାନ କେନିଆରେ ଟ୍ରାନ୍ସମିଶନ ପ୍ରୋଜେକ୍ଟ ମଧ୍ୟ ଅଧିକ ପ୍ରକଳ୍ପ କରିବା ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିବ। ଫଳରେ ଅନ୍ୟ ଆଫ୍ରିକୀୟ ଦେଶ ପରି କାର୍ଯ୍ୟ କରିବାରେ ଏହାର ସମୃଦ୍ଧ ବୈଷୟିକ ଏବଂ ପରିଚାଳନାଗତ ଅଭିଜ୍ଞତା ସହିତ ପାୱାର ଗ୍ରୀଡ୍ ପିପିପି ମୋଡ୍ ଅନ୍ତର୍ଗତ ଟ୍ରାନ୍ସମିଶନ ସିଷ୍ଟମ୍ ଏହି ଯାତ୍ରାରେ ଜଡିତ ହୋଇ ଖୁସି ରହିଛି।

## ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ରେସିଂ



**ନୂଆଦିଲ୍ଲୀ,୧୫।୧**

ଭାରତୀୟ ଜାତୀୟ ମୋଟରସାଇକଲ ରେସିଂ ଚାମ୍ପିୟନ୍‌ଶିପ୍‌ର ୪ର୍ଥ ପର୍ଯ୍ୟାୟରେ ଆଇଡେମିସୁ ହୋଣ୍ଡା ଏସ୍‌କେ୬୯ ରେସିଂ ଟିମ୍‌ର ରାଜୀବ ସେତୁ ପ୍ରୋ ଷ୍ଟକ୍ ୧୬୫ ସିସି ବର୍ଗରେ ଟ୍ରାକ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ରହି ପୋଡିୟମ ଦଖଲ କରିଛନ୍ତି। ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ର ୨୩ ବର୍ଷୀୟ ଚାଳକ ରାଜୀବ ଶ୍ରେଷ୍ଠ ମୁକୁଟ ହାସଲ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସିବିଆର୍୧୫୦ଆର୍ ବର୍ଗରେ ଅଗ୍ରଣୀ ଚାଳକ ପ୍ରକାଶ କାମତ୍ ନିଜ ଅଗ୍ରଣୀ ସ୍ଥାନକୁ ଆହୁରି ଦୃଢ଼ କରିଥିବା ବେଳେ ସାର୍ଥକ ଚଭନ୍ ଦଳୀୟ ସାଥୀଙ୍କୁ ଅତିକ୍ରମ କରି ଏନ୍‌ଏସ୍‌ଏଫ୍ ୨୫୦ ଆର୍ ବର୍ଗରେ ପୋଡିୟମ ଦଖଲ କରିଛନ୍ତି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି ,ଆଜିର ରେସ୍‌ର ଫଳାଫଳକୁ ନେଇ ଆମେ ଖୁସି । ଅଗ୍ରଣୀ ଚାଳକ ରାଜୀବ ୨ୟ ସ୍ଥାନରେ ରହି ପୋଡିୟମ ଦଖଲକରି ଆମ ପାଇଁ ଗୌରବ ଆଣିଛନ୍ତି। ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ରେ ଉଭୟ ପ୍ରକାଶ କାମତ୍ ଓ ସାର୍ଥକ ଚଭନ୍ ସିବିଆର୍ ୧୫୦ଆର୍ ଓ ଏନ୍‌ଏସ୍‌ଏଫ୍୨୫୦ଆର୍ ବର୍ଗରେ ଶୀର୍ଷ ସ୍ଥାନରେ ରହିଛନ୍ତି। ଏହି ପର୍ଯ୍ୟାୟକୁ ସକାରାତ୍ମକ ଢଙ୍ଗରେ ଶେଷକରି ଆମେ ଆମ ଚାଳକଙ୍କ ଦକ୍ଷତାକୁ ନେଇ ନିଶ୍ଚିତ ହୋଇପାରିଛୁ ଏବଂ ୫ମ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବୁ ଓ ଅଧିକ କିଛି ହାସଲ କରିବାକୁ ଚାହିଁ ରହିଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଭାରତୀୟ ଜାତୀୟ ମୋଟରସାଇକଲ ରେସିଂ ଚାମ୍ପିୟନ୍‌ଶିପ୍‌ର ପ୍ରୋ ଷ୍ଟକ୍ ୧୬୫ସିସି ବର୍ଗରେ ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ ରେସିଂ ଟିମ୍‌ର ରାଜୀବ ସେତୁ ୧:୫୭:୮୧ ଲ୍ୟାପ୍ ସମୟ ନେଇ ୨ୟ ସ୍ଥାନରେ ରହି ରେସ୍ ଶେଷ କରିଛନ୍ତି। ତାଙ୍କ ଦୁଇ ଦଳୀୟ ସାଥୀ ସେନ୍ଥିଲ୍ କୁମାର ଓ ମନ୍ଥନ ଏସ୍ କୁମାର ରେସ୍ ଶେଷ କରିପାରି ନ ଥିଲେ। ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ର ଏନ୍‌ଏସ୍‌ଏଫ୍୨୫୦ଆର୍ ରେସ୍‌ରେ କେଭିନ୍ କ୍ୱିଣ୍ଟାଲ ୨ୟ ସ୍ଥାନ ହାସଲ କରିଥିବା ବେଳେ ସାର୍ଥକ ଚଭନ୍ ୧ମ ପୋଡିୟମ ଫିନିସ୍ ହାସଲ କରିଛନ୍ତି। ଚେନ୍ନାଇର ଜିଓଫ୍ରେ ରେଭିଭେନ୍ ଏମାନୁଏଲ୍ ୩ୟ ସ୍ଥାନରେ ରହିଛନ୍ତି। ସେହିପରି ସିବିଆର୍୧୫୦ଆର୍ ରେସ୍‌ରେ ପ୍ରକାଶ କାମତ୍ ୧ମ, ରକ୍ଷିତ ଏସ୍ ଡାଭେ ୨ୟ ଓ ବିବେକ ଗୌରବ ୩ୟ ସ୍ଥାନ ଦଖଲ କରିଥିବା ବେଳେ ହୋଣ୍ଡା ହର୍ନେଟ୍ ୨.୦ ୱାନ୍ ମେକ୍ ରେସ୍ କେଭିନ୍ କନ୍ନନ୍ ପ୍ରଥମ, ଅଜୟ ଜାଭିୟର ୨ୟ ଓ ପ୍ରଭୁ ଭି ୩ୟ ସ୍ଥାନ ହାସଲ କରିଛନ୍ତି।

## ୪.୩% ଦର ବୃଦ୍ଧି କଲା ମାରୁତି ସୁଜୁକି

**ନୂଆଦିଲ୍ଲୀ,୧୫।୧**

ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ଶନିବାର କହିଛି, ଇନ୍‌ପୁଟ ମୂଲ୍ୟ ବୃଦ୍ଧିର ପ୍ରଭାବକୁ ଆଂଶିକ ବନ୍ଦ କରିବା ପାଇଁ ଏହାର ମଡେଲର ମୂଲ୍ୟ ୪.୩ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବିଭିନ୍ନ ଇନ୍‌ପୁଟ୍ ମୂଲ୍ୟରେ ବୃଦ୍ଧି ହେତୁ କମ୍ପାନୀ ଏହାର ମଡେଲଗୁଡ଼ିକରେ ୦.୧% ରୁ ୪.୩ % ମଧ୍ୟରେ ମୂଲ୍ୟ ବୃଦ୍ଧି କରିଛି। ଅଟୋ ମେଜର ଏକ ନିୟାମକପତ୍ରରେ କହିଛନ୍ତି, ମଡେଲଗୁଡିକରେ ଏକ୍ସ-ଶୋରୁମ୍ ମୂଲ୍ୟ (ଦିଲ୍ଲୀ)ରେ ହାରାହାରି ମୂଲ୍ୟ ବୃଦ୍ଧି ୧.୭ % । ଏହି ନୂତନ ମୂଲ୍ୟ ଶନିବାରଠାରୁ କାର୍ଯ୍ୟକାରୀ ହେବ । ଏମ୍‌ଏସ୍‌ଆଇ ଅଲ୍ଟୋଠାରୁ ଏସ୍-କ୍ରସ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ ଯଥାକ୍ରମେ ୩.୧୫ ଲକ୍ଷରୁ ୧୨.୫୬ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରିକରେ। ଅଟୋ ମେଜର ଗତ ବର୍ଷ ଜାନୁୟାରୀରେ ୧.୪%, ଏପ୍ରିଲରେ ୧.୬% ଏବଂ ସେପ୍ଟେମ୍ବରରେ ୧.୯ % ବୃଦ୍ଧି କରି ମୋଟ କ୍ୱାଣ୍ଟମକୁ ୪.୯% ବୃଦ୍ଧି କରିସାରିଛି। ଗତ ଏକବର୍ଷ ମଧ୍ୟରେ ଇସ୍ପାତ, ଆଲୁମିନିୟମ, ତମ୍ବା, ପ୍ଲାଷ୍ଟିକ ଏବଂ ମୂଲ୍ୟବାନ୍ ଧାତୁ ଭଳି ଅନେକ ଅତ୍ୟାବଶ୍ୟକ ଉତ୍ପାଦର ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ବୃଦ୍ଧି କରିବାକୁ ବାଧ ହୋଇଛି।

## ସୋନାଲିକାର ରେକର୍ଡ ପରିମାଣର ବିକ୍ରି ସଫଳତା

**୯ ମାସରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ ବିକ୍ରି**



ରମଣ ମିତ୍ତଲ

**ଭୁବନେଶ୍ୱର,୧୫।୧**

ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର ରେକର୍ଡ ପରିମାଣର ଗାଡ଼ି ବିକ୍ରିକରି ଏକ ବିରଳ ସଫଳତା ଅର୍ଜନ କରିଛି। କମ୍ପାନୀର ସୂଚନା ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ(କେବଳ ୯ ମାସ) ସୁଦ୍ଧା ୧ ଲକ୍ଷ ୟୁନିଟ୍ ବିକ୍ରି ଲକ୍ଷ୍ୟ ଅତିକ୍ରମ କରିବାରେ ସଫଳ ହୋଇଛି। ସୋନାଲିକା ଏହି ୯ ମାସ ମଧ୍ୟରେ ୨୫,୦୦୦ରୁ ଅଧିକ ଟ୍ରାକ୍ଟର ରପ୍ତାନି କରିଥିବାର ସମ୍ମାନ ମଧ୍ୟ ହାସଲ କରିଛି। ସୋନାଲିକା ୨୦୨୧ ଡିସେମ୍ବରରେ ୩୪୩୨ ଟ୍ରାକ୍ଟର ବିକ୍ରି ଓ ୩୧.୨% ବଜାର ଅଂଶ ସହିତ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିଛି। ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲ-ଡିସେମ୍ବର ୨୦୨୧ରେ ୧,୦୫,୨୫୦ ଟ୍ରାକ୍ଟର ବିକ୍ରି କରିଛି। ଏ ସମ୍ପର୍କରେ ସୋନାଲିକା ଟ୍ରାକ୍ଟର୍ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି ଯେ, ଆମେ ୨୦୨୧-୨୨ର ପ୍ରଥମ ୯ ମାସରେ ୧ଲକ୍ଷ ୟୁନିଟ୍‌ର ବିକ୍ରି ରେକର୍ଡକୁ ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛୁ। ଆମ ଲକ୍ଷ୍ୟ ଉପରେ ଆମର ମଜଭୁତ ଧ୍ୟାନ ଏବଂ କୃଷକମାନଙ୍କ ଆବଶ୍ୟକତାକୁ ପୂରଣକରି ସେମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାର ଆଭିମୁଖ୍ୟ, ଆମକୁ ଏହି ଅସାଧାରଣ ରେକର୍ଡ ହାସଲ କରିବାକୁ ସକ୍ଷମ କରିଛି।


**ଜନ୍ମଦିନର ଶୁଭେଚ୍ଛା**



(ପ୍ରିନ୍ସ)

**ଆୟୁଷ ଅଂଶୁମାନ ପାଢ଼ୀ**

ଲୋଧାଚୁଆ, ରଣପୁର, ନୟାଗଡ଼

ଆଜି ତୋର ନବମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ:** ଜେଜେ, ଜେଜେମାଆ, ବାବା, ମାମା, ବଡ଼ବାବା, ବଡ଼ମାମା, ମାମୁ, ମାଇଁ, ଅଜା, ଆଈ ଓ ପରିବାରବର୍ଗ।

ଧ-୭୧୮୫୧


**ଫୁର୍‌ସତ୍**

## କ୍ୟାନ୍ସର ହୋଇଥିବା ଜଣାଇଲା କୁକୁର

**ଲିଡ୍‌ସ:** ଜଣେ ମହିଳାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇଥିବା ବାବଦରେ ତାଙ୍କ ପୋଷା କୁକୁର ତାଙ୍କୁ ଜଣାଇଥିଲା ବୋଲି କହିଛନ୍ତି ୪୬ ବର୍ଷୀୟା ଅନ୍ନା ନେରୀ। ୱେଷ୍ଟ ୟର୍କସାୟାର୍‌ରେ ରହୁଛନ୍ତି ଅନ୍ନା। ସେ ଦିନେ ତାଙ୍କ ସୋଫାରେ ବସିବା ବେଳେ କୁକୁର ହାର୍ଭେ ତାଙ୍କ ଶରୀରକୁ ଶୁଙ୍ଘୁଥିଲା। ଶୁଙ୍ଘି ଶୁଙ୍ଘି ସେ ତାଙ୍କ ଛାତିରେ କେତେ ଥର ତାର ମୁଣ୍ଡକୁ ପିଟିଲା। ଅନ୍ନା ସେତେବେଳେ କିଛି ବୁଝିପାରି ନ ଥିଲେ। ପରେ ହାର୍ଭେ ୬ ସପ୍ତାହ ପର୍ଯ୍ୟନ୍ତ ଏପରି କରିବାରୁ ଅନ୍ନା ଡାକ୍ତରଙ୍କୁ ଭେଟିଥିଲେ। ତାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇଥିବା ସେ ଜାଣିବାକୁ ପାଇଲେ। ସେତେବେଳେ ତାଙ୍କର ହାର୍ଭେ କଥା ମନେପଡିଥିଲା। ହାର୍ଭେ ତାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇଥିବା ନେଇ କହିବାକୁ ଚାହୁଁଥିଲା ବୋଲି ଅନ୍ନା କହିଛନ୍ତି। ହାର୍ଭେ ଲାବ୍ରାଡଗ୍ ପ୍ରଜାତିର ଅଟେ।

## ପୁଣି ବିବାହ କରିବେ ଫରହାନ୍

**ମୁମ୍ବାଇ:** ପୁଣି ଥରେ ବିବାହ ବନ୍ଧନରେ ବାନ୍ଧି ହେବେ ଅଭିନେତା ଫରହାନ ଅଖତର୍। ଆସନ୍ତା ଫେବୃୟାରୀ ୨୧ରେ ଫରହାନ ତାଙ୍କ ଗର୍ଲଫ୍ରେଣ୍ଡ ଶିବାନୀ ଡଣ୍ଡେକରଙ୍କୁ ଜୀବନ ସାଥୀ କରିବେ। ପିଙ୍କଭିଲ୍ଲା ରିପୋର୍ଟ ଅନୁଯାୟୀ, ଦୁହେଁ ୩ ବର୍ଷ ହେଲା ଦୁହିଁଙ୍କୁ ଡେଟ୍ କରୁଥିଲେ। ଏବେ ଦୁହେଁ ଜୀବନ ସାଥୀ ହେବାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ତାଙ୍କ ବିବାହ ଜାକଜମକରେ ହେବନାହିଁ। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୁହେଁ କୋର୍ଟରେ ରେଜିଷ୍ଟ୍ରି ମ୍ୟାରେଜ କରିବେ। ପରେ ବିବାହ ଭୋଜି ମଧ୍ୟ ଜାକଯମକରେ ନ କରି କେବଳ ନିଜ ପରିବାର ଓ ସମ୍ପର୍କୀୟଙ୍କୁ ସାମିଲ କରିବେ। ପୂର୍ବରୁ ସ୍ତ୍ରୀ ଅଧୁନା ଭବାନୀଙ୍କୁ ସେ ଛାଡ଼ପତ୍ର ଦେଇଥିଲେ। ଦୁହେଁ ୧୫ ବର୍ଷ ପର୍ଯ୍ୟନ୍ତ ଏକାଠି ରହିଥିଲେ।




## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



✓ହିମାଂଶୁବାଳା ଜେନା (ଝୁମୁରୀ)
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୦୧-୦୧-୧୯୪୯
ତିରୋଧାନ : ୦୬-୦୧-୨୦୨୨

ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଅସମୟରେ ଚାଲିଗଲ । ତୁମର ଅସୀମ ସ୍ନେହ, ଶ୍ରଦ୍ଧା ସର୍ବଦା ସ୍ମୃତିରେ ରହିବ, ତୁମ ଆତ୍ମାର ସଦଗତି କାମନା କରିବା ସହିତ ତୁମର ଆଦର୍ଶ ଆମମାନଙ୍କୁ ଅନୁପ୍ରାଣିତ କରୁ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ- ସ୍ୱାମୀ- କେଦାରନାଥ ଜେନା, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ସମସ୍ତ ପରିବାରବର୍ଗ ।

ଧ-୭୨୮୬୫

**ଏକାଦଶାହ ଉପଲକ୍ଷେ**



✓ନିରଞ୍ଜନ ପାଢୀ
ଶାସନ ପଡିଆ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ : ୨୭-୦୫-୧୯୪୧
ତିରୋଧାନ : ୦୬-୦୧-୨୦୨୨

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶ୍ରଦ୍ଧାଞ୍ଜଳି ସହ -
ପତ୍ନୀ - ଉର୍ମିଳା କୁମାରୀ ପାଢୀ ଓ ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୭୨୮୬୬


## ୧୦ ସ୍ତ୍ରୀଙ୍କ ସହ ରହୁଛନ୍ତି ଯୁବକ

**ବ୍ରାସିଲିଆ:** ଜଣେ ଯୁବକ ଏକାସାଙ୍ଗରେ ୧୦ ମହିଳାଙ୍କୁ ବିବାହ କରି ପାଖରେ ରଖିବା ଆଶ୍ଚର୍ଯ୍ୟଜନକ କଥା। ମାତ୍ର ବ୍ରାଜିଲର ମଡେଲ ଆର୍ଥର-ଓ-ଉର୍ସୋ ୯ଜଣଙ୍କୁ ବିବାହ କରି ପାଖରେ ରଖିଛନ୍ତି। ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ରହିଛନ୍ତି। ଆର୍ଥର ପୂର୍ବରୁ ବିବାହ କରିଥିଲେ। ମାତ୍ର 'ଫ୍ରି ଲଭ' ନୀତିରେ 'ଏକ ବିବାହ'କୁ ସେ ବିରୋଧ କରୁଥିଲେ। ସେଥିପାଇଁ ସେ ଆଉ ୯ ଜଣ ମହିଳାଙ୍କୁ ବିବାହ କରିଥିଲେ। ସମୁଦାୟ ୧୦ ମହିଳାଙ୍କୁ ସେ ବିବାହ କରିଛନ୍ତି। ମୋଟା ଯୋଗୁ ଆର୍ଥର ବହୁତ ଚିନ୍ତାଗ୍ରସ୍ତ ଥିଲେ। ତାଙ୍କର ଓଜନ ୧ କ୍ୱିଣ୍ଟାଲ ହୋଇଯାଇଥିଲା। ପରେ ତାଙ୍କ ଓଜନ ୨୮ କେଜି କମାଇଥିଲେ। ଓଜନ କମାଇବା ପରେ ସେ ମଡେଲିଂ ଆରମ୍ଭ କରିଥିଲେ। ସେ କହିଛନ୍ତି, ମୁଁ ଓଜନ ଯଦି କମାଇ ନ ଥାନ୍ତି ୯ ମହିଳାଙ୍କୁ ଏକାସାଙ୍ଗରେ ବିବାହ କରିପାରି ନ ଥାନ୍ତି।



## ୩ ଆଖିଆ ବାଛୁରୀ



**ମୁମ୍ବାଇ:** ଛତିଶଗଡ ରାଜନନ୍ଦଗାଁ ଜିଲାର ଲୋଧୀ ଗାଁରେ ଏକ ଅଜବ ଘଟଣା ଘଟିଛି। ଗୋଟେ ଜର୍ସୀ ଗାଈ ଏକ ବାଛୁରୀକୁ ଜନ୍ମ ଦେଇଛି। ହେଲେ ଜନ୍ମ ହୋଇଥିବା ବାଛୁରୀର ୩ଟି ଆଖି ରହିଛି। ଏହାସହ ବାଛୁରୀଟିର ନାକରେ ୪ଟି କଣା ରହିଛି। ଏହି ଘଟଣା ଶୁକ୍ରବାର ସନ୍ଧ୍ୟା ସମୟରେ ଦେଖିବାକୁ ମିଳିଛି। ମକର ସଂକ୍ରାନ୍ତିରେ ଏହି ବାଛୁରୀ ଜନ୍ମ ହୋଇଥିବାବେଳେ ତାହାକୁ ଦେଖିବାକୁ ଲୋକ୍ଙେ ଭିଡ଼ ଲଗାଇଥିଲେ। ସେଠାକାର ଲୋକେ ବାଛୁରୀକୁ ମହାଦେବଙ୍କ ରୂପ ବୋଲି ବିବେଚନା କରି ପୂଜା କରୁଥିବା ଦେଖିବାକୁ ମିଳିଛି।


**OFFICE OF THE DFO cum DMU CHIEF, OFSDP-II, SUBARNAPUR FOREST DIVISION**
At: Patabhadi, P.O.- Sonepur, Dist.- Subarnapur, PIN - 767017, Odisha
E-mail: dmuchiefsubarnapur@gmail.com

**ADVERTISEMENT**

The DFO-cum-DMU Chief, Subarnapur Forest Division invites application from suitable candidates for engagement of **01 Project Accountant** on contractual basis in DMU Subarnapur under OFSDP-II and engagement of **01 Development Officer (NRM, FF & IL) & 01 Team Leader under P-NGO Sabuja Biplav** for Odisha Forestry Sector Development Project, Phase-II.
Interested candidates are requested to send their details with Phone No. in a Plain CV (Only for Team Leader and DO) with Demand Draft from any Nationalized Bank for Rs.500/- (non-refundable) in favour of Divisional Forest Officer-cum-DMU Chief, Subarnapur Forest Division, payable at Sonepur should reach the O/o. the undersigned/put into the Drop Box on or before 5.00 P.M. on 28.01.2022. Candidates can refer the Terms of Reference and download application form (for Project Account) from the O/o. DFO-cum-DMU Chief, Subarnapur during office hours or may download from the website **(www.ofsdp.org/www.subrnapur.nic.in)**.

**Sd./- DFO-cum-DMU Chief**
**Subarnapur Forest Division**

**CLASSIFIED DISPLAY** — ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍: ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ବିଜୟୀ

**ଜର୍ଜଟାଉନ(ଗୁୟାନା), ୧୫।୧**

ଶୁକ୍ରବାରଠାରୁ ୱେଷ୍ଟଇଣ୍ଡିଜରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଗ୍ରୁପ୍ ଡି'ର ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ଓ ଶ୍ରୀଲଙ୍କା ୪୦ ରନରେ ସ୍କଟଲାଣ୍ଡକୁ ହରାଇ ପଏଣ୍ଟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦.୧ ଓଭରରେ ୧୬୯ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଧିନାୟକ ଅକ୍‌କିମ୍ ଅଗୁଷ୍ଟ ୬୭ ବଲର ସମ୍ମୁଖୀନ ହୋଇ ୮ ଚୌକା ମାରି ୫୭ ରନ ସଂଗ୍ରହ କରିଥିଲେ। ସେହିପରି ଉଇକେଟକିପର ବ୍ୟାଟର ରିଭାଲ୍ଡୋ କ୍ଲାର୍କ ୩୭, ମ୍ୟାକକେନି କ୍ଲାର୍କ ୨୯, ଜୋହାନ ଲେନ ୧୨ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଟମ୍ ହ୍ୱିଟ୍‌ନୀ, କୁପର କନୋଲି ଓ ନିଭେଥାନ ରାଧାକ୍ରିଷ୍ଣନ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୪୪.୫ ଓଭରରେ ୪ ଉଇକେଟ ହରାଇ ୧୭୦ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଟେଗୁ ହ୍ୱିଲି ସର୍ବାଧିକ ୮୬ ରନକରି ଅପରାଜିତ ରହି ଦଳକୁ ଜିତାଇଥିଲେ। ସେହିପରି କୁପର ୨୩, ରାଧାକ୍ରିଷ୍ଣନ ୩୧ ରନ କରିଥିବା ବେଳେ କ୍ୟାମ୍ପବେଲ କେଲାୱେ ୧୦ ରନକରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜର ଜୋନାଥନ ଲେନ, ଶିବ ଶଙ୍କର, ଓନାଜ ଆମୋରି ଓ ମାଥ୍ୟୁ ନନ୍ଦୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# 'କୁଇନ୍ସ ବାଟନ ରିଲେ ଶ୍ରେଷ୍ଠ ପରମ୍ପରାର ନିଦର୍ଶନ'

- ଐତିହାସିକ ସ୍ଥାନ ଭ୍ରମଣ କଲା କୁଇନ୍ସ ବାଟନ
- କଳିଙ୍ଗରେ ପ୍ରତୀକାତ୍ମକ ରିଲେ ଓ ବିଦାୟ ସମ୍ବର୍ଦ୍ଧନା


ରାଜଭବନରେ ଶନିବାର କୁଇନ୍ସ ବାଟନ ସହ ରାଜ୍ୟପାଳ ଗଣେଶୀ ଲାଲ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଦସ୍ୟ ହରିଓଁ କୌଶିକ।

**ଭୁବନେଶ୍ୱର,୧୫।୧(ସ୍ପୋର୍ଟ୍ସ ବ୍ୟୁରୋ)**

୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ୍ସ ବାଟନ ଶନିବାର ଓଡ଼ିଶାରେ ତା'ର ଭ୍ରମଣ ଆରମ୍ଭ ଓ ଶେଷ କରିଛି। ଏଠାରେ ପହଞ୍ଚିବାର ଗୋଟିଏ ଦିନ ପରେ ଏହି ବାଟନ ଶନିବାର ବିଭିନ୍ନ ଐତିହାସିକ ସ୍ଥାନ ଭ୍ରମଣ କରିଥିଲା ଓ ପରେ ଏହାକୁ ନେଇ କଳିଙ୍ଗ ଷ୍ଟାଡିୟମରେ ଏକ ପ୍ରତୀକାତ୍ମକ ରିଲେ ଅନୁଷ୍ଠିତ ହୋଇଥିଲା। ସକାଳୁ କଳିଙ୍ଗ ଷ୍ଟାଡିୟମରେ ବାଟନ ଭ୍ରମଣ କରିବା ଆରମ୍ଭ କରିଥିଲା। ଅଲିମ୍ପିଆନ ଦୂତୀ ଚାନ୍ଦ ଓ ସୁନୀତା ଲାକ୍ରା ଆନୁଷ୍ଠାନିକ ଏହି ବାଟନ ଧରି ରିଲେ ଆରମ୍ଭ କରିଥିଲେ। ବାଟନ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବା ପରେ ପୁରୀ ବ୍ଲୁ ଫ୍ଲାଗ ବିଚ୍ ଦେଇ କୋଣାର୍କ ସୂର୍ଯ୍ୟମନ୍ଦିର ମଧ୍ୟ ଯାତ୍ରା କରିଥିଲା। ସେଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲା ପ୍ରଶାସନର ଅଧିକାରୀମାନେ ବାଟନକୁ ସ୍ୱାଗତ କରିଥିଲେ। ଏହାପରେ ବାଟନ ଭୁବନେଶ୍ୱରସ୍ଥିତ ରାଜଭବନରେ ପହଞ୍ଚିଥିଲା। ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟଙ୍କଠାରୁ ରାଜ୍ୟପାଳ ଗଣେଶୀ ଲାଲ ଏହି ବାଟନ ଗ୍ରହଣ କରିଥିଲେ। ଏହାପରେ ବାଟନ ଭୁବନେଶ୍ୱର ପରିଭ୍ରମଣ କରି ଶେଷରେ କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିଥିଲା। ବିଭିନ୍ନ କ୍ରୀଡ଼ାବିତ୍ ରାଖାଲ ସେଠୀ, ରୋଶନ ମିଞ୍ଜ, ଦିଲେଶ୍ୱର ରାଓ ଓ କୋଚ ରାଜେଶ ସିଂ, କାଳୁଚରଣ ଚୌଧୁରୀ, ଲୁସେଲା ଏକ୍କା, ଲିପିକା ମହାପାତ୍ର, ସେଣ୍ଟ ଭିକ୍ଟର ମିଞ୍ଜ୍ ଏହି ରିଲେରେ ଅଂଶଗ୍ରହଣ କରିଥିଲେ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣାଙ୍କୁ ବାଟନ ହସ୍ତାନ୍ତର କରିବା ପରେ ବାଟନ ରିଲେର ସମାପନ ହୋଇଥିଲା। ଏହି ଅବସରରେ ରାଜ୍ୟ ଯୁବ କଲ୍ୟାଣ ବିଭାଗ କାର୍ଯ୍ୟକାରୀ ଅଧ୍ୟକ୍ଷ ବିଜୟ ନାୟକ ଉପସ୍ଥିତ ଥିଲେ। ଶେଷରେ କ୍ରୀଡ଼ାବିତ୍ ଓ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବାଟନ ଭାରତୀୟ ଅଲିମ୍ପିକ ଆସୋସିଏଶନକୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ପ୍ରଦାନ କରିଥିଲେ। କୁଇନ୍ସ ବାଟନକୁ ଓଡ଼ିଶାରେ ସ୍ୱାଗତ କରି ଆମେ ଆନନ୍ଦିତ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର କୁଇନ୍ସ ବାଟନ ରିଲେ ଏକ ଶ୍ରେଷ୍ଠ ପରମ୍ପରାର ନିଦର୍ଶନ। ବାଟନ ରିଲେର ଅଂଶବିଶେଷ ହୋଇଥିବାରୁ ଓଡ଼ିଶା ଗୌରବାନ୍ୱିତ ମନେକରୁଛି। ରାଜ୍ୟରୁ ଏକାଧିକ ଜଣାଶୁଣା କ୍ରୀଡ଼ାବିତ୍ ସୃଷ୍ଟି ହୋଇଛନ୍ତି। ଏହି ରିଲେରେ ଆମ କ୍ରୀଡ଼ାବିତ୍‌ମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅଂଶବିଶେଷ ହୋଇପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ଏବେ କ୍ରୀଡ଼ା ଓ ଯୁବ ସମାଜର ସାମର୍ଥ୍ୟ ଉପରେ ଭରସା କରୁଛି। ଆମ ରାଜ୍ୟରେ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ରହିଛି। ରାଜ୍ୟରେ ଏବେ କ୍ରୀଡ଼ାର ଏକ ବଳିଷ୍ଠ ସଂସ୍କୃତିର ବିକାଶ ଆରମ୍ଭ ହୋଇଛି। ଯୁବ ଆଥଲେଟମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ଏହି ରିଲେ ଉତ୍ସାହିତ କରିବ। ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇ କମିଶନର ନିକ୍ ଲୋ ଏହି ଭିଡିଓ ବାର୍ତ୍ତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବାଟନ ଓଡ଼ିଶାକୁ ଆସିବ ବୋଲି ଜାଣି ବେଶ୍ ଆନନ୍ଦିତ ହୋଇଥିଲି। ଏଫଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍ ଦେଖିବାକୁ କିଛିଦିନ ତଳେ ଓଡ଼ିଶା ଯାତ୍ରା କରିଥିଲି। କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମଧ୍ୟ ବୁଲି ଦେଖିବା ସହ ଓଡ଼ିଶା ଏଫ୍‌ସି ଦଳ ସହ ସାକ୍ଷାତ କରିଥିଲି। ଓଡ଼ିଶାରେ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି ବୋଲି କେହି ସନ୍ଦେହ କରିବା ଉଚିତ ନୁହଁ। ରାଜ୍ୟରେ ଉଚ୍ଚ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଓ ପ୍ରଶାସକ ରହିଛନ୍ତି। କୁଇନ୍ସ ବାଟନକୁ ଓଡ଼ିଶାରେ ଉଚ୍ଛ୍ୱସିତ ସ୍ୱାଗତ ମିଳିବ ବୋଲି ଜାଣିଛି। ବର୍ମିଂହାମରେ ମଧ୍ୟ ଓଡ଼ିଶାର ଆଥ୍‌ଲେଟଙ୍କୁ ସମାନ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ସେ ନିକ୍ ପ୍ରତିଶ୍ରୁତି ଦେଇଛନ୍ତି। ଏବେ ବାଟନ ଓଡ଼ିଶା ପ୍ରସ୍ଥାନ କରି ସିଙ୍ଗାପୁର ଯିବ। କଳିଙ୍ଗ ଷ୍ଟାଡିୟମରେ ରାତିର ଆକାଶରେ ମନଲୋଭା ଆତସବାଜିରେ ବାଟନକୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଲ୍ଲେଖଥାଉ କି କ୍ରୀଡ଼ା ମହାକୁମ୍ଭ ଆୟୋଜନ ହେବା ପୂର୍ବରୁ କୁଇନ୍ସ ବାଟନ ରିଲେ ରାଜ୍ୟଗୋଷ୍ଠୀରେ ସାମିଲ ହୋଇଥିବା ୭୨ଟି ଦେଶ ଓ ଅଞ୍ଚଳରେ ଭ୍ରମଣ କରିବାର ପରମ୍ପରା ରହିଛି। କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ଏକାଠି କରିବାକୁ ଏବଂ କ୍ରୀଡ଼ାର ବରିଷ୍ଠ ପରମ୍ପରା ଆଗକୁ ନେଇଯିବାକୁ ଏହି ରାଲି ମାଧ୍ୟମରେ ପ୍ରୟାସ କରାଯାଇଥାଏ। ଇଂଲଣ୍ଡ ମହାରାଣୀ ଏଲିଜାବେଥ-୨ ରାଜ୍ୟଗୋଷ୍ଠୀର ମୁଖ୍ୟ ଭାବେ ୭୦ ବର୍ଷ ପୂରଣ କରିଥିବାରୁ ତାଙ୍କ ସମ୍ମାନ ପାଇଁ ପ୍ଲାଟିନ୍‌ମରେ ନିର୍ମିତ ଏହି ବାଟନ ଭ୍ରମଣ କରିଥାଏ। ଏହା ହେଉଛି ୧୬ତମ ଆନୁଷ୍ଠାନିକ ବାଟନ ରିଲେ। ୟୁରୋପ, ଏସିଆ, ଆଫ୍ରିକା, ଓସେନିଆ, କ୍ୟାରିବିୟାନ ଓ ଆମେରିକାର ବିଭିନ୍ନ ଦେଶରେ ଏହି ବାଟନ ୨୬୯ ଦିନ ଧରି ଭ୍ରମଣ କରିଥାଏ। ପ୍ରତ୍ୟେକ ଦେଶ ତଥା ଅଞ୍ଚଳରେ ଏହି ବାଟନ ୨ ଓ ୪ ଦିନ ରହିଥାଏ। ଓଡ଼ିଶାରେ ମଧ୍ୟ ଏହି ବାଟନ ରାତିରେ ରହିଛି।

## ଆସେଶ ପଞ୍ଚମ ଟେଷ୍ଟ: ଅଷ୍ଟ୍ରେଲିଆ ଅଗ୍ରଣୀ

**ହୋବାର୍ଟ,୧୫।୧**


ପ୍ୟାଟ୍ କୁମିନ୍ସ

ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ସହ ସ୍ଥିତି ଦୃଢ଼ କରିଛି। ପ୍ରଥମ ୩ଟି ମ୍ୟାଚ୍ ଜିତି ୩-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇଥିବା ଅଷ୍ଟ୍ରେଲିଆ ଟସ୍ ହାରି ପ୍ରଥମ ଇନିଂସରେ ୭୫.୪ ଓଭରରେ ୩୦୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ୪୭.୪ ଓଭରରେ ୧୮୮ ରନକରି ଅଲଆଉଟ ହୋଇ ୧୧୫ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୧୯ ଓଭରରେ ୩ ଉଇକେଟ ହରାଇ ୩୭ ରନ କରିଛି। ଫଳରେ ଅଷ୍ଟ୍ରେଲିଆ ୭ ଉଇକେଟ ହାତରେ ରଖି ମୋଟ ଉପରେ ୧୫୨ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଷ୍ଟିଭ୍ ସ୍ମିଥ୍ ୧୭ ଓ ସ୍କଟ ବୋଲାଣ୍ଡ ୩ ରନକରି ଅପରାଜିତ ରହିଛନ୍ତି। ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର ଦୁଇଟି ଇନିଂସରେ ଖାତା ଖୋଲିପାରିନାହାନ୍ତି। ଉସମାନ ଖ୍ୱାଜା ୧୧ ଓ ମାର୍ନସ ଲାବୁସେନ ୫ ରନକରି ଆଉଟ ହୋଇଛନ୍ତି। ଇଂଲଣ୍ଡ ତରଫରୁ ଷ୍ଟୁଆର୍ଟ ବ୍ରଡ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୧/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୧୦ ଓ ମିଚେଲ ଷ୍ଟାର୍କ ଶୂନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୪ ଓ ୩ ରନକରି ଆଉଟ ହୋଇଥିଲେ। ଅଧିନାୟକ ପ୍ୟାଟ୍ କୁମିନ୍ସ ୨ ଓ ନାଥନ ଲିଓନ ୩୧ ରନକରି ଆଉଟ ହୋଇଥିବା ବେଳେ ସ୍କଟ ବୋଲାଣ୍ଡ ୧୦ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରଡ ଓ ଉଡ୍ ୩ଟି ଲେଖାଏ, ଓଲି ରବିନସନ ଓ କ୍ରିସ ୱୋକ୍ସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏହାପରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଭଲ ପ୍ରଦର୍ଶନ କରି ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୭.୪ ଓଭରରେ ୧୮୮ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ୱୋକ୍ସ ସର୍ବାଧିକ ୩୬, ଅଧିନାୟକ ଜୋ ରୁଟ୍ ୩୪, ସାମ ବିଲିଙ୍ଗ୍ସ ୨୯, ଦାୱିଦ ମଲନ ୨୫, ଜ୍ୟାକ କ୍ରଲି ୧୮, ଉଡ୍ ୧୬ ରନକରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ କୁମିନ୍ସ ସର୍ବାଧିକ ୪, ଷ୍ଟାର୍କ ୩, ବୋଲାଣ୍ଡ ଓ କାମେରନ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୭୫.୪ ଓଭରରେ ୩୦୩ ଅଲଆଉଟ।

ଇଂଲଣ୍ଡ ପ୍ରଥମ ଇନିଂସ- ୪୭.୪ ଓଭରରେ ୧୮୮ ଅଲଆଉଟ।

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୧୯ ଓଭରରେ ୩୭/୩

(ସ୍ମିଥ- ୧୭*, ବୋଲାଣ୍ଡ- ୩*, ଖ୍ୱାଜା- ୧୧, ଲାବୁସେନ-୫, ବ୍ରଡ- ୧/୯, ୱୋକ୍ସ-୧/୧୩, ଉଡ୍-୧/୯)।


ମହେନ୍ଦ୍ର ତେଜା ମେକଲା

# ମହେନ୍ଦ୍ର ତେଜା ଚାମ୍ପିୟନ

**ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଜୀବନାନନ୍ଦ ଶତପଥୀ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ମହେନ୍ଦ୍ର ତେଜା ମେକଲା ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ୭.୫ ପଏଣ୍ଟ ପାଇଛନ୍ତି। ୭ ପଏଣ୍ଟ ଲେଖାଏ ପାଇଥିବା ଅହମଦାବାଦର କର୍ତ୍ତବ୍ୟ ଅନାଡକଟ୍ ରନର୍ସଅପ୍ ହୋଇଥିବାବେଳେ ଭୁବନେଶ୍ୱରର ସତ୍ୟେନ୍ଦୁ ଶେଖର ଖୁଣ୍ଟିଆ ୩ୟ ଓ ମହାରାଷ୍ଟ୍ରର ଓମ୍ ନିଲେଶ ଦେଓରୁଖକର ୪ର୍ଥ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ଅମୃତ ଅଭିଷେକ ଜୁନିୟର, ଭବେଶ କୁଞ୍ଜ ଭାନୁଶାଲି, ଏ. ବିଶ୍ୱ (ସମସ୍ତେ ୬.୫ ପଏଣ୍ଟ), ସୌମ୍ୟରଞ୍ଜନ ମିଶ୍ର, ଭାରତୀ ମଣି, ରବୀନ୍ଦ୍ର କୁମାର ଓଝା, ହର୍ଷିତ ରଞ୍ଜନ ସାହୁ, ସତ୍ୟମ ସରବଜିତ ମିଶ୍ର, ଅମରେନ୍ଦ୍ର ଖମାରି, ଅଭୟ କୁମାର ଦାଶ ଓ ଅଦିତି ମୁଖାର୍ଜୀ (ସମସ୍ତେ ୬) ଟପ୍-୧୫ ଫିନିଶ୍ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରବୀନ୍ଦ୍ର ସାହୁ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ।

# ଜୋକୋଭିଚ୍‌ଙ୍କ ଲଢ଼େଇ ଜାରି

**ମେଲବୋର୍ନ,୧୫।୧**


ନୋଭାକ ଜୋକୋଭିଚ୍

ବିଶ୍ୱର ଏକ ନମ୍ବର ଟେନିସ୍ ଖେଳାଳି ନୋଭାକ ଜୋକୋଭିଚ୍ ଅଭାବନୀୟ ସ୍ଥିତିର ସମ୍ମୁଖୀନ ହୋଇ ଫସିଯାଇଛନ୍ତି। ଦ୍ୱିତୀୟଥର ପାଇଁ ଭିଜା ରଦ୍ଦ ହେବା ପରେ ତାଙ୍କୁ ପୁଣି ଥରେ ଇମିଗ୍ରେଶନ ଡିଟେନସନ ସେଣ୍ଟରକୁ ପଠାଇଦିଆଯାଇଛି। ପ୍ରତ୍ୟର୍ପଣ ଆଶଙ୍କା ଏଡାଇବାକୁ ତାଙ୍କ ଲଢେଇ ଜାରି ରହିଛି। କୋଭିଡ୍-୧୯ ଟିକା ନ ନେଇ ଅଷ୍ଟ୍ରେଲିଆରେ ପ୍ରବେଶ କରିଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଏଡାଇବା ପାଇଁ ଜୋକୋଭିଚ୍‌ଙ୍କ ଲିଗାଲ ଟିମ୍ ୩ ଜଜ୍ ବିଶିଷ୍ଟ ଏକ ହାୟର କୋର୍ଟରେ ଅପିଲ କରିଛନ୍ତି। ଏହି ମାମଲାରେ ରବିବାର ଏକ ଫେଡେରାଲ କୋର୍ଟରେ ଶୁଣାଣି ହେବ। ଏହାର ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ଜୋକୋଭିଚ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଅଭିଯାନ ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସେ ପ୍ରଥମ ରାଉଣ୍ଡରେ ନିଜ ଦେଶ ସର୍ବିୟାର ମିଓମିର କେକ୍‌ମାନୋଭିକ୍‌ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଜୋକୋଭିଚ୍‌ଙ୍କ ଓକିଲମାନେ ରହୁଥିବା ବିଲ୍ଡିଂରେ ପାଖ ଲେନ୍‌କୁ ପୋଲିସ୍ ଇତିମଧ୍ୟରେ ସିଲ୍ କରିଛି। ସେହିପରି ଇମିଗ୍ରେଶନ ଡିଟେନସନ ହୋଟେଲରେ ମାସ୍କ ପରିଧାନ କରି ଗାଡି ପଛରେ ବସିଥିବା ଜୋକୋଭିଚ୍‌ଙ୍କୁ ଟେଲିଭିଜନ ଫୁଟେଜ ମାଧ୍ୟମରେ ଦେଖାଯାଇଥିଲା। ଜୋକୋଭିଚ୍ ପୁଣି ଡିଟେନସନକୁ ଫେରିଛନ୍ତି ବୋଲି ଅଷ୍ଟ୍ରେଲିଆର ଆସୋସିଏଟ ପ୍ରେସ୍ ତରଫରୁ ସୂଚନା ଦିଆଯାଇଛି। ଗତ ସୋମବାର ଏକ କୋର୍ଟର କେସ୍ ଜିତିବା ପରେ ଜୋଭୋଭିକ୍‌ଙ୍କୁ ଡିଟେନସନରୁ ମୁକ୍ତ କରାଯାଇଥିଲା। ଏଥିସହ ତାଙ୍କ ପାସପୋର୍ଟ, ଅନ୍ୟାନ୍ୟ ଜିନିଷ ତାଙ୍କୁ ଫେରାଇଦେବା ପାଇଁ କୋର୍ଟ ତରଫରୁ କୁହାଯାଇଥିଲା। ଏଥିସହ ତାଙ୍କ ଭିଜା ରଦ୍ଦ କରିବାର ନିଷ୍ପତ୍ତି ଭୁଲ ଥିଲା ବୋଲିଂ କୋର୍ଟ କହିଥିଲେ। ତେବେ ଇମିଗ୍ରେଶନ ମିନିଷ୍ଟର ଆଲେକ୍ସ ହକ୍ ୩୪ ବର୍ଷୀୟ ଜୋକୋଭିଚଙ୍କ ଭିଜାକୁ ଶୁକ୍ରବାର ପୁଣି ରଦ୍ଦ କରିଥିଲେ। ଯଦି ଜୋଭୋଭିଚ୍ ପ୍ରତ୍ୟର୍ପିତ ହୁଅନ୍ତି ତେବେ ସେ ୩ ବର୍ଷ ଅଷ୍ଟ୍ରେଲିଆକୁ ପ୍ରବେଶ କରିପାରିବେ ନାହିଁ। ଯଦିଓ ସ୍ଥିତି ଅନୁସାରେ ଏହି ନିଷ୍ପତ୍ତି ବଦଳିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ଅବଶ୍ୟ ସେ ନିଜର ତ୍ରୁଟି ସ୍ୱୀକାର କରିଥିଲେ। କୋଭିଡ୍ ପଜିଟିଭ ହେବା ସତ୍ତ୍ୱେ ସେ ଟ୍ରାଭେଲ ହିଷ୍ଟ୍ରି ଲୁଚାଇବାକୁ ପ୍ରୟାସ କରିଥିବା ମାନିଥିଲେ। ସେ ଜଣେ ଖବରଦାତାଙ୍କୁ ସାକ୍ଷାତ ମଧ୍ୟ କରିଥିଲେ। ଅଷ୍ଟ୍ରେଲିଆ ପହଞ୍ଚିବାର ଦୁଇ ସପ୍ତାହ ପୂର୍ବରୁ ସେ ମଧ୍ୟ ପିଜିଟିଭ ହେବା ସତ୍ତ୍ୱେ ୟୁରୋପର କେତୋଟି ଦେଶ ଭ୍ରମଣ କରି କେତୋଟି ଇଭେଣ୍ଟରେ ଭାଗ ନେଇଥିଲେ। ତେବେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହକ୍ ଜୋକୋଭିଚ୍‌ଙ୍କୁ ପ୍ରତ୍ୟର୍ପଣ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି। ଜୋକୋଭିଚ୍‌ଙ୍କ ଓକିଲମାନେ ଶନିବାର କୋର୍ଟରେ ବିଭିନ୍ନ ଦସ୍ତାବିଜ ଫାଇଲ କରିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ୮୯ ପ୍ରତିଶତ ଲୋକଙ୍କ ଟିକାକରଣ ହୋଇଛି। ଟିକା ନେଇ ନ ଥିବା ଜୋଭୋଭିଚ୍‌ଙ୍କ ଉପସ୍ଥିତି ଅଷ୍ଟ୍ରେଲିଆ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ହକ୍ କହିଛନ୍ତି। ଗତ ଏପ୍ରିଲରେ ଜୋକୋଭିଚ୍ ଟିକା ନେବାକୁ ବିରୋଧ କରି ମତ ରଖିଥିଲେ। ଟିକା ନେବାକୁ କେହି ମୋତେ ବାଧ୍ୟ କରିପାରିବେନି ବୋଲି ସେ କହି ସେତେବେଳେ ଚର୍ଚ୍ଚା ସୃଷ୍ଟି କରିଥିଲେ। ଭିଡିଓ କୋର୍ଟ ଶୁଣାଣି ପାଇଁ ଏବେ ରବିବାର ନିଜ ଓକିଲଙ୍କୁ ଭେଟିବାକୁ ଜୋକୋଭିଚ୍ ହୋଟେଲ ବାହାରକୁ ଯାଇପାରିବେ ବୋଲି ଅନୁମତି ଦିଆଯାଇଛି। ଜୋଭୋଭିଚ୍ ଅଷ୍ଟ୍ରେଲିଆନ ଓପନ୍‌ର ଗତ ୩ଟି ସଂସ୍କରଣରେ ଚାମ୍ପିୟନ ହେବା ସହ ମୋଟ୍ ୯ ଥର ଟାଇଟଲ ଜିତିଛନ୍ତି। ସେ ମଧ୍ୟ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ରାଫାଲ ନାଡାଲ, ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି।

## କୋହଲିଙ୍କ ନିଷ୍ପତ୍ତିରେ ପ୍ରତିକ୍ରିୟା

**ଜୟ ଶାହା:** ଅଧିନାୟକ ଭାବେ କୋହଲି ଭାରତୀୟ କ୍ରିକେଟ ଦଳକୁ ନୂଆ ଦିଗ୍ ଦର୍ଶନ ଦେଇଛନ୍ତି। ଟିମ୍ ଇଣ୍ଡିଆ ତାଙ୍କ ପାଇଁ ଫିଟ୍‌ନେସର ଶୀର୍ଷରେ ପହଞ୍ଚି ଉଦାହରଣ ସୃଷ୍ଟି କରିଛି। ଭାରତକୁ ସେ ଉଭୟ ଘରୋଇ ଓ ବିଦେଶୀ ମାଟିରେ ବିଜୟୀ କରାଇଛନ୍ତି।

**ଆଇସିସି:** ଗତ ୭ ବର୍ଷ ଧରି ଭାରତକୁ କୋହଲି ନୂଆ ନେତୃତ୍ୱ ପ୍ରଦାନ କରବା ସହ ଦଳର ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହୋଇଥିଲେ। ଜଣେ ଭଲ ଖେଳାଳି ହେବା ସଙ୍ଗେସଙ୍ଗେ ସେ ଜଣେ ଉଚ୍ଚକୋଟୀର ଅଧିନାୟକ ମଧ୍ୟ।

**ବିସିସିଆଇ:** ନିଜ ବଳିଷ୍ଠ ନେତୃତ୍ୱ ବଳରେ କୋହଲି ଭାରତୀୟ ଟେଷ୍ଟ ଦଳକୁ ଶୀର୍ଷରେ ପହଞ୍ଚାଇପାରିଥିଲେ। ତାଙ୍କୁ ବୋର୍ଡ ତରଫରୁ ଅଭିନନ୍ଦନ।

**ସୁରେଶ ରାଇନା:** କୋହଲିଙ୍କ ନିଷ୍ପତ୍ତି ଆଶ୍ଚର୍ଯ୍ୟଜନ ହୋଇଥିଲେ ମଧ୍ୟ ତାକୁ ସମ୍ମାନ ଜଣାଉଛି। ଭାରତ ଓ ବିଶ୍ୱ କ୍ରିକେଟ ପାଇଁ ସେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛନ୍ତି। ସେ ଭାରତ ତଥା ବିଶ୍ୱର ଜଣେ ଆକ୍ରମଣାତ୍ମ ଓ ଫିଟ୍ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

**ୱସିମ ଜାଫର:** କୋହଲି ଭାରତୀୟ କ୍ରିକେଟକୁ ଆଗକୁ ନେବାରେ ସଫଳ ହୋଇଛନ୍ତି। ଦଳରେ ଫିଟ୍‌ନେସ ଓ ଦକ୍ଷତାର ବଳିଷ୍ଠ ପରମ୍ପରା ସୃଷ୍ଟି କରିଛନ୍ତି।

**ଆକାଶ ଚୋପ୍ରା:** କୋହଲି ଟେଷ୍ଟ ଅଧିନାୟକ ପଦ ଛାଡିବେ ବୋଲି ଭାବି ନ ଥିଲି।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ଜଣେ ଖେଳାଳି ଓ ଅଧିନାୟକ ଭାବେ କୋହଲି ଉଦାହରଣ ସୃଷ୍ଟି କରିଛନ୍ତି।

# ଭାରତର ସବୁଠୁ ସଫଳ ଟେଷ୍ଟ ଅଧିନାୟକ



**କୋହଲିଙ୍କ ଟେଷ୍ଟ ଅଧିନାୟକ ରେକର୍ଡ**

**ମ୍ୟାଚ ୬୮, ବିଜୟ: ୪୦, ପରାଜୟ: ୧୭, ଡ୍ର: ୧୧, ବିଜୟ ପ୍ରତିଶତ: ୫୮.୮୨, ପରାଜୟ ପ୍ରତିଶତ: ୨୫.୦୦**

ଭାରତୀୟ ଟେଷ୍ଟ କ୍ରିକେଟର ସବୁଠାରୁ ସଫଳ ଅଧିନାୟକ ହେଉଛନ୍ତି ବିରାଟ କୋହଲି। ଅନ୍ତର୍ଜାତୀୟ କ୍ରିକେଟରେ ସେ ହେଉଛନ୍ତି ୪ର୍ଥ ଶ୍ରେଷ୍ଠ ଅଧିନାୟକ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୧-୨ରେ ସିରିଜ ହାରିବା ପରେ ଟେଷ୍ଟ ଅଧିନାୟକ ପଦ ଛାଡ଼ି ନିଜ ପ୍ରଶଂସକଙ୍କୁ ସ୍ତବ୍ଧ କରିଛନ୍ତି ବିରାଟ। ପୂର୍ବରୁ ଟି୨୦ ଅଧିନାୟକ ପଦ ଛାଡ଼ିଥିବା ବିରାଟଙ୍କୁ ପରେ ଦିନିକିଆ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା। ଏହାପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ତାଙ୍କର ମତାନ୍ତର ଲାଗି ରହିଥିଲା। ୨୦୧୫ରୁ ପୂର୍ଣ୍ଣକାଳୀନ ଟେଷ୍ଟ ଅଧିନାୟକ ହୋଇଥିବା ବିରାଟ କୋହଲିଙ୍କ ଅଧୀନରେ ଭାରତ ୬୮ଟି ଟେଷ୍ଟ ଖେଳି ୪୦ଟିରେ ବିଜୟୀ ହୋଇଥିଲା। ୧୭ଟି ମ୍ୟାଚ ହାରିଥିବାବେଳେ ୧୧ ଟେଷ୍ଟ ଡ୍ର ରଖିଥିଲା। କୋହଲିଙ୍କ ନେତୃତ୍ୱରେ ଭାରତର ବିଜୟ ହାର ଥିଲା ୫୮.୮୨। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ବିଜୟକୁ ଦେଖିଲେ ବିରାଟଙ୍କ ଉପରେ ମାତ୍ର ୩ ଜଣ ରହିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଓ ଷ୍ଟିଭ୍ ୱା। ସ୍ମିଥଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୧୦୯ଟି ମ୍ୟାଚ ଖେଳିଥିବାବେଳେ ୫୩ଟିରେ ବିଜୟୀ ହୋଇଛି, ୨୯ଟି ହାରିଥିବାବେଳେ ୨୭ଟି ଡ୍ର ରଖିଛି। ପଣ୍ଟିଂ ୭୭ ମ୍ୟାଚର ନେତୃତ୍ୱ ନେଇ ୪୮ଟିରେ ଅଷ୍ଟ୍ରେଲିଆକୁ ଜିତାଇଥିବାବେଳେ ୧୬ଟି ପରାଜୟ ସ୍ୱାଦ ଚାଖିଛନ୍ତି ଏବଂ ୧୩ ମ୍ୟାଚ ଡ୍ର ରଖିଛନ୍ତି। ସେହିପରି ୱ'ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫୭ ମ୍ୟାଚ ଖେଳିଥିବାବେଳେ ୪୧ଟିରେ ବିଜୟୀ ହୋଇଛି, ୯ଟିରେ ପରାଜିତ ହୋଇଥିବାବେଳେ ୭ଟି ଡ୍ର ରଖିଛି। ବିଶ୍ୱ କ୍ରିକେଟର ଅନ୍ୟତମ ମହାନ୍ ଅଧିନାୟକ ୱେଷ୍ଟଇଣ୍ଡିଜର କ୍ଲାଇବ ଲୟଡ କିନ୍ତୁ କୋହଲିଙ୍କ ପଛକୁ ୫ମ ସ୍ଥାନରେ ରହିଛନ୍ତି। ସେ ୭୪ଟି ମ୍ୟାଚରେ ନେତୃତ୍ୱ ନେଇଥିବାବେଳେ ତାଙ୍କ ଦଳ ୩୬ଟିରେ ଜିତିଥିଲା, ୧୨ଟି ହାରିଥିଲା ଏବଂ ୨୬ ମ୍ୟାଚ ଡ୍ର ରଖିଥିଲା। ଭାରତୀୟ ଅଧିନାୟକଙ୍କ ପ୍ରସଙ୍ଗ ଉଠିଲେ ବହୁ ଉପରେ ରହିଛନ୍ତି କୋହଲି। ତାଙ୍କ ତଳକୁ ଅଛନ୍ତି ମହେନ୍ଦ୍ର ସିଂ ଧୋନୀ। ସେ ୬୦ଟି ମ୍ୟାଚରେ ଦଳର ନେତୃତ୍ୱ ନେଇ ୨୭ଟି ଜିତାଇଥିବାବେଳେ ୧୮ଟିରେ ପରାଜୟ ସ୍ୱାଦ ଚାଖିଥିଲେ ଏବଂ ୧୫ଟି ମ୍ୟାଚ ଡ୍ର ରହିଥିଲା। ବର୍ତ୍ତମାନର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନ, ସୁନୀଲ ଗାଭାସ୍କର, ନୱାବ ପଟୌଦୀ, କପିଳ ଦେବ ପ୍ରମୁଖ ଏହା ପଛକୁପଛ ରହିଛନ୍ତି। ପ୍ରକାଶଯୋଗ୍ୟ, ଗତ ଡିସେମ୍ବରରେ ଟି୨୦ ବିଶ୍ୱକପ ପୂର୍ବରୁ କୋହଲି ଅଧିନାୟକ ପଦରୁ ଓହରି ଯାଇଥିଲେ। କୋହଲିଙ୍କୁ ଅଧିନାୟକ ପଦ ବଜାୟ ରଖିବାକୁ କୁହାଯାଇଥିଲା ବୋଲି ସୌରଭ ଗାଙ୍ଗୁଲି ପ୍ରକାଶ କରିବାର କିଛିଦିନ ପରେ କୋହଲି ସ୍ୱରରେ ଏହାର ବିରୋଧାଭାସ ଥିଲା। କେହି ତାଙ୍କୁ ଅଧିନାୟକ ପଦ ବଜାୟ ରଖିବାକୁ କହି ନ ଥିଲେ ବୋଲି କୋହଲି ପ୍ରକାଶ କରିଥିଲେ। ମାତ୍ର ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ କୋହଲିଙ୍କୁ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କହିଥିଲେ ବୋଲି ଚୟନ କମିଟି ମୁଖ୍ୟ ଚେତନ ଶର୍ମା ପ୍ରକାଶ କରିଥିଲେ। ଫଳରେ କୋହଲିଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କୋହଲି ଏବେ ଟୁଇଟର ମାଧ୍ୟମରେ ଟେଷ୍ଟ ଅଧିନାୟକ ପଦ ଛାଡ଼ିବା ସମ୍ପର୍କରେ ଘୋଷଣା କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ଅଧିନାୟକ ଭାବେ ଦଳର ଭଲ ପ୍ରଦର୍ଶନ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହି ଅବସରରେ ସେ ବିସିସିଆଇ ଏବଂ ନିଜ ଟିମ୍‌ମେଟ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା ଫେବୃୟାରୀ-ମାର୍ଚ୍ଚରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୨ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜ ଖେଳିବ। ସେଠାରେ କୋହଲି କ୍ୟାରିୟରର ୧୦୦ଟେଷ୍ଟ ଖେଳିବା ସମ୍ଭାବନା ରହିଛି। ଦକ୍ଷିଣ ଆଫ୍ରିକାରେ ସେ ୯୯ତମ ଟେଷ୍ଟ ଖେଳିଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୧୬/୨୦୨୨ (୮+୪=୧୨ ପୃଷ୍ଠା) | Sambalpur, Sunday, January 16/2022 | ପୃଷ୍ଠା-୧



**ନେଗେଟିଭ୍ ଚରିତ୍ରରେ ତବୁ**
କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ରହିଥିବା ବଲିଉଡ୍ ନାୟିକା ତବୁଙ୍କୁ ଅପ୍‌କମିଂ ଫିଲ୍ମ 'କୁତ୍ତେ'ରେ ନେଗେଟିଭ୍ ଚରିତ୍ରରେ ଦେଖିବାକୁ ମିଳିବ। ୦୩

୦୪ **କମଳାକାନ୍ତଙ୍କ ଅଭିଳାଷ**
ଓଡ଼ିଶାର ଦିବ୍ୟାଙ୍ଗ ହୁଇଲଚେୟାର ମାରାଥନର କମଳାକାନ୍ତ ନାୟକ ଶନିବାର ଭୁବନେଶ୍ୱରରେ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅଭିଯାନ ଆରମ୍ଭ କରିଛନ୍ତି।



## ବିପିଏସ୍‌ପିଏ ଶ୍ରେଷ୍ଠ ପ୍ରଶିକ୍ଷଣ ପ୍ରତିଷ୍ଠାନ




**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ଗେଜେଟେଡ୍ ଅଫିସର୍ସ କାଟେଗୋରିରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ(ବିପିଏସ୍‌ପିଏ) ୨୦୨୦-୨୧ ବର୍ଷ ପାଇଁ ଦେଶର ସର୍ବଶ୍ରେଷ୍ଠ ପୋଲିସ ଟ୍ରେନିଂ ପ୍ରତିଷ୍ଠାନ ଭାବେ ମାନ୍ୟତା ପାଇଛି। ରାଷ୍ଟ୍ରୀୟସ୍ତରରେ ଏହି ସମ୍ମାନ ସହ ବିପିଏସ୍‌ପିଏକୁ ୨୦ଲକ୍ଷ ଟଙ୍କାର(ଗ୍ରାଣ୍ଟ-ଇନ୍-ଏଡ୍) ପୁରସ୍କାର ମଧ ମିଳିଛି। ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶାର ବିପିଏସ୍‌ପିଏକୁ ଏହି ସର୍ବଶ୍ରେଷ୍ଠ ସମ୍ମାନ ମିଳିଛି, ଯାହାକି ଏକାଡେମୀର ସମସ୍ତଙ୍କ ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇପାରିଛି ବୋଲି ଏହାର ନିର୍ଦ୍ଦେଶକ ତଥା ଅତିରିକ୍ତ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି। ବିପିଏସ୍‌ପିଏ ଓଡ଼ିଶାର ଏକ ପ୍ରମୁଖ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ। ୨୦୦୫ରେ ଏହା ପ୍ରତିଷ୍ଠା ହୋଇଥିଲା। ଏଠାରେ ସିଧାସଳଖ ଡିଏସ୍‌ପି ଏବଂ ସବ୍ ଇନ୍‌ସପେକ୍ଟର, ସର୍ଜେଣ୍ଟ, ଡେପୁଟି ସୁବେଦାର ଭାବେ ନିଯୁକ୍ତି ପାଇଥିବା ଅଧିକାରୀଙ୍କୁ ପ୍ରାଥମିକ ପ୍ରଶିକ୍ଷଣ ଦିଆଯାଇଥାଏ। ଏଯାବତ୍ ଏଠାରୁ ୬ଟି ବ୍ୟାଚ୍‌ରେ ସିଧାସଳଖ ଓପିଏସ୍ ପାଇଥିବା ୬୫ ଡିଏସ୍‌ପି ଏବଂ ୨୪ଟି ବ୍ୟାଚ୍‌ରେ ୩୨୦୦ ସବ୍ ଇନ୍‌ସପେକ୍ଟର୍ସ, ସର୍ଜେଣ୍ଟ ଏବଂ ସୁବେଦାର ପ୍ରଶିକ୍ଷଣ ନେଇସାରିଛନ୍ତି। ପୋଲିସ ଏଏସ୍‌ଆଇ, ଏକ୍ସାଇଜ୍ ଅଫିସର, ଟ୍ରାନ୍ସପୋର୍ଟ(ଓଏମ୍‌ଭିଡି), ଫରେଷ୍ଟ, ପ୍ରିଜନ୍ ଡିପାର୍ଟମେଣ୍ଟ ଓ ସେଣ୍ଟ୍ରାଲ୍ ଏକ୍ସାଇଜ୍ ଅଧିକାରୀଙ୍କୁ ମଧ ଏଠାରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିସହ ଚାକିରିରେ ଥିବା ପୋଲିସ ଅଧିକାରୀଙ୍କୁ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପୂର୍ବାଞ୍ଚଳ ଜୋନ୍‌ରେ ଆସୁଥିବା ବିପିଏସ୍‌ପିଏ ପୂର୍ବରୁ ସର୍ବଶ୍ରେଷ୍ଠ ପ୍ରଶିକ୍ଷଣ ପ୍ରଦାନ କରିବାରେ ୨୦୧୫-୧୬, ୨୦୧୬-୧୭, ୨୦୧୮-୧୯ ଏବଂ ୨୦୧୯-୨୦ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜୋନାଲ୍ ଲେଭଲ୍ ଟ୍ରଫି ପାଇବାରେ ସଫଳ ହୋଇଥିଲା। ଚଳିତଥର ଗେଜେଟେଡ୍ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କାଟେଗୋରିରେ ଦେଶର ସର୍ବଶ୍ରେଷ୍ଠ ପ୍ରଶିକ୍ଷଣ କେନ୍ଦ୍ର ଭାବେ ବିପିଏସ୍‌ପିଏ ପୁରସ୍କୃତ ହୋଇଥିବାବେଳେ ନନ୍ ଗେଜେଟେଡ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ କାଟେଗୋରିରେ ମହାରାଷ୍ଟ୍ର ପୁଣେସ୍ଥିତ ଏମ୍‌ଏସ୍‌ପିଡବ୍ଲ୍ୟୁଟିସି ଏବଂ ଅନ୍ୟାନ୍ୟ (କନଷ୍ଟେବଲ) ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ କାଟେଗୋରିରେ ମଧ୍ୟପ୍ରଦେଶ ଇନ୍ଦୋରସ୍ଥିତ ପୋଲିସ ଟ୍ରେନିଂ କଲେଜ ଟ୍ରଫି ହାସଲ କରିଛନ୍ତି।



ସମୁଦ୍ର ମଧ୍ୟରେ ଆଗ୍ନେୟଗିରି ଉଦ୍‌ଗିରଣ ବେଳର ଦୃଶ୍ୟ।

# ସମୁଦ୍ରରେ ଲାଭା ଉଦ୍‌ଗିରଣ

## ଟୋଙ୍ଗାରେ ସୁନାମି

- ୨୦ କି.ମି. ଉଚ୍ଚକୁ ଉଠିଲା ପାଉଁଶ ବେଲୁନ୍
- ୧.୨ ମିଟର ଉଚ୍ଚର ଜୁଆର ସୃଷ୍ଟି
- ଘରେ ପଶିଲା ସମୁଦ୍ର ପାଣି
- ଫିଜି, ନ୍ୟୁଜିଲାଣ୍ଡରେ ସୁନାମି ଆଲର୍ଟ

**ନୁକୁଆ'ଲୋଫା, ୧୫।୧**

ଟୋଙ୍ଗା ରାଜଧାନୀ ନୁକୁଆ'ଲୋଫାଠାରୁ ପ୍ରାୟ ୬୫ କି.ମି. ଦୂର ହୁଙ୍ଗା-ଟୋଙ୍ଗା-ହୁଙ୍ଗା ହାପାଇ ଦ୍ୱୀପରେ ସମୁଦ୍ର ମଧ୍ୟରେ ଶୁକ୍ରବାର ଶକ୍ତିଶାଳୀ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଏଥିରୁ ସୃଷ୍ଟି ହୋଇଥିବା ୨୬୦ କି.ମି. ପ୍ରଶସ୍ତ ବିରାଟକାୟ ପାଉଁଶ ବେଲୁନ୍ ୨୦ କି.ମି. ଉଚ୍ଚକୁ ଉଠିଥିଲା। ଟୋଙ୍ଗା ଦ୍ୱୀପରେ ପାଉଁଶ ଏବଂ ପଥର ବର୍ଷା ହୋଇଥିଲା। ଏଥିଯୋଗୁ ୧.୨ ମିଟର ଉଚ୍ଚତାର ସୁନାମି ଲହଡ଼ି ସୃଷ୍ଟି ହୋଇଥିଲା। ଟେଙ୍ଗାଟାପୁ, ନୁକୁଆ'ଲୋଫା ଏବଂ ଆମେରିକାନ ସାମୋଆ ରାଜଧାନୀ ପାଗୋ ପାଗୋରେ ସୁନାମି ଲହଡ଼ି ମାଡ଼ ହୋଇଛି। ଉପଗ୍ରହ ଜରିଆରେ ଉତ୍ତୋଳିତ ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଆଗ୍ନେୟଗିରି ଉଦ୍‌ଗିରଣ ପରେ ଫିଜି ଏବଂ ନ୍ୟୁଜିଲାଣ୍ଡରେ ମଧ ସୁନାମି ଆଲର୍ଟ ଜାରି କରାଯାଇଛି।

ପ୍ରଶାନ୍ତ ମହାସାଗରୀୟ ସୁନାମି ସତର୍କ କେନ୍ଦ୍ର ରିପୋର୍ଟ ଅନୁସାରେ, ନୁକୁଆ'ଲୋଫାରେ ୨.୭ ଫୁଟ ଉଚ୍ଚ ଏବଂ ପାଗୋ ପାଗୋରେ ୨ ଫୁଟର ସୁନାମି ଲହଡ଼ି ମାଡ଼ି ଆସିଥିଲା। କେତେଜଣ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସେମାନେ ଘରେ ଥିବାବେଳେ ବାହାରେ ବୋମା ବିସ୍ଫୋରଣ ହେବା ଭଳି ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ପାଇଥିଲେ। ପ୍ରାୟ ୮ ମିନିଟ୍ ପର୍ଯ୍ୟନ୍ତ ଏହି ଶବ୍ଦ ଶୁଣାଯାଇଥିଲା। ଏହାର କିଛି ସମୟ ପରେ ସେମାନଙ୍କ ଘର ଭିତରକୁ ପାଣି ମାଡ଼ି ଆସିଥିଲା। ସମୁଦ୍ର ମଧ୍ୟରେ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିବା ଏବଂ ଏଥିଯୋଗୁ ସୁନାମି ସୃଷ୍ଟି ହୋଇଥିବା ଜାଣି ଲୋକେ ଭୟରେ ଘରୁ ବାହାରି ଉଚ୍ଚ ସ୍ଥାନକୁ ଧାଇଁବାରେ ଲାଗିଥିଲେ। ଗତ ୩୦ ବର୍ଷ ମଧ୍ୟରେ ଟୋଙ୍ଗାରେ ଏହା ସବୁଠୁ ବଡ଼ ଧରଣର ଆଗ୍ନେୟଗିରି ଉଦ୍‌ଗିରଣ ବୋଲି କୁହାଯାଉଛି। ବିଭିନ୍ନ ସ୍ଥାନରେ ପାଉଁଶର ଆସ୍ତରଣ ଜମିଛି। ତେବେ ଏଥିରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ। ଟୋଙ୍ଗାର ମୁଖ୍ୟ ଦ୍ୱୀପ ଟୋଙ୍ଗାଟାପୁରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିବାବେଳେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଲୋକଙ୍କ ସହାୟତା ପାଇଁ ସେନାର ସହଯୋଗ ନିଆଯାଇଛି। ଉପକୂଳବର୍ତ୍ତୀ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବା ସହ ଲୋକଙ୍କୁ ଘରୁ ବାହାରିବାକୁ ମନା କରାଯାଇଛି। ସେହିପରି ଟୋଙ୍ଗାରୁ ପ୍ରାୟ ୮୦୦ କିଲୋମିଟର ଦୂର ଫିଜିରେ ସୁନାମି ସତର୍କତା ଜାରି କରାଯାଇଛି। ସେଠାରେ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଭନୁଆତୁ, ଅଷ୍ଟ୍ରେଲିଆର ପୂର୍ବ ଉପକୂଳ ଏବଂ ଟାସ୍‌ମାନିଆରେ ମଧ ସୁନାମି ଆଲର୍ଟ ଜାରି ହୋଇଛି। ଟୋଙ୍ଗାରୁ ପ୍ରାୟ ୨,୩୦୦ କି.ମି. ଦୂର ନ୍ୟୁଜିଲାଣ୍ଡରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏହାର ଉତ୍ତର ଏବଂ ପୂର୍ବ ଉପକୂଳରେ ସୁନାମି ଲହଡ଼ି ଆସିପାରେ ବୋଲି ନ୍ୟାଶନାଲ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି ପକ୍ଷରୁ ସତର୍କ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଟୋଙ୍ଗା ବା କିଙ୍ଗଡମ୍ ଅଫ୍ ଟୋଙ୍ଗା ୧୭୦ରୁ ଅଧିକ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ଏକ ପଲିନେସିଆନ୍ ଦେଶ। ସେଠାରେ ଥିବା ଅଧିକାଂଶ ଦ୍ୱୀପ ଜନବସତି ଶୂନ୍ୟ। ଚାରିପଟେ ସମୁଦ୍ର ବେଳାଭୂମି ଓ ବିଷୁବ ମଣ୍ଡଳୀୟ ଚିରହରିତ୍ ଅରଣ୍ୟ ଘେରି ରହିଛି। ଏଠାରେ ଥିବା ମୁଖ୍ୟ ଦ୍ୱୀପ ହେଉଛି ଟୋଙ୍ଗାଟାପୁ ଏବଂ ଲାଗୁନ୍। ଏଠାରେ ବହୁମାତ୍ରାରେ ଚୂନ ପଥର ମିଳିଥାଏ। ଟୋଙ୍ଗାରେ ପ୍ରାୟ ୧ ଲକ୍ଷ ଲୋକ ବସବାସ କରନ୍ତି। ୨୦୧୪ ଶେଷ ଆଡ଼କୁ ଏବଂ ୨୦୧୫ ପ୍ରାରମ୍ଭରେ ଏହି ଅଞ୍ଚଳରେ କ୍ରମାଗତ କିଛିଦିନ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ଏଥିଯୋଗୁ ସେଠାରେ ଛୋଟ ଛୋଟ ନୂତନ ଦ୍ୱୀପ ସୃଷ୍ଟି ହୋଇଥିଲା। ଫଳରେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଗୁଡ଼ିକୁ କିଛି ଦିନ ଧରି ବିମାନ ସେବା ବନ୍ଦ ରହିଥିଲା।

## ୧୭ରୁ ଏମ୍ସ ଓପିଡି ବନ୍ଦ

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

ଆସନ୍ତା ୧୭ ତାରିଖରୁ ଭୁବନେଶ୍ୱର ଏମ୍ସ ଓପିଡି ବନ୍ଦ ହେବ। ଏନେଇ ଶନିବାର ଏମ୍ସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ସପ୍ତାହ ମଧ୍ୟରେ ଏମ୍ସର କେତେଜଣ ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ଦିନକୁ ଦିନ ସଂକ୍ରମଣ ବଢ଼ିବାରେ ଲାଗିଛି। ତେଣୁ ସମସ୍ତ ସ୍ପେଶାଲିଟିକ୍ ଓ ସୁପର ସ୍ପେଶାଲିଟିକ୍ ବିଭାଗର ଓପିଡି ବନ୍ଦ ରହିବ। ଯେଉଁମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିବେ, ସେମାନେ ତାଙ୍କର ବୁକିଂ ନମ୍ବର ଡାକ୍ତରଙ୍କୁ ଦେଖାଇ ପାରିବେ। ସେହିଭଳି ଜରୁରିକାଳୀନ ସେବା ପୂର୍ବଭଳି ଚାଲୁ ରହିବ। ପୂର୍ବରୁ ଜାରି ହୋଇଥିବା ଟେଲି ମେଡିସିନ ନମ୍ବର ଏବେ ପୁଣି କାର୍ଯ୍ୟକ୍ଷମ ହୋଇଛି। ଟେଲି ମେଡିସିନ ସେବା ସୋମବାରରୁ ଶୁକ୍ରବାର ସକାଳ ୯ଟାରୁ ଅପରାହ୍ନ ୫ଟା ଏବଂ ଶନିବାର ୯ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହୁଛି। ସେହିପରି ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ସୋମବାରରୁ ଶୁକ୍ରବାର ସକାଳ ସାଢ଼େ ୮ରୁ ଅପରାହ୍ନ ୫ଟା ଏବଂ ଶନିବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ତେବେ ଚିକିତ୍ସା କରୁଥିବା ଡାକ୍ତର ଯଦି ଅନୁଭବ କରିବେ ଯେ, ରୋଗୀଙ୍କ ଅବସ୍ଥା ଗୁରୁତର ଅଛି ଓ ତାଙ୍କୁ ଶାରୀରିକ ବା ଫିଜିକାଲ ଭାବରେ ଦେଖାଯିବା ଉଚିତ୍, ତେବେ ସେମାନେ ଟେଲିମେଡିସିନ କିମ୍ବା ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ସେବା ମାଧ୍ୟମରେ ଏକ ଆପଏଣ୍ଟମେଣ୍ଟ ନେଇପାରିବେ। ହସ୍ପିଟାଲର ପ୍ରବେଶ ଦ୍ୱାରରେ ରୋଗୀଙ୍କୁ ଆପଏଣ୍ଟମେଣ୍ଟ ଏବଂ ଡବଲ୍ ଡୋଜ ଟିକାକରଣ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରିବାକୁ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଏସ୍. ଏନ୍. ମହାନ୍ତି ରୋଗୀଙ୍କୁ ପରାମର୍ଶ ଦେଇଛନ୍ତି।

### ଆଜିର ମନ୍ତବ୍ୟ

"ଭାରତୀୟ ସୀମାରେ କାହାରି ସ୍ଥିତାବସ୍ଥା ପରିବର୍ତ୍ତନ ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ।
– ଜେନେରାଲ ଏମ୍.ଏମ୍. ନରୱଣେ, ସ୍ଥଳସେନା ମୁଖ୍ୟ

## ଭାରତର ରାସ୍ତା ପ୍ରଶସ୍ତୀକରଣ ଯୋଜନାକୁ ନେପାଳର ବିରୋଧ

**ନୂଆଦିଲ୍ଲୀ,୧୫।୧**

ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଲାଗି ଭାରତର ପ୍ରସ୍ତାବକୁ ନେଇ ନେପାଳରେ ଉତ୍ତେଜନା ଦେଖାଦେଇଛି। ନେପାଳର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ଭାରତ ହେୟଜ୍ଞାନ ନ କରୁ ବୋଲି ନେପାଳର ଶାସକ ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି। ସୀମାନ୍ତ ଲିପୁଲେଖ, ଲିମ୍ପିୟାଧୁରା ଏବଂ କାଳାପାନି ଅଞ୍ଚଳକୁ ନେପାଳ ନିଜର ବୋଲି ଦାବି କରିବା ସହ ନୂଆ ମାନଚିତ୍ରରେ ଏହାକୁ ନିଜ ଦେଶ ମଧ୍ୟରେ ବୋଲି ଦର୍ଶାଇଛି। ଉତ୍ତରାଖଣ୍ଡରେ ରାସ୍ତା ପ୍ରଶସ୍ତୀକରଣ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତମାସରେ ଘୋଷଣା କରିଥିବାବେଳେ ନେପାଳ ସରକାର ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ତେବେ ସେଠାର ଶାସକ ଦଳ ନେପାଳୀ କଂଗ୍ରେସ ଏହା ଉପରେ ଆପତ୍ତି ଉଠାଇଛି। ଉକ୍ତ ଅଞ୍ଚଳରୁ ଭାରତ ତୁରନ୍ତ ସେନା ପ୍ରତ୍ୟାହାର କରି ନେବାକୁ ନେପାଳୀ କଂଗ୍ରେସ ଆହ୍ୱାନ ଦେଇଛି।

ସୂଚନାଯୋଗ୍ୟ, ଡିସେମ୍ବର ୩୦ରେ ପ୍ରଧାନମନ୍ତ୍ରୀ ମୋଦି ହାଲଦ୍ୱାନିଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଲିପୁଲେଖକୁ ଅଧିକ ପ୍ରଶସ୍ତ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ। ଭାରତ, ଚାଇନା ଓ ନେପାଳ ସୀମାରେ ଅବସ୍ଥିତ ଲିପୁଲେଖ ପାସ୍‌ରେ ରାସ୍ତା ନିର୍ମାଣକୁ ନେଇ ଦୁଇ ଦେଶ ମଧ୍ୟରେ ପୂର୍ବରୁ କୂଟନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। କୈଳାସ ମାନସରୋବର ଯାତ୍ରା ଲାଗି ତୀର୍ଥଯାତ୍ରୀମାନେ ବ୍ୟବହାର କରୁଥିବା ପୂର୍ବ ରୁଟ୍‌ରେ ରାସ୍ତା ନିର୍ମାଣ କରାଯାଉଥିବା ଭାରତ କହିଥିଲା। ଏବେ ସେହି ରାସ୍ତାକୁ ପ୍ରଶସ୍ତୀକରଣ କରାଯିବାକୁ ଯୋଜନା ହୋଇଛି। ଉତ୍ତରାଖଣ୍ଡରେ ଥିବା ଲିପୁଲେଖ, କାଳାପାନି ଅଞ୍ଚଳ ଭାରତୀୟ ପ୍ରଶାସନ ନିୟନ୍ତ୍ରଣରେ ରହିଥିବାବେଳେ ନେପାଳ ଏହାକୁ ନିଜର ବୋଲି କହିଆସୁଛି। ନେପାଳ ସରକାରଙ୍କ ବିନା ପରାମର୍ଶରେ ସେଠାରେ କୌଣସି ପ୍ରକାର ବିକାଶ କାର୍ଯ୍ୟ ହେବାକୁ ଦିଆଯିବ ନାହିଁ ବୋଲି ଅନ୍ୟତମ ଶାସକ ଦଳ ସିପିଏନ୍ କହିଛି।




## ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ୨୦୦ ଟପିଲା
## ଦିନକରେ ୧୦,୮୫୬ କରୋନା ପଜିଟିଭ୍

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

ରାଜ୍ୟରେ କରୋନା ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବ୍ୟାପିବାରେ ଲାଗିଛି। ଶନିବାର ଆଉ ୩୨ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବାପରେ ଏହି ସଂଖ୍ୟା ୨୦୨କୁ ବୃଦ୍ଧି ପାଇଥିବା ଶନିବାର ଜୀବନ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ୭୪,୯୩୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୦,୮୫୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୬,୨୯୩ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଓ ୪,୫୬୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଫଳରେ ସଂକ୍ରମଣ ହାର ୧୪.୪୯%କୁ ବୃଦ୍ଧି ପାଇଛି। ସୁନ୍ଦରଗଡ଼ରେ ସର୍ବାଧିକ ୩୦% ଓ ଖୋର୍ଦ୍ଧାରେ ୨୭.୭% ସଂକ୍ରମଣ ହାର ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଟିଏ ଦିନରେ ହଜାରରୁ ଊର୍ଦ୍ଧ୍ୱ ପିଲା ସଂକ୍ରମିତ ହୋଇଛନ୍ତି। ୧୮ ବର୍ଷରୁ କମ୍ ବୟସର ୧,୦୨୧ଜଣ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ସେପଟେ ଖୋର୍ଦ୍ଧା ଜିଲାରେ ଦୈନିକ ସଂକ୍ରମିତ ସଂଖ୍ୟା ୩ ହଜାର ଟପିଯାଇଛି। ଏହି ଜିଲାରେ ୩,୦୮୭ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧,୯୪୩, କଟକ ୯୦୯, ସମ୍ବଲପୁର ୫୦୦, ମୟୂରଭଞ୍ଜ ୩୭୬, ବାଲେଶ୍ୱର ୩୨୬, ବଲାଙ୍ଗୀର ୨୫୯, ଜଗତ୍‌ସିଂହପୁର ୨୨୨, ଝାରସୁଗୁଡ଼ା ୨୧୧, ଯାଜପୁର ୨୧୦, ପୁରୀ ୧୯୮, କୋରାପୁଟ ୧୬୫, ରାୟଗଡ଼ା ୧୫୬, ବରଗଡ଼ ୧୪୫, ନୟାଗଡ଼ ୧୪୫, କଳାହାଣ୍ଡି ୧୪୪, ଗଞ୍ଜାମ ୧୩୯, ଗଜପତି ୧୩୫, ନବରଙ୍ଗପୁର ୧୦୬, ଅନୁଗୋଳ ୧୦୪, ସୋନପୁର ୧୦୨ ଓ ଭଦ୍ରକରୁ ୧୦୧ଜଣ ନୂଆ ପଜିଟିଭ୍ ବାହାରିଛନ୍ତି। ବାକି ସବୁ ଜିଲାରେ ଏହି ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୨୪ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୧,୨୨,୭୩୫କୁ ବୃଦ୍ଧି ପାଇଛି। ସେହିଭଳି ଆଉ ଦୁଇଜଣଙ୍କ କରେନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଗତ୍‌ସିଂହପୁର ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୭୮ରେ ପହଞ୍ଚିଛି।

### ହସ୍ପିଟାଲରେ ଭର୍ତ୍ତି ହାର ୨%ରୁ କମ୍

ରାଜ୍ୟରେ ବୃଦ୍ଧି ପାଉଥିବା ସଂକ୍ରମଣ ନେଇ ଭୟଭୀତ ନ ହେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ତୃତୀୟ ଲହରରେ ଏବେ ସୁଦ୍ଧା ୬୧ ହଜାର ପଜିଟିଭ୍‌ଙ୍କ ମଧ୍ୟରୁ ୧,୧୦୦ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟରେ ହସ୍ପିଟାଲାଇଜେଶନ ହାର ୨%ରୁ ବି କମ୍ ରହିଛି। ଆଇସିୟୁରେ ୩୫୦ରୁ ୩୬୦ଜଣ ଆକ୍ରାନ୍ତ ରହିଛନ୍ତି। ତେଣୁ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ବି ଲକ୍ଷଣ ନ ଥିଲେ ଟେଷ୍ଟିଂ ଆବଶ୍ୟକତା ନାହିଁ। ଏନେଇ ସବୁ ଜିଲାକୁ ଜଣାଇ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେ ଆହୁରି କହିଛନ୍ତି, ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ। ଭାଇରାଲ ଫ୍ଲୁ ପାଇଁ ଆଣ୍ଟିବାୟୋଟିକ୍ ଦରକାର ନାହିଁ। ଲକ୍ଷଣ ନ ଥିଲେ ମେଡିସିନ ଦିଆଯାଉନି। ଲକ୍ଷଣ ଦେଖାଦେଲେ ହିଁ ମେଡିସିନ ଦିଆଯାଉଛି। ତେଣୁ ଅନାବଶ୍ୟକ ଭାବେ ମନଇଚ୍ଛା ମେଡିସିନ ବ୍ୟବହାର ନ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେହିଭଳି କରୋନା ଆକ୍ରାନ୍ତଙ୍କ ସଙ୍ଗରୋଧ ଅବଧି ସରିବା ପରେ ଆର୍‌ଟି-ପିସିଆରର ଆବଶ୍ୟକତା ନାହିଁ। କେବଳ ଯେଉଁମାନେ ଆଇସିୟୁରେ ରହୁଛନ୍ତି, ଗୁରୁତର ହେଉଛନ୍ତି, ସେମାନେ ସୁସ୍ଥ ହେବା ପରେ ଟେଷ୍ଟ କରାଯାଉଛି ବୋଲି ସେ କହିଛନ୍ତି।



# ଅନ୍‌ଲାଇନ୍ ଗ୍ରୁପ୍



**ପର୍ସନାଲ୍, ପ୍ରଫେଶନାଲ୍ ହେଉ ଅବା ସୋସିଆଲ୍ କ୍ଷେତ୍ରରେ ବିଭିନ୍ନ ଅନ୍‌ଲାଇନ୍ ସାଇଟ୍ ଗ୍ରୁପ୍ ବର୍ତ୍ତମାନ ଅନେକଙ୍କୁ ଏକାଠି ଯୋଡ଼ି ରଖିବା ସହ ବିଭିନ୍ନ ମେସେଜ୍ ଏକା ସଙ୍ଗେ ସମସ୍ତଙ୍କ ପାଖରେ ପହଞ୍ଚାଇବାର ଉତ୍ତମ ମାଧ୍ୟମ ପାଲଟିଛି। ହେଲେ ଏହାକୁ ବ୍ୟବହାର ସମୟରେ ବି କେତେକ ଦିଗ ପ୍ରତି ସଜାଗ ରହିବା ବୁଦ୍ଧିମତ୍ତାର କାର୍ଯ୍ୟ...**

କୌଣସି ଅନ୍‌ଲାଇନ୍ ସାଇଟ୍‌ରେ ଗ୍ରୁପ୍ ତିଆରି କରୁଥିଲେ ଅବା ଗ୍ରୁପ୍‌ର ମେମ୍ବର ଥିଲେ, କେତେକ ସାଧାରଣ ଶିଷ୍ଟାଚାର ବା ନିୟମ ଜାଣି ରଖିବା ଆବଶ୍ୟକ...

**ଆଡ୍‌ମିନ୍ ରୁହନ୍ତୁ ବିଶେଷ ସଜାଗ:** ଯଦି ନୂଆ ହ୍ୱାଟ୍ସଆପ୍, ଫେସ୍‌ବୁକ୍ କିମ୍ବା ଅନ୍ୟ କୌଣସି ସାଇଟ୍‌ରେ ଗ୍ରୁପ୍ କ୍ରିଏଟ୍ କରୁଛନ୍ତି, ତେବେ ଆଡ୍‌ମିନ୍ ଭାବେ ଆପଣଙ୍କୁ ବିଶେଷ ଭାବେ ସଜାଗ ରହିବା ଆବଶ୍ୟକ। ସର୍ବପ୍ରଥମେ ଗ୍ରୁପ୍‌ରେ ମନଇଚ୍ଛା କାହାକୁ ଆଡ୍ ନ କରି ପ୍ରଥମେ ଉକ୍ତ ବ୍ୟକ୍ତିଙ୍କ ଅନୁମତି ନିଅନ୍ତୁ। ଯଦି ନ ପଚାରି କାହାକୁ ଆଡ୍ କରିଥା'ନ୍ତି ଏବଂ ସେ ଗ୍ରୁପ୍‌ରୁ ଲେଫ୍ଟ ହୋଇଯାଆନ୍ତି, ତେବେ କୌଣସି ପ୍ରତିକ୍ରିୟା ବିନା ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ। ମନଇଚ୍ଛା ଫଟୋ, ଗ୍ରୁପ୍ ଆଇକନ୍, ମେମ୍ବର ଲିଷ୍ଟ ଆଦି ପରିବର୍ତ୍ତନ କରନ୍ତୁ ନାହିଁ, ଏପରି କରିବାର ଥିଲେ ପ୍ରଥମେ ଗ୍ରୁପ୍‌ରେ ଏନେଇ ଆଲୋଚନା କରନ୍ତୁ। କେବଳ ଏତିକି ନୁହେଁ, କୌଣସି ଗ୍ରୁପ୍‌ର ଆଡ୍‌ମିନ୍ ମେମ୍ବର ଥିଲେ ମଧ୍ୟ ଏସବୁ କଥା ପ୍ରତି ଧ୍ୟାନ ଦିଅନ୍ତୁ।

**ମେସେଜ୍‌ର ଗୁରୁତ୍ୱ ବୁଝି ଫରୱାର୍ଡ କରନ୍ତୁ:** କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ଗ୍ରୁପ୍‌ରେ ଶେୟାର ନ କରି ଗ୍ରୁପ୍‌ର ମେମ୍ବରମାନଙ୍କୁ ଧ୍ୟାନରେ ରଖି କେବଳ ସମସ୍ତଙ୍କ କାମରେ ଆସୁଥିବା ଭଳି ମେସେଜ୍ ହିଁ ପଠାନ୍ତୁ। ନଚେତ୍ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ୍ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରିବା ସହ କେହି କେହି ଏଥିପାଇଁ ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇପାରନ୍ତି। କେବଳ ଏତିକି ନୁହେଁ, ସମାଜରେ ଚାଲିଥିବା କୌଣସି ସମ୍ବେଦନଶୀଳ ଘଟଣାକୁ ନେଇ କିଛି ବି ମେସେଜ୍ ବା ପୋଷ୍ଟ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ଅନ୍ୟାନ୍ୟ ସୂତ୍ରରୁ ଏହା ଠିକ୍ କି ନୁହେଁ, ଜାଣିବା ପରେ ଫରୱାର୍ଡ କରନ୍ତୁ। ନଚେତ୍ ଏଥିପାଇଁ ଆପଣ ଫେକ୍ ମେସେଜ୍ ପଠାଇବା ଲାଗି ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇପାରନ୍ତି।

**ଗ୍ରୁପ୍‌ର ଗୁରୁତ୍ୱ ବୁଝନ୍ତୁ:** ଗ୍ରୁପ୍‌ଟି କେଉଁଥିପାଇଁ ଯେପରି ପରିବାର ସଦସ୍ୟ, ସାଙ୍ଗସାଥୀ କିମ୍ବା ଅଫିସିଆଲ୍ କାର୍ଯ୍ୟ ଲାଗି ତିଆରି ହୋଇଛି ତାକୁ ଆଖି ଆଗରେ ରଖନ୍ତୁ। କେଉଁ ଗ୍ରୁପ୍‌ରେ କିଭଳି ମେସଜ୍ ଅବା ଇନ୍‌ଫର୍ମେଶନ୍ ଶେୟାର କରିବେ ନିଷ୍ପତ୍ତି ନିଅନ୍ତୁ। କୌଣସି ମେସେଜ୍ ସେଣ୍ଡ କରିବା ପୂର୍ବରୁ ସମସ୍ତଙ୍କ ବୟସକୁ ଧ୍ୟାନରେ ରଖନ୍ତୁ। ଗୋଟିଏ ମେସେଜକୁ ସବୁ ଗ୍ରୁପ୍‌ରେ ସେଣ୍ଡ ନ କରି ଆବଶ୍ୟକତାକୁ ଧ୍ୟାନରେ ରଖନ୍ତୁ। ଗ୍ରୁପ୍‌ରେ ଏଭଳି କୌଣସି ସମ୍ବେଦନଶୀଳ ମେସେଜ ଶେୟାର କରନ୍ତୁ ନାହିଁ, ଯାହାକି କାହାକୁ ମାନସିକ ଆଘାତ ଦେବ।

**ବ୍ୟକ୍ତିଗତ ନ ହେଉ ଗ୍ରୁପ୍:** ଅନେକେ ନିଜର ଫଟୋ, ଭିଡିଓ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ପୋଷ୍ଟ ବିଭିନ୍ନ ଗ୍ରୁପ୍‌ରେ ଶେୟାର କରନ୍ତି। ହେଲେ ଗ୍ରୁପ୍‌ଗୁଡ଼ିକ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇ ନ ଥାଏ। ତେଣୁ ପର୍ସନାଲ୍ ଏବଂ ପ୍ରଫେଶନାଲ୍ ମେସେଜ୍ ଭିତରେ ପାର୍ଥକ୍ୟକୁ ଜାଣନ୍ତୁ। ଯଦି ଗ୍ରୁପ୍‌ରେ ନିର୍ଦ୍ଦିଷ୍ଟ ମେମ୍ବରଙ୍କ ସହ କଥା ହେବାର ଅଛି, ତେବେ ଲମ୍ବା ସମୟ ଚାର୍ଟିଂ କରି ଅନ୍ୟକୁ ଡିଷ୍ଟର୍ବ କରିବା ବଦଳରେ ପର୍ସନାଲ୍ ନମ୍ବରରେ ଚାଟ୍ କରନ୍ତୁ। ସେହିପରି ଯଦି କେବେ କୌଣସି ମେମ୍ବରଙ୍କ ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଯାଏ, ତେବେ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଗ୍ରୁପ୍ ବ୍ୟବହାର ନ କରି ପର୍ସନାଲ୍ ନମ୍ବରରେ କଥା ହୁଅନ୍ତୁ।

**ଶିଷ୍ଟାଚାର ରକ୍ଷା କରନ୍ତୁ:** କେତେକ ଗ୍ରୁପ୍‌ରେ ଇଚ୍ଛା ଥାଉ ଅବା ନ ଥାଉ ମେମ୍ବର ରହିବାକୁ ବାଧ୍ୟ ହୋଇଥାଏ। ଏଭଳି କୌଣସି ଗ୍ରୁପ୍‌ରେ ଯଦି ଆପଣ ମେମ୍ବର ଥାଆନ୍ତି ଏବଂ ଏଥିରେ ଆସୁଥିବା ମେସେଜଗୁଡ଼ିକ ଆପଣଙ୍କ ପାଇଁ ଅଦରକାରୀ ମନେ ହେଉଥାଏ, ତେବେ ଏଥିରେ ବିରକ୍ତି ପ୍ରକାଶ କରିବା କିମ୍ବା ଗ୍ରୁପ୍‌ରୁ ଲେଫ୍ଟ ହୋଇଯିବା ପରିବର୍ତ୍ତେ ଏହାକୁ ମ୍ୟୁଟ୍ କରିଦିଅନ୍ତୁ। ହେଲେ ମନେରଖନ୍ତୁ, ଯଦି ଆପଣ ଜବ୍ କରୁଥା'ନ୍ତି, ତେବେ ଅଫିସିଆଲ୍ ଗ୍ରୁପ୍‌କୁ ଆଦୌ ମ୍ୟୁଟ୍ କରନ୍ତୁ ନାହିଁ। କାରଣ ଏଥିରେ ଆସୁଥିବା ମେସେଜ୍ ସହ ଅପ୍‌ଡେଟ୍ ନ ରହିଲେ ଆପଣଙ୍କ ଜବ୍ ଉଭୟ ଉପରେ ପ୍ରଭାବ ପଡ଼ିପାରେ।

## କ'ଣ କୁହନ୍ତି ଏମାନେ...



**ସୁନୀଲ କୁମାର ସାହୁ** (ରଣପୁର, ନୟାଗଡ଼)– ସୋସିଆଲ ମିଡିଆରେ ଆମେ ନ୍ୟୁଜ୍ ପାଇଁ ଏକ ଗ୍ରୁପ୍ ଖୋଲିଛୁ। ସେଥିରେ ମୁଁ ଆଡମିନ୍ ଅଛି। ସେଥିରେ ଆମେ କରେଣ୍ଟ ଇସୁ ଓ ନ୍ୟୁଜ୍ ଉପରେ ଆଲୋଚନା କରୁ। ସକାଳ ହେବା ମାତ୍ରେ ଇଂଲିଶ୍ ଓ ଓଡ଼ିଆ ନ୍ୟୁଜ୍‌ପେପର ଗ୍ରୁପ୍‌କୁ ଆସିଯାଏ। ଆମେ ସେଥିରେ ସାଧାରଣ ଜ୍ଞାନ ପ୍ରଶ୍ନ ମଧ୍ୟ ଆଲୋଚନା କରୁ। ସମସ୍ତଙ୍କ ସହ ଯୋଗାଯୋଗ କରିବା ଦ୍ୱାରା ଆମର ଖବର ଉପରେ ବିସ୍ତୃତ ଭାବରେ ଆଲୋଚନା କରିପାରୁ। ଆଡମିନ୍ ଭାବରେ ମୁଁ ଧ୍ୟାନ ରଖେ ନ୍ୟୁଜ୍ ଆଳରେ କିଛି କ୍ରିମିନାଲ ଭିଡିଓ କିମ୍ବା ହେଟ୍ ସ୍ପିଚ୍ ଯେପରି ଭାଇରାଲ ନ ହୁଏ।



**ଦୀପକ ଦାସ** (ଭୋଗରାଇ, ବାଲେଶ୍ୱର)– ଟୁଇଟରରେ ଆମେ ଗୋଟିଏ ଗ୍ରୁପ୍ କରିଛୁ। ଖାଲି ସମୟରେ ଆମେ ସେଥିରେ ସ୍ପେସ୍‌ର ଆୟୋଜନ କରୁ। ସ୍ପେସ୍ ଡେରି ରାତି ପର୍ଯ୍ୟନ୍ତ ଚାଲିଥାଏ। ସେଥିରେ ମୁଖ୍ୟ ଅତିଥି ଭାବେ ଆମେ କିଛି ଜଣଙ୍କୁ ଆମନ୍ତ୍ରିତ କରିଥାଉ। ଆମେ ମୁଖ୍ୟତଃ ଗପ, ଗୀତ ଏବଂ ସାହିତ୍ୟ ଆଲୋଚନା ପାଇଁ ସ୍ପେସ୍ କରିଥାଉ। ପ୍ରତ୍ୟେକ ନିଜ ପାଳି ଅନୁସାରେ ନିଜେ ଲେଖିଥିବା କବିତା ଓ ଗପ କହିଥା'ନ୍ତି ଓ ଅନ୍ୟମାନେ ଏହାକୁ ଶୁଣି ଉତ୍ସାହିତ କରନ୍ତି। ଏହି ସ୍ପେସ୍ ବଡ଼ ବଡ଼ ଲେଖକ ଓ ଗାଳ୍ପିକଙ୍କ ସହ ମିଶିବା ସହ ନିଜ କଳା ପ୍ରଦର୍ଶନ ପାଇଁ ଭଲ ଷ୍ଟେଜ୍ ହୋଇପାରିଛି।



**ସଞ୍ଜୟ କୁମାର ସାହୁ** (ଚାନ୍ଦବାଲି, ଭଦ୍ରକ)– ବର୍ତ୍ତମାନ ସମୟରେ ସୋସିଆଲ୍ ମିଡିଆ ମୋ ପାଇଁ ବରଦାନ ସଦୃଶ। ସବୁ ଗ୍ରୁପ୍‌ରେ ମେମ୍ବର ଥିବାରୁ ମୋର ନିଜସ୍ୱ ମତ ରଖିପାରୁଛି। ଯେହେତୁ ଏବେ ବିଜ୍‌ନେସ୍ କରୁଛି, ଫେସ୍‌ବୁକ୍ କିମ୍ବା ହ୍ୱାଟ୍ସଆପ୍ ଗ୍ରୁପ୍ ମୋତେ ବେଶି ସାହାଯ୍ୟ କରୁଛି ସବୁ ଇନ୍‌ଫର୍‌ମେଶନ୍‌କୁ ଲୋକଙ୍କ ପାଖେ ପହଞ୍ଚାଇବା ପାଇଁ। ଗ୍ରୁପ୍ ହେବା ଦିନଠୁ ଖୁବ୍ କମ୍ ସମୟରେ ଆଉ ଅତି ସହଜରେ ଯେ କୌଣସି ତଥ୍ୟକୁ ଶେୟାର୍ କରିପାରୁଛି। ନିଜେ ତିଆରି କରିଥିବା ଗ୍ରୁପ୍‌ର ଆଡ୍‌ମିନ୍ ଥିବାରୁ ବାହାରର ଅଯଥା ମେସେଜ୍‌ଠାରୁ ଦୂରରେ ରହି କେବଳ ଆବଶ୍ୟକ ମେସେଜ୍ ହିଁ ପଠାଉଛି।



**ତନ୍ମୟା ମହାପାତ୍ର** (୨ୟ ବର୍ଷ ଛାତ୍ରୀ, ଏମ୍‌ବିବିଏସ୍ ହାଇଟେକ୍ ମେଡିକାଲ୍ କଲେଜ, ରାଉରକେଲା)– ମୋତେ ତ ଗ୍ରୁପ୍ ବେଶି ସାହାଯ୍ୟ କରୁଛି ପାଠ କଲେକ୍ସନ କରିବା ପାଇଁ। ଏକଥା ସତ ଯେ, ସୋସିଆଲ୍ ମିଡିଆ ଦ୍ୱାରା ହେଉଥିବା ଗ୍ରୁପ୍‌ର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଛି। ହେଲେ, କେବଳ ଏହାକୁ ମୋ ପାଠ ପାଇଁ ବ୍ୟବହାର କରୁଛି। ବେଳେବେଳେ ଅନେକ ଖରାପ ଜିନିଷ ଗ୍ରୁପ୍‌ରେ ଆସିଯାଏ, ଯାହା ଅନେକଙ୍କୁ କ୍ଷତି ବି ପହଞ୍ଚାଇଥାଏ। ତେଣୁ ଏଭଳି ମେସେଜଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ଚେଷ୍ଟା କରେ। ଯେ କୌଣସି ଗ୍ରୁପ୍‌ର ଆଡ୍‌ମିନ୍‌ମାନେ ଯଦି ଗ୍ରୁପ୍ ପ୍ରତି ଟିକେ ସଜାଗ ରୁହନ୍ତେ, ତେବେ ଗ୍ରୁପ୍‌ଗୁଡ଼ିକ ନିଶ୍ଚିତ ଭାବେ ଭଲରେ ଚାଲିପାରନ୍ତା ବୋଲି ମୋର ଆଶା।



# ଚେକ୍ ଶାର୍ଟ ଫ୍ୟାଶନ୍



**ଫର୍ମାଲ୍ ହେଉ ଅବା କାଜୁଆଲ୍, ଉଭୟ ଗେଟ୍‌ଅପ୍‌ରେ ପରଫେକ୍ଟ ଲୁକ୍ ପାଇଁ ବର୍ତ୍ତମାନ ଯୁବପିଢ଼ିଙ୍କ ଲାଗି ଲାଟେଷ୍ଟ ୟୁନିସେକ୍ସ ଫ୍ୟାଶନ୍ ପାଲଟିଛି ଚେକ୍ ଶାର୍ଟ। ଆପଣବି ଯଦି ଷ୍ଟାଇଲିଶ୍ ଲୁକ୍ ପାଇଁ ନିଜ ଆଉଟ୍‌ଫିଟ୍ ଲିଷ୍ଟରେ ଏହାକୁ ସାମିଲ୍ କରିବାକୁ ଚାହାନ୍ତି, ତେବେ ଜାଣିରଖନ୍ତୁ କିଛି ଟିପ୍ସ...**

- ଅଫିସ୍ ହେଉ ଅବା ସାଙ୍ଗସାଥୀଙ୍କ ସହ ବୁଲାବୁଲି କରିବାକୁ ଯିବାବେଳେ ଟ୍ରେଣ୍ଡି ଲୁକ୍ ଚାହାନ୍ତି, ତେବେ ଚେକ୍ ଶାର୍ଟ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା କାଜୁଆଲ ଓ ଫର୍ମାଲ ଉଭୟ ଗେଟ୍‌ଅପ୍‌ରେ ଭଲ ଲାଗିଥାଏ।
- ଯୁବକ ହୁଅନ୍ତୁ ଅବା ଯୁବତୀଙ୍କ ଲାଗି ମାର୍କେଟ୍‌ରେ ବିଭିନ୍ନ ଲାଟେଷ୍ଟ ଜିନ୍ସ, ଶର୍ଟ୍ସ ଏବଂ ଷ୍ଟାଇଲିଶ୍ ପ୍ୟାଣ୍ଟ ଉପଲବ୍ଧ। ଯାହା ସହିତ ପ୍ଲେନ ଓ ଲାଇନିଂ ଶାର୍ଟ ବା ଟପ୍ସ ବଦଳରେ ଚେକ୍ ଶାର୍ଟ ବ୍ୟବହାର କଲେ ଅପେକ୍ଷାକୃତ ଷ୍ଟାଇଲିଶ୍ ଲାଗିବେ।
- ଚେକ୍ ଶାର୍ଟ କିଣିବା ବେଳେ ଏହାର ପାର୍ଟନକୁ ଧ୍ୟାନରେ ରଖନ୍ତୁ। ଫର୍ମାଲ୍ ଲୁକ୍ ପାଇଁ କିଣୁଥିଲେ ଛୋଟ ଚେକ୍ ପାର୍ଟନର ଶାର୍ଟ କିଣନ୍ତୁ, ଯାହାକୁ ଅଫିସକୁ ମଧ୍ୟ ପିନ୍ଧି ଯାଇପାରିବେ। ପାର୍ଟି ଫଙ୍କ୍‌ଶନ ହେଉ କି ଡେଟ୍‌ରେ ଯାଉଥିଲେ ବଡ଼ ଚେକସ୍ ପାର୍ଟନର ଶାର୍ଟ ବାଛିଲେ କ୍ଲାସି ଲାଗିବେ।
- ଚେକ୍ ପାର୍ଟନର ଶାର୍ଟ ବୋଲ୍ଡ ଲୁକ୍ ଦେଇଥାଏ। ବିଶେଷକରି ବିଭିନ୍ନ କଣ୍ଟ୍ରାଷ୍ଟ କଲର ଯେପରି ବ୍ଲାକ୍-ହ୍ୱାଇଟ୍, ରେଡ୍-ବ୍ଲାକ୍ ଆଦି ଚେକ୍ ଆଇକ୍ୟାଚି ଲାଗିଥାଏ।
- ଭ୍ୟାକେଶନରେ ବୁଲିବାକୁ ଯିବାବେଳେ ହାଫ୍ ସ୍ଲିଭ୍ ଶାର୍ଟ ସହ ଶର୍ଟ୍ସ ପିନ୍ଧିଲେ ଅପେକ୍ଷାକୃତ ଟ୍ରେଣ୍ଡି ଏବଂ ୟୁନିକ୍ ଦେଖାଯିବେ।
- ଚେକ୍ ଶାର୍ଟ କିଣୁଥିବା ବେଳେ ନିଜ ସ୍କିନ୍ କଲରକୁ ସୁଟ୍ କରୁଥିବା ଭଳି କଲର ବାଛନ୍ତୁ। ଲାଇଟ୍ ସେଡ୍ କଲର ବାଛୁଥିଲେ ଏହା ଫରମାଲ ଲୁକ୍‌କୁ ମାନିବ। ସେହିପରି ଡାର୍କ ଶେଡ୍‌ର ଚେକସ୍ ଶାର୍ଟ ଆପଣଙ୍କୁ କାଜୁଆଲ୍ ଓ ଷ୍ଟାଇଲିଶ ଲୁକ୍ ଦେବ।
- ଯୁବତୀମାନେ ଫର୍ମାଲ ଚେକ୍ ଶାର୍ଟ ପିନ୍ଧୁଥିଲେ ସେଥିରେ ବ୍ଲେଜର ଟିମ ଅପ୍ କରିପାରିବେ ଏବଂ ସେଥିରେ ହାଇହିଲ୍ ପିନ୍ଧିପାରିବେ। ଏହା ଆପଣଙ୍କୁ କ୍ଲାସି ଲୁକ୍ ଦେବ।
- ଚେକ୍ ଶାର୍ଟରେ ସ୍କର୍ଟ ବି ପିନ୍ଧିପାରିବେ। କୌଣସି ପାର୍ଟି ଫଙ୍କ୍‌ଶନ ପାଇଁ ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।
- ଯୁବତୀମାନେ ଚେକ୍‌ର ଫ୍ଲାନେଲ୍ ଶାର୍ଟ ପିନ୍ଧିପାରିବେ। ଡାର୍କ କଲର୍‌ରେ ଷ୍ଟ୍ରିପ୍ ଥିବା ଶାର୍ଟ ଆପଣ ଅଫିସିଆଲ୍ ମିଟିଂରେ ବି ପିନ୍ଧିପାରିବେ।
- ଟ୍ୟାଙ୍କ ଟପ୍ ସହ ଚେକ୍ ଶାର୍ଟର କମ୍ବିନେଶନ୍ ଏବେ ଲାଟେଷ୍ଟ ଫ୍ୟାଶନ୍ ପାଲଟିଛି। ଯଦି ଆପଣବି ଏହାକୁ ପିନ୍ଧୁଛନ୍ତି, ତେବେ ଶାର୍ଟକୁ ଇନ୍ କରନ୍ତୁ ନାହିଁ । ସ୍ଲିଭ୍‌କୁ ଅଧା ଫୋଲ୍ଡ କରି ରଖନ୍ତୁ, ଟ୍ରେଣ୍ଡି ଲାଗିବେ।



## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ଭ୍ରାମ୍ୟମାଣ ମହୁ ପ୍ରସ୍ତୁତକାରୀ ଭ୍ୟାନ୍ .............. ରାଜ୍ୟରେ ଶୁଭାରମ୍ଭ ହୋଇଛି ?
୨– ଦି ସ୍ପେଶାଲ୍ ପ୍ରୋଟେକ୍ସନ ଗ୍ରୁପ୍ ଆକ୍ଟ, ୧୯୮୮ ...........ଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଲାଗୁ କରାଯାଇଛି ?
୩– ଏନ୍‌ଏସ୍‌ଡିସିର ଫୁଲ୍‌ଫର୍ମ........................ ?
୪– ସି ଡ୍ରାଗନ୍–୨୨ ନାମକ ମିଲିଟାରୀ ଏକ୍ସରସାଇଜ୍‌ରେ .............. ଦେଶ ଅଂଶଗ୍ରହଣ କରିବେ ?
୫– ଡ୍ୟାନ୍ସିଂ ଡିଅର୍ ..................ଠାରେ ଦେଖିବାକୁ ମିଳିଥାଏ ?

## ଗତ ଥରର ଉତ୍ତର

୧ ଝାଡ଼ଖଣ୍ଡ
୨ ପାକିସ୍ତାନ
୩ କୁଏତ୍
୪ ବିରାଟ କୋହୋଲି
୫ ଭାରତ

## ଉତ୍ତରଦାତା


ସତ୍ୟ ରଞ୍ଜନ ମିଶ୍ର, ଜଗତ୍‌ସିଂହପୁର


ବିସ୍ମୟ କୁମାର ନାୟକ, ଯାଜପୁର


ଶେଖ୍ ୟାକୁବ୍, ଗୋପ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତଗାମୀ ଜଳଜୀବ

| | |
|---|---|
| ୧– ମାର୍ଲିନ୍ | ୧୧୦ କିମି. ପ୍ରତି ଘଣ୍ଟା |
| ୨– ସ୍ୱୋର୍ଡଫିସ୍ | ୯୭ କିମି. ପ୍ରତି ଘଣ୍ଟା |
| ୩– ମାକୋ ସାର୍କ | ୭୪ କିମି. ପ୍ରତି ଘଣ୍ଟା |
| ୪– ୟେଲୋଫିନ୍ ଟୁନା | ୭୪ କିମି. ପ୍ରତି ଘଣ୍ଟା |
| ୫– ଫ୍ଲାଇଂ ଫିସ୍ | ୬୯ କିମି. ପ୍ରତି ଘଣ୍ଟା |
| ୬– ବୋନ୍ ଫିସ୍ | ୬୪ କିମି. ପ୍ରତି ଘଣ୍ଟା |
| ୭– ବୋନିଟୋ | ୬୪ କିମି. ପ୍ରତି ଘଣ୍ଟା |
| ୮– କିଲର୍ ହ୍ୱେଲ୍ | ୫୫ କିମି. ପ୍ରତି ଘଣ୍ଟା |
| ୯– ବାରା କୁଡ଼ା | ୨୭ କିମି. ପ୍ରତି ଘଣ୍ଟା |
| ୧୦– ପାଇଲଟ୍ ହ୍ୱେଲ୍ | ୩୨ କିମି. ପ୍ରତି ଘଣ୍ଟା |

## ଯୁବ ପ୍ରତିଭା

# ଏଭରେଷ୍ଟ ଶିଖର ଛୁଇଁବା ଲକ୍ଷ୍ୟ



ପାଣିରେ ପହଁରିବା, ଗଛଚଢ଼ାଠାରୁ ଆରମ୍ଭ କରି ପାହାଡ଼ଚଢ଼ା ପର୍ଯ୍ୟନ୍ତ ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ତାଙ୍କୁ ମିଳେ ଆନନ୍ଦ। ଏହି ନିଶା ତାଙ୍କୁ ବିଶ୍ୱ ରେକର୍ଡ ହାସଲ କରି ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ସେ ହେଉଛନ୍ତି କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମ ପଞ୍ଚାୟତ ନୂଆଗାଁ ଗ୍ରାମର ଶକୁନ୍ତଳା ଏବଂ ଶ୍ୟାମ ସୁନ୍ଦର ମହାନ୍ତଙ୍କ ପୁତ୍ର ଜଗନ୍ନାଥ। ନିକଟରେ "ଭାରତୀୟ ସାହସିକ ସଂସ୍ଥାନ (IAF)" ସର୍ବଭାରତୀୟ ସ୍ତରରୁ ୨୧ ଜଣଙ୍କୁ ନେଇ କେଦାରକଣ୍ଠକଠାରେ ପର୍ବତାରୋହଣ କାର୍ଯ୍ୟକ୍ରମ ୩୦ ଡିସେମ୍ବର ୨୦୨୧ଠାରୁ ୦୪ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେଠାରେ ସମସ୍ତେ ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ ଉଚ୍ଚତାରେ –୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ସେହି କାର୍ଯ୍ୟକ୍ରମରେ ଜଗନ୍ନାଥ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ପର୍ବତାରୋହଣ କରିଥିଲେ। ୨୧ କି.ମି. ମାରାଥନ୍ ଦୌଡ଼ରେ ମଧ୍ୟ ସେ ସଫଳତା ହାସଲ କରିଛନ୍ତି। ଭାରତୀୟ ସାହସିକ ସଂସ୍ଥାନ (ଇଣ୍ଡିଆନ ଆଡ୍‌ଭେଞ୍ଚର୍ସ ଫାଉଣ୍ଡେଶନ) (IAF)ରେ ଜଗନ୍ନାଥ ୨୦୧୬ ମସିହାଠାରୁ ପ୍ରଶିକ୍ଷଣ ନେଇଆସୁଛନ୍ତି ।

କ୍ରୀଡ଼ା ବ୍ୟତୀତ ଜଗନ୍ନାଥ ଜଣେ ମେଧାବୀ ଛାତ୍ର ମଧ୍ୟ। ଆଉ ଏହି ଦିଗରେ ନିଜର ଦକ୍ଷତା ଯୋଗୁ ସେ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ନାମ ପଞ୍ଜୀକରଣ କରିସାରିଛନ୍ତି। କେବଳ ଏତିକି ନୁହେଁ, ସମାଜସେବା କ୍ଷେତ୍ରରେ ମଧ୍ୟ ତାଙ୍କର ରହିଛି ଢେର ଅବଦାନ। ବର୍ତ୍ତମାନ ସୁଦ୍ଧା ସେ ୨୧ ଜଣଙ୍କୁ ରକ୍ତଦାନ କରିସାରିଥିବା ବେଳେ କରୋନା ମହାମାରୀ ସମୟରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ସହଯୋଗର ହାତ ମଧ୍ୟ ବଢ଼ାଇଥିଲେ। ଏହି ମହତ୍ କାର୍ଯ୍ୟ ଲାଗି ତାଙ୍କୁ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନ –୨୦୨୧, ପ୍ରାଇଡ୍ ଅଫ୍ ୟଙ୍ଗ୍ ହିନ୍ଦୁସ୍ତାନ ଆୱାର୍ଡ –୨୦୨୧ରେ ସମ୍ମାନିତ କରାଯାଇଛି। ଗତବର୍ଷ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଟି ଦେଶରୁ ବଛାଯାଇଥିବା ୧୦୦ ଜଣ ସାମାଜିକ କର୍ମୀଙ୍କ ନାମ ଚୟନ ହୋଇଥିଲା। ଏହା ମଧ୍ୟରେ ଭାରତରୁ ଥିବା ମାତ୍ର ୩ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ଜଗନ୍ନାଥ ଗ୍ଲୋବାଲ ଚେଞ୍ଜ୍ ମେକର୍ ଆୱାର୍ଡ –୨୦୨୧ ବିଜେତା ହୋଇ ଓଡ଼ିଶା ପାଇଁ ଗର୍ବ ଆଣି ଦେଇଥିଲେ।


ଜଗନ୍ନାଥ ମହାନ୍ତ

ନିଜ ସଫଳତାର ଶ୍ରେୟ ମାତାପିତା, ଗୁରୁ ଏବଂ ସମସ୍ତ ସାଙ୍ଗସାଥୀଙ୍କୁ ଦେଉଥିବା ଜଗନ୍ନାଥ ଆଗାମୀ ଦିନରେ ଏଭରେଷ୍ଟ ପର୍ବତ ଆରୋହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।

– ନରେଶ ପଟ୍ଟନାୟକ

**୨୬ ଜଣଙ୍କ ନାଁରେ ଜାମିନ ବିହୀନ ପରୱାନା**

**ଦେଓଗାଁ,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଓ ବନ୍ଧପଡା ଫାଣ୍ଡି ଅଞ୍ଚଳର ବିଭିନ୍ନ ମାମଲାରେ ୨୬ ଜଣଙ୍କ ନାଁରେ କୋର୍ଟ ନିର୍ଦ୍ଦେଶ କ୍ରମେ ୨୬ଜଣଙ୍କ ନାଁରେ ଜାମିନ ବିହୀନ ପରୱାନା ଜାରି ହୋଇଛି। ଏନେଇ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ଅଭିଯୁକ୍ତମାନଙ୍କ ତାଲିକା କରି କାନ୍ଥଗୁଡିକରେ ମରାଯାଇଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପାଖେଇ ଆସିଥିବାରୁ ବିଭିନ୍ନ ସମୟରେ ଅଭିଯୁକ୍ତମାନେ କୋର୍ଟ ନିୟମ ଉଲ୍ଲଘଂନ କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶୁଣିବାକୁ ମିଳୁଛି ।

## ସଂକ୍ଷେପରେ

### ୫ ପଞ୍ଚାୟତ ଅଫିସରେ ତାଲା ପକାଇଲେ ଆଦିବାସୀ

**ଦେଓଗାଁ,୧୫।୧(ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୫ଟି ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ବ୍ଲକ ଆଦିବାସୀ ସଂଘ ତାଲାବନ୍ଦ ଆନ୍ଦୋଳନ କରିଛି। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ନେତୃତ୍ୱରେ ଲଣ୍ଡାପଥର, ଧଣ୍ଡାମାଲ, ବ୍ରାହ୍ମଣୀଯୋର, ବନ୍ଧପଡା ଓ ଅର୍ଜୁନପୁର ପଞ୍ଚାୟତର ଶତାଧିକ ଆଦିବାସୀ ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ । ଆଦିବାସୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ । ପରେ ପଞ୍ଚାୟତ ମୁଖ୍ୟଗେଟରେ ତାଲା ପକାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ପୁରନ୍ଦର ଭୋଇ, ଜିଲା ସଂଘ ସଭ୍ୟ ମହେନ୍ଦ୍ର ମଲ୍ଲିକ, ବନ୍ଧପଡା ଜୋନ ସଭାପତି ନାଭିଦତ୍ତ ଧରୁଆ, ଗୌରଗୋଠ ପଞ୍ଚାୟତ ସଭାପତି ହରିଶ୍ଚନ୍ଦ୍ର ଭୋଇ, ସହଦେବ କୁମୁରା, ଗଣ୍ଡାରାମ ମାଝୀ, ନବୀନ କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ବିଡିଓ ମୂରଲୀଧର ନାଏକ ପଞ୍ଚାୟତ ଅଫିସରେ ତାଲା ପକା ଯାଉଥିବାରୁ ପଞ୍ଚାୟତ ନିର୍ବାଚନରେ ବାଧା ଉପୁଜୁଥିବା କହିଛନ୍ତି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଓଗାଁ ଥାନାଧିକାରୀ, ଉପଜିଲାପାଳ ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି ।

### ନିଖୋଜ ଦାଦନ ଶ୍ରମିକଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ସିନାପାଲି,୧୫।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋର୍ଲା ଗ୍ରାମର ଜଣେ ଦାଦନ ଶ୍ରମିକ ବିଡିଓ ମାଝି (୫୧) ୩ ମାସ ହେଲା ନିଖୋଜ ହୋଇଛନ୍ତି। ଏ ନେଇ ନିଖୋଜ ଶ୍ରମିକଙ୍କ ସ୍ତ୍ରୀ ନମତୀ ମାଝି ନୂଆପଡ଼ା ଜିଲା ଗୋଣ୍ଡ ସମାଜ ସଭାପତି ପ୍ରଶନ୍ନ ମାଝି, ଗୋର୍ଲା ସରପଞ୍ଚ ଦିଲୀପ କୁମାର ମାଝିଙ୍କ ସହାୟତାରେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ ନମତୀଙ୍କ ସ୍ୱାମୀ ବିଡିଓ ଆଜକୁ ୬ ମାସ ତଳେ ବିଜୟୱାଡକୁ କାମ କରିବାକୁ ଯାଇଥିଲେ। ଯିବାଦିନଠାରୁ ୩ ମାସ ର୍ପ୍ୟଯନ୍ତ ଫୋନରେ ଯୋଗାଯୋଗ କରି ପରିବାର ସହ କଥାବାର୍ତ୍ତା ହେଉଥିଲେ। ହେଲେ ଆଜକୁ ୩ମାସ ହେଲା କୌଣସି ଯୋଗାଯୋଗ କରୁନାହାନ୍ତି। ଏହି ଖବର ଜାଣିବା ପରେ ଜିଲା ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଦଳିତ ଅଧିକାର ଟିମ ଦାଦନ ଶ୍ରମିକଙ୍କ ଘରେ ପହଞ୍ଚି ନମତୀଙ୍କ ସହ ଆଲୋଚନା କରିଛନ୍ତି।

### ରକ୍ତଦେଇ ଜୀବନ ବଞ୍ଚାଇଲେ ଯୁବ ସାମାଜିକ କର୍ମୀ

**ଦେଓଗାଁ,୧୫।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାର ଯୁବ ସାମାଜିକ କର୍ମୀ ପ୍ରମୋଦ ବଗର୍ତ୍ତି ଶନିବାର ଜଣେ ମହିଳାଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି । କଳାହାଣ୍ଡି ଜିଲା ନର୍ଲା ବ୍ଲକ ମାଣ୍ଡେଲ ଗାଁର ବୀଣା ସାହୁ ନାମକ ଜଣେ ମହିଳା ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ 'ଓ' ପଜିଟିଭ ରକ୍ତ ଆବଶ୍ୟକ ହେଉଥିବା ସିକୁଆଁ ଗାଁର ଆଶା ଦିଦି ହ୍ୱାଟସ ଅପ ଗ୍ରୁପରେ ଜଣାଇଥିଲେ। ସ୍ୱେଚ୍ଛାସେବୀ ସଂଗଠନର ନିତ୍ୟାନନ୍ଦ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରମୋଦ ବଲାଙ୍ଗୀର ମେଡିକାଲକୁ ଯାଇ ରକ୍ତଦାନ କରିଥିଲେ ।

### ୩ ଏନ୍ଏସି ଅଧକ୍ଷ ପଦବୀ ଅଣସଂରକ୍ଷିତ

**କଳାହାଣ୍ଡି ଜିଲା**

■ ଗୋଟିଏ ମ୍ୟୁନିସିପାଲିଟି ମହିଳାଙ୍କ ପାଇଁ ସଂରକ୍ଷିତ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.):** ପୌର ନିର୍ବାଚନ ପାଇଁ ଶନିବାର ମ୍ୟୁନିସିପାଲିଟି ଓ ଏନ୍ଏସିର ଅଧକ୍ଷ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ମ୍ୟୁନିସିପାଲିଟି ଅଧକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଜିଲାର ୩ଟି ଏନ୍ଏସି ଜୁନାଗଡ଼, କେସିଙ୍ଗା ଓ ଧର୍ମଗଡ ଅଧକ୍ଷ ଆସନ ପାଇଁ ଅଣସଂରକ୍ଷିତ ରହିଛି। ଆସନ୍ତା ୧୫ ଦିନ ମଧ୍ୟରେ ଆପତ୍ତି ଓ ଅଭିଯୋଗ ଦାଖଲ କରିପାରିବେ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ଗୋଟିଏ ମ୍ୟୁନିସିପାଲଟି ଓ ୩ଟି ଏନ୍ଏସି ଅଧକ୍ଷ ଆସନ ପ୍ରଥମ କରି ଅଣସଂରକ୍ଷିତ ପାଇଁ ରହିଥିବାରୁ ବୁଦ୍ଧିଜୀବୀ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

# ଧାନ ଉଠାଣ ଦାବିରେ ରାସ୍ତା ଅବରୋଧ

**କୋକସରା,୧୫।୧(ଡି.ଏନ.ଏ.)**


ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

**ଅଦିନିଆ ବର୍ଷାରେ ଶହ ଶହ କୁଇଣ୍ଟାଲ ଧାନ ନଷ୍ଟ**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହେବାରୁ କାଶିବାହାଲ ମଣ୍ଡିରେ ବର୍ଷା ପାଣି ଜମି ରହିଥିଲା। ଚାଷୀମାନେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ରାତିରେ ମୋଟର ଲଗାଇ ପାଣି ନିଷ୍କାସନ କରାଯାଇଛି। ଏସବୁ ସମସ୍ୟା ମଧ୍ୟରେ ନୟାନ୍ତ ହୋଇ ଶୀଘ୍ର ଧାନ ଉଠାଣ ଦାବିରେ ଶନିବାର ମଣ୍ଡି ସମ୍ମୁଖରେ ଶତାଧିକ ଚାଷୀ ଡୋଙ୍ଗରିଗୁଡାରୁ କାଶିବାହାଲ ସଂଯୋଗ ଆରଡି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ କାଶିବାହାଲ ରାଜସ୍ୱ ନିରୀକ୍ଷକ ରମଣି ରଞ୍ଜନ ପ୍ରଧାନୀ, ଭିଏଡବ୍ଲ୍ୟୁ ଦୀପ୍ତିମୟୀ ମହାପାତ୍ର ଓ କୋକସରା ପୋଲିସ ପହଞ୍ଚି ଧାନ ଉଠାଣ ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ। ସୂଚନା ଯେ, କାଶିବାହାଲ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି। ଅଦିନିଆ ବର୍ଷା, ଶୀତ, କୋହଲା ପାଗରେ ମାସ ମାସ ଧରି ଧାନକୁ ଜଗି ରହିଛନ୍ତି ଚାଷୀ। ବର୍ଷାରୁ ଧାନକୁ ସୁରକ୍ଷିତ ରଖିବା ପାଇଁ ଆରଏମ୍ସି ପକ୍ଷରୁ ପର୍ଯ୍ୟାପ୍ତ ମାତ୍ରାରେ ପଲିଥିନ ଯୋଗାଣ ହୋଇନାହିଁ। ଚିରାଫଟା ପଲିଥିନ ତଳେ ରହିଥିବା ଧାନ ବର୍ଷାରେ ଭିଜି ଗଜା ହୋଇ ନଷ୍ଟ ହେଲାଣି। ସ୍ଥାନୀୟ ତହସିଲଦାରଙ୍କଠାରୁ ଆରମ୍ଭ କରି ଉପଜିଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବର୍ତ୍ତମାନ କାଶିବାହାଲ ମଣ୍ଡିରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଛି। ପ୍ୟାକ୍ସ ସମ୍ପାଦକ ଯୁଗଳ ନାଏକଙ୍କୁ ପଚାରିବାରୁ ସୋମବାରଠାରୁ ଧାନ କ୍ରୟ କରାଯିବ, ପଲିଥିନ କମ ଥିବାରୁ ସମସ୍ତ ଚାଷୀଙ୍କ ପାଇଁ ନିଅଣ୍ଟ ହେଉଛି ବୋଲି କହିଛନ୍ତି। ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ଖଗେଶ୍ୱର ପଣ୍ଡା ମୁର୍ମୁଙ୍କୁ ପଚାରିବାରୁ ସୋମବାରଠୁ ଧାନ କ୍ରୟ କରାଯିବ, ଚାଷୀମାନେ ବର୍ଷା କ୍ଷତିପୂରଣ ଦାବି କରୁଛନ୍ତି, ଏ ସକ୍ରାଂନ୍ତରେ ଚାଷୀଙ୍କ ସହ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ରାସ୍ତା ଅବରୋଧରେ ନୀଳକଣ୍ଠ ମାଝି, କିଶୋର ଚନ୍ଦ୍ର ନାଏକ, ପପୁ ବେମାଲ, ଭୋଲାରାମ ଚଣ୍ଡି, ଉମାଶଙ୍କର ସରାଫ, ଘାସିରାମ ବେମାଲ, କ୍ଷୀରୋଦ ବେହେରା, କୃତିବାସ ରଣା, ଆଦିତ୍ୟ ବେହେରା, କେଦାର ନାଏକ, ଅନାଦି ଠାକୁର, ମାଧବ ଚଣ୍ଡି, ତପନ ପଟେଲ, ଶିତିଷ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ନେଗେଟିଭ୍ ଚରିତ୍ରରେ ତବୁ



**ମୁମ୍ବାଇ:** କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ଯାଇଥିବା ବଲିଉଡ୍ ନାୟିକା ତବୁ ଏଥର ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଆସମାନ ଭରଦ୍ୱାଜଙ୍କ ଅପ୍କମିଂ ଫିଲ୍ମ 'କୁତ୍ତେ'ରେ ତବୁ ନେଗେଟିଭ୍ ରୋଲ୍ କରିବେ ବୋଲି ଜଣାପଡ଼ିଛି। ତାଙ୍କୁ ଜଣେ ଦୁର୍ନୀତିଖୋର କନଷ୍ଟେବଲ କ୍ୟାରେକ୍ଟରରେ ଦେଖିବାକୁ ମିଳିବ। ତବୁଙ୍କ ବ୍ୟତୀତ ଅର୍ଜୁନ କପୁର, କୋଙ୍କଣା ସେନ ଶର୍ମା ଓ ରାଧିକା ମଦାନ ମଧ୍ୟ ଫିଲ୍ମରେ ରହିଛନ୍ତି। ଏଥିରେ ଅର୍ଜୁନ କପୁର ପୋଲିସ କନଷ୍ଟେବଲ ହୋଇଥିବାବେଳେ କୋଙ୍କଣା ସେନ ଶର୍ମା ଜଣେ ମାଓବାଦୀ, ରାଧିକ ମଦାନ ଜଣେ କଲେଜ ଛାତ୍ରୀ ଭୂମିକାରେ ନଜର ଆସିବେ। 'କୁତ୍ତେ'ର ଅଧିକାଂଶ ଭାଗ ଶୁଟିଂ ଶେଷ ହୋଇଛି।

# ଅଦିନିଆ ବର୍ଷା ଉଜାଡ଼ିଲା ପରିବା ଚାଷ

**ଦେଓଗାଁ,୧୫।୧(ଡି.ଏନ.ଏ.)**


କୁହିମୁଣ୍ଡାରେ ଚାଷୀ ଅନୁ ସାହୁ ନଷ୍ଟ ହୋଇଥିବା ବ୍ରୋକୋଲି ଚାଷକୁ ଦେଖାଉଛନ୍ତି ।

**କୁହିମୁଣ୍ଡାରେ ନଷ୍ଟ ହେଲା ଲକ୍ଷାଧିକ ଟଙ୍କାର ବ୍ରୋକୋଲି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗତ ୫ଦିନ ହେଲା ବର୍ଷା ସହ ମେଘୁଆ ପାଗ ଲାଗି ରହିଛି। ପରିବା ଚାଷୀଙ୍କ ପାଇଁ ଏହା କାଳ ସାଜିଛି। ଉପରଝର ପଞ୍ଚାୟତ କୁହିମୁଣ୍ଡାର ୩୫ରୁ ଉର୍ଦ୍ଧ୍ୱ ଚାଷୀ ପରିବା ଚାଷ କରିଥାନ୍ତି । ହେଲେ ଲଗାଣ ବର୍ଷାରେ ସେମାନେ କରିଥିବା ବ୍ରୋକୋଲି, ଫୁଲକୋବି, ବନ୍ଧାକୋବି, କରଲା, ମକା, ବାଇଗଣ, ପାତଲଘଣ୍ଟା, ଗୁଆଶିମ୍ବ, ଭେଣ୍ଡି ଚାଷ ନଷ୍ଟ ହୋଇଯାଇଛି । ଜମିରେ ପାଣି ଜମି ରହିବାରୁ ପଚି ନଷ୍ଟ ହୋଇଛି ବ୍ରୋକୋଲି ଓ ପାତଲଘଣ୍ଟା। ଅମଳକ୍ଷମ ଅବସ୍ଥାରେ ଥିବା ବ୍ରୋକୋଲି ପଚି ଏପରି ଦୁର୍ଗନ୍ଧ ସୃଷ୍ଟି କରୁଛି ଯେ, ବିଲକୁ ଯିବା କଷ୍ଟକର ହୋଇପଡିଛି। ବ୍ରୋକୋଲି ଚାଷୀ ଶ୍ରୀକାନ୍ତ ସାହୁଙ୍କ କହିବାନୁସାରେ ତାଙ୍କର ୭ହଜାର ବ୍ରୋକୋଲି ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ବର୍ତ୍ତମାନ କରିଥିବା ଋଣ କିପରି ଶୁଝିବେ ଚିନ୍ତାରେ ପଡିଛନ୍ତି। ଅନ୍ୟ ଚାଷୀ ଶମ୍ଭୁଭୂଷଣ ସାହୁଙ୍କ କହିବାନୁସାରେ ସେ ୧୦ଏକର ପରିମିତ ଜମିରେ କରିଥିବା ବ୍ରୋକୋଲି ଚାଷ ନଷ୍ଟ ହୋଇଛି। ଏକର ପ୍ରତି ଏକଲକ୍ଷ ହିସାବରେ ୧୦ଲକ୍ଷ ଟଙ୍କା ପାଣିରେ ପଡିଲାବୋଲି ସାହୁ କହିଛନ୍ତି । ଉକ୍ତ ଗାଁର ଅନୁ ସାହୁ, ରୋହିତ ସାହୁ, ଉମାକାନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ଅଶ୍ୱିନୀ ସାହୁ, ସ୍ୱାଧୀନ ସାହୁ, କମ୍ପୁ ସାହୁ, ଗଜେନ୍ଦ୍ର ପଧାନ, ନିମାଇଁ ପଧାନ, ଚକ୍ର ପଧାନ, ସଂକିର୍ତ୍ତନ ସାହୁ ପ୍ରମୁଖ ଚାଷୀଙ୍କ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କହିଛନ୍ତି। ପରିସ୍ଥିତି ଏହିପରି ଥିବା ବେଳେ କୃଷି ବିଭାଗ କୌଣସି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ କୃଷି ଅଧିକାରୀ ବାବାଜୀ ଚରଣ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ରିସିଭ ନ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

## ବର୍ଷାରେ ହରଡ଼ ଚାଷ ନଷ୍ଟ, ଚିନ୍ତାରେ ଚାଷୀ

**ନୂଆପଡ଼ା ଅଫିସ,୧୫।୧**

ନୂଆପଡ଼ା ଜିଲାରେ ଅଦିନିଆ ଝିପିଝିପି ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଚାଷୀଙ୍କୁ ଚିନ୍ତାରେ ମକାଇ ଦେଇଛି। ପନିପରିବା, ମୁଗ, ବିରି ଚାଷ ନଷ୍ଟ ହେବା ସାଙ୍ଗକୁ ହରଡ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ତ୍ତମାନ ହରଡ ଅମଳ ହେବା ସମୟ, ଅଧିକାଂଶ ଚାଷୀ ଜମିରୁ ହରଡ କାଟି ଖଳାରେ ଶୁଖାଇଛନ୍ତି। ଅଦିନିଆ ବର୍ଷାରେ ହରଡ ସବୁ ଗଜା ହେବାରେ ଲାଗିଲାଣି। ଚଳିତବର୍ଷ ହରଡ ଚାଷ ଭଲ ହୋଇଥିଲା। ଚାଷୀ ଧାନ ଚାଷ ବଦଳରେ ହରଡ ଚାଷ କରି ଦୁଇ ପଇସା ଲାଭ ପାଇବା ଆଶାରେ ଥିଲେ। ଅଦିନିଆ ବର୍ଷା ସବୁ ଆଶା ମଉଳି ଦେଲା। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଦିନିଆ ବର୍ଷାରେ କ୍ଷତିହୋଇଥିବା ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଅଦିନିଆ ବର୍ଷାରେ ଗଜା ହେଲା ଧାନ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଅଦିନିଆ ବର୍ଷାରେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ। ମଣ୍ଡିରେ ବିକ୍ରି ପାଇଁ ଗଚ୍ଛିତ ଧାନ ସବୁ ନଷ୍ଟ ହୋଇ ଗଜା ହୋଇଥିବା ଆଶଙ୍କା କରାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ଯେ, ଜୁନାଗଡ଼ ଆର୍ଏମ୍ସି ଓ ମୁଖୀଗୁଡ଼ା ଆର୍ଏମ୍ସି ଅଧୀନ ଅନେକ ମଣ୍ଡି ଖୋଲା ଆକାଶ ତଳେ ରହିଥିବା ବେଳେ ଧାନକୁ ବର୍ଷାରୁ ରକ୍ଷା ପାଇଁ ଯେତିକି ତାରପୋଲିଂ ଦରକାର ସେତିକି ପରିମାଣର ଯୋଗାଇ ଦିଆଯାଇନାହିଁ। ଫଳରେ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଧାନ ବିକ୍ରି କଲେ ପରିବାର ପ୍ରତିପୋଷଣ ସହ ଧାରକରଜ ଚୁକ୍ତି କରିବା ପାଇଁ କହୁଥିବା ବେଳେ ଧାନ ବିକ୍ରି ଠିକ ଭାବେ ହୋଇପାରୁ ନାହିଁ। ଫଳରେ ଚାଷୀମାନଙ୍କୁ ମଣ୍ଡିରେ ଅନେକ ଦିନ ରହିବାକୁ ପଡୁଛି। ମନ୍ଥର ଗତିରେ ଉଠାଣ ହେବାରୁ ମଣ୍ଡିଗୁଡିକରେ ଶହ ଶହ କୁଇଣ୍ଟାଲ ଧାନ ପଡିରହିଛି। ଏପରି କି ଆବଶ୍ୟକ ଗାଡି ନ ଆସିବାରୁ ମଣ୍ଡିରେ ଧାନ ଓଜନ ନ ହୋଇ ପଡିରହୁଛି। ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଚାଷୀମାନେ ଧାନ ବିକିବା ପାଇଁ ମଣ୍ଡିକୁ ନେଇଛନ୍ତି। ହେଲେ ଅଦିନିଆ ବର୍ଷା ଯୋଗୁ ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଥିବା ସବୁ ଧାନ ଭିଜି ଗଜା ହେବାକୁ ବସିଲାଣି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢିଯାଇଛି। ଭଲ ଧାନକୁ ମଣ୍ଡିରେ ସର୍ବନିମ୍ନ କୁଇଣ୍ଟାଲ ପିଛା


ମଣ୍ଡିରେ ଥିବା ଧାନ ଗଜା ହୋଇଛି।

୬/୭ କେଜି କଟନି କରାଯାଉଥିବା ବେଳେ ଏବେ ଧାନ ଭିଜିବା ବାହାନାରେ ମିଲର୍ସ ତାକୁ ଉଠାଇ ବାକୁ ମନା କରିବେ। ଫଳରେ ଚାଷୀମାନେ ନିଜ ଧାନ ବିକ୍ରି ହୋଇଯିବା ଆଶାରେ ୧୦ ରୁ ୧୫ କିଲୋ କଟନିରେ ମିଲର୍ସଙ୍କୁ ବାଧ ହୋଇ ଟେକି ଦେବେ। ଚଳିତବର୍ଷ କଳାହାଣ୍ଡି ଜିଲାରେ ୨୦୭ ମଣ୍ଡି ଖୋଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ୨୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ ରଖିଛି। ଆଜିସୁଦ୍ଧା ୨୬ ଲକ୍ଷ ୭୧ ହଜାର ୮୨୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ଏବଂ ବାକି ଧାନ ପଡି ରହିଛି।

# ପ୍ରଧାନମନ୍ତ୍ରୀ ଆବାସ ସଂଯୋଗ ତାଲିକାରେ ଅନିୟମିତତା

**ଖପ୍ରାଖୋଲ, ୧୫।୧(ଡିଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସଂଯୋଗ ତାଲିକାରେ ଅନିୟମିତତା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରଞ୍ଜୁଲତା ସାହୁ, ହେମସାଗର ସାହୁଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ଶନିବାର ଧାରଣା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ସାମାଜିକ ଅର୍ଥନୈତିକ ଜାତିଗତ ଜନଗଣନାକୁ ପ୍ରାଥମିକତା ଦିଆଯାଇଥିଲା। ହେଲେ ଏହି ପ୍ରାଥମିକତା ତାଲିକାରୁ ଯେଉଁମାନେ ବାଦ ପଡିଛନ୍ତି ସେମାନଙ୍କୁ ସଂଯୋଗ ତାଲିକାରେ ଯୋଗପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ଓଡ଼ିଆପାଲି ପଞ୍ଚାୟତର ବିଭିନ୍ନ ଗାଁରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଗ ହୋଇଥିବା ବେଳେ ଅନେକ ଯୋଗ୍ୟ ପରିବାର ବାଦ୍ ପଡିଥିବା ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରଙ୍କ ତରଫରୁ ଦିଆଯାଉଥିବା ଏମ୍ଜିଏନ୍ଆରଇଜିଏସ୍ ବାବଦ ମଜୁରି ମିଳୁ ନ ଥିବା ଅଭିଯୋଗ କରିଥିଲେ। ବିଡ଼ିଓ ରଶ୍ମିରଞ୍ଜନ ରାଉତ ଅନିୟମିତତାର ତଦନ୍ତ ଏକ ପାଞ୍ଚ ଜଣିଆ ଦଳ କରିବା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବିଧାୟକଙ୍କ ହସ୍ତକ୍ଷେପ ପରେ ରାସ୍ତା ମରାମତି

**ରୁପ୍ରାରୋଡ/ନର୍ଲା,୧୫।୧(ଡି.ଏନ.ଏ.)**

ସର୍ଗିଗୁଡା ରେଳ ଫାଟକରୁ ନର୍ଲା ରୋଡ ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୧୨୦୦ ମିଟର ରାସ୍ତା ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ହସ୍ତକ୍ଷେପ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ପୂର୍ବରୁ ଦୀର୍ଘ ୧୦ ବର୍ଷ ହେଲା ବିଭାଗୀୟ ଅଧିକାରୀଙ୍କୁ ତଥା ରାଜନୈତିକ ନେତାମାନଙ୍କୁ ବିଭିନ୍ନ ସମୟରେ ଅଭିଯୋଗ କରି ନୟାନ୍ତ ହୋଇଥିଲେ। କିନ୍ତୁ ସର୍ଗିଗୁଡା ପଞ୍ଚାୟତ ବିଜେଡ଼ି କର୍ମୀ ଓ ଜନସାଧାରଣ ନର୍ଲା ବିଧାୟକଙ୍କୁ ଏହି ରାସ୍ତାରେ ଦୃଷ୍ଟି ଆକର୍ଷଣ କରିଥିଲେ। ରେଳ ଷ୍ଟେଶନକୁ ଯିବା ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ନର୍ଲା ବିଧାୟକ ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀଙ୍କ ସହ ଫୋନ କରି ଜଣାଇଥିଲେ। ଏହା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସର୍ଗିଗୁଡା ପଞ୍ଚାୟତ ଜନସାଧାରଣ ତଥା ବିଜେଡି କର୍ମୀମାନେ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

# ଭୀମ ଭୋଇ ମେଡିକାଲ କଲେଜରେ ବଲାଙ୍ଗୀର ଛାତ୍ରଙ୍କୁ ସଂରକ୍ଷଣ ଦିଅ

**ବଲାଙ୍ଗୀର ଅଫିସ,୧୫।୧**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନରସିଂହ**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ନାମଲେଖା ପାଇଁ ବଲାଙ୍ଗୀର ଜିଲା ଛାତ୍ରମାନଙ୍କୁ ୭୦ ପ୍ରତିଶତ ସଂରକ୍ଷଣ ଦିଅ। ଏହିଭଳି ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ନରସିଂହ ମିଶ୍ର ଏକ ଚିଠି ମାଧ୍ୟମରେ ଦାବି କରିଛନ୍ତି। ପ୍ରଦତ୍ତ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ଯେ, ବଲାଙ୍ଗୀର ଜିଲା ଅନେକ ଦିନରୁ ଅବହେଳାର ଶିକାର ହୋଇଛି। ଅର୍ଥନୈତିକ, ସାମାଜିକ ଦୃଷ୍ଟିରୁ ଦେଖାଗଲେ ଏହି ଜିଲା ଅନ୍ୟ ଜିଲା ତୁଳନାରେ ପଛରେ ରହିଛି। ଏଠାରେ କୌଣସି ବୈଷୟିକ ଶିକ୍ଷା ବା କର୍ମନିଯୁକ୍ତି ତାଲିମ ଅନୁଷ୍ଠାନ ନାହିଁ। ଏହାକୁ ଆଖି ଆଗରେ ରଖି ୧୯୯୯ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ବଲାଙ୍ଗୀରରେ ଏହି ମେଡିକାଲ କଲେଜର କାମ ଆରମ୍ଭ କରାଯାଇଥିଲା। ସେତେବେଳେ ଉକ୍ତ ମେଡିକାଲ କଲେଜ ପାଇଁ ପରିଷଦ ଅଞ୍ଚଳରେ ଥିବା ଜିଲା ମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ସଂରକ୍ଷଣ ଦେବା ନେଇ ନିଷ୍ପତ୍ତି ନିଆ ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କଲେଜର ନିର୍ମାଣ ଦାୟିତ୍ୱ ସରକାର ନେଇଥିବାରୁ ସଂରକ୍ଷଣ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିନାହିଁ। ବଲାଙ୍ଗୀର ଜିଲା ସମେତ ପଶ୍ଚିମ ଓଡିଶାର ପ୍ରାୟତଃ ଜିଲାରେ ଚିକିତ୍ସା ବ୍ୟବସ୍ଥା ସେତେଟା ଉତ୍ସାହଜନକ ନୁହେଁ। ଏଠାରେ ଡାକ୍ତର ସଂଖ୍ୟା ମଧ୍ୟ ବହୁତ କମ । ତେଣୁ ଏହି ଅଞ୍ଚଳରୁ ଡାକ୍ତର ସୃଷ୍ଟି କରିବା ପାଇଁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜରେ ନାମଲେଖା ସମୟରେ ଜିଲାର ଛାତ୍ରମାନଙ୍କୁ ୭୦ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି ଜଣାଇଛନ୍ତି।

# ଦୋକାନରୁ ୫୦ ଲକ୍ଷ ଟଙ୍କାର ମୋବାଇଲ ଚୋରି

**ବଲାଙ୍ଗୀର ଅଫିସ, ୧୫।୧**

ବଲାଙ୍ଗୀର ସହର ରମାଇ ଟକିଜ ନିକଟ ଏକ ମୋବାଇଲ ଦୋକାନରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ୩/୪ ଜଣ ଚୋର ମୋବାଇଲ ଷ୍ଟୋର ନାମକ ଦୋକାନରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ମୋବାଇଲ ସେଟ୍ ଓ ନଗଦ ସାଢ଼େ ୩ ଲକ୍ଷ ଟଙ୍କା ଚୋରି କରିନେଇଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଦୋକାନ ମାଲିକ ଶୋଭାକର ମେହେର ଶନିବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳେ ଘଟଣା ଜଣାପଡିଥିଲା। ଚୋରମାନେ ଷ୍ଟଲର ଶଟର ତାଲା ଭାଙ୍ଗି ଚୋରି କରିବା ପରେ ଆଣିଥିବା ତାଲା ପକାଇ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଦୋକାନ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଚୋର ମାନଙ୍କୁ ଧରିବାକୁ ଉଦ୍ୟମ କରୁଥିବା ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

# 'ଅନଲାଇନ୍ ଶିକ୍ଷା ପାଇଁ ମାଗଣା ଡାଟା ଯୋଗାଇ ଦିଅ'

**ବଲାଙ୍ଗୀର ଅଫିସ, ୧୫।୧**

ଅନଲାଇନ୍ ଶିକ୍ଷା ପାଇଁ ମାଗଣାରେ ମୋବାଇଲ ଡାଟା ଯୋଗାଇ ଦେବାକୁ ଦାବି କରିଛି ଅଲ୍ଇଣ୍ଡିଆ ଡେମୋକ୍ରେଟିକ୍ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ (ଏଆଇଡିଏସ୍ଓ)। ସଂଗଠନର ବଲାଙ୍ଗୀର ଶାଖା ପକ୍ଷରୁ ଛାତ୍ର ପ୍ରତିନିଧିମାନେ ଶନିବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସାରା ଓଡ଼ିଶଶ ଦାବି ଦିବସ ପାଳନ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଙ୍ଗଠନ ପକ୍ଷରୁ କୁହାଯାଇଥିଲା ଯେ, କରୋନା କଟକଣା ଯୋଗୁଁ ଅନ୍ ଲାଇନ୍ ମୋଡରେ ପାଠପଢ଼ା ଚାଲିଛି। ଏହାର ସୁଯୋଗ ନେଇ ଅଧିକ ମୁନାଫା ଆଶାରେ ଟେଲିକମ୍ କମ୍ପାନୀମାନେ ଡାଟା ପ୍ୟାକ୍ର ଅହେତୁକ ମୂଲ୍ୟବୃଦ୍ଧି କରି ଚାଲିଛନ୍ତି। ଯାହା ଫଳରେ ଗରିବ ଏବଂ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ଉପରେ ଆର୍ଥିକ ବୋଝ ବଢିଚାଲିଛି। କରୋନା ମହାମାରୀ ଯୋଗୁଁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିବା ସମୟରେ ଟେଲିକମ୍ କମ୍ପାନୀ ମାନଙ୍କ ମନମୁଖୀ ନିଷ୍ପତ୍ତିରେ ସରକାରଙ୍କର ନିରବତାକୁ ସଙ୍ଗଠନ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଛାତ୍ରୀଛାତ୍ର ଙ୍କୁ ମାଗଣାରେ ମୋବାଇଲ ଡାଟା ଯୋଗାଇ ଦେବା ପାଇଁ ସରକାରଙ୍କଠାରେ ଦାବି କରାଯାଇଛି। ଜିଲା ସମ୍ପାଦକ ମଧୁସୂଦନ ବାଗଙ୍କ ସହ ସଦସ୍ୟମାନେ ଯୋଗ ଦେଇଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨ଗାଁ ଲୋକେ ଦେଲେ ଭୋଟ୍ ବର୍ଜନ ଚେତାବନୀ

**ବଲାଙ୍ଗୀର ଅଫିସ,୧୫।୧**

ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପରେ ଗାଁ ଗହଳରେ ଗହଳ ଚହଳ ବଢ଼ିଯାଇଛି। ଏହି ସମୟରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତର କୁହିମୁଣ୍ଡା ଗ୍ରାମବାସୀ ଏବଂ ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତର ଦାଣ୍ଡପାଣି ବାସୀ ଭୋଟ୍ ବର୍ଜନ ଚୋତାବନୀ ଦେଇଛନ୍ତି। କୁହିମୁଣ୍ଡା ଗାଁକୁ ରାସ୍ତା ନାହିଁ। ଏହି ଗାଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୫୦ ବର୍ଷ ଧରି ଏହି ଗାଁର ଲୋକେ ବିଭିନ୍ନ ଦଳର ନେତା, ବିଧାୟକ, ମନ୍ତ୍ରୀଙ୍କୁ ରାସ୍ତା ପାଇଁ ନିବେଦନ କରିଛନ୍ତି। ସମସ୍ତେ ରାସ୍ତା ତିଆରି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ତିଆରି ହୋଇନାହିଁ। ଗାଁକୁ ତିଆରି ହୋଇଥିବା ରାସ୍ତା ଅଧାବାଟରେ ଅଟକି ରହିଥିବାରୁ ଲୋକେ ହିଡ ଦେଇ ଯିବା ଆସିବା କରିଥାନ୍ତି। ରାସ୍ତା ତିଆରି ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶନିବାର ଗାଁର ମହିଳା, ପୁରୁଷ ଓ ପିଲାଛୁଆ ଗାଁ ଦାଣ୍ଡରେ ବସି ପ୍ରତିବାଦ ଜଣାଇବା ସହ କୌଣସି ପ୍ରାର୍ଥୀଙ୍କୁ ଗାଁକୁ ପଶିବାକୁ ନଦେବା ସହ ପଞ୍ଚାୟତ ଭୋଟ୍ ବର୍ଜନ କରିବେ ବୋଲି ନିଷ୍ପତ୍ତି ଶୁଣାଇଛନ୍ତି।


କୁହିମୁଣ୍ଡା ଗ୍ରାମରେ ଲୋକେ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି।

ଲୋଇସିଂହା ବ୍ଲକ୍ ବାନିପାଲି ପଞ୍ଚାୟତର ଦାଣ୍ଡପାନି ଗାଁ ଲୋକେ ମଧ୍ୟ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ପଞ୍ଚାୟତ ପୁର୍ନଗଠନ ପୂର୍ବରୁ ଏହି ଗାଁ ରତାଖଣ୍ଡି ପଞ୍ଚାୟତରେ ରହିଥିଲା। ପଞ୍ଚାୟତ ପୁର୍ନଗଠନ ପରେ ବାନିପାଲି ପଞ୍ଚାୟତକୁ ଗାଁଟି ଚାଲିଯାଇଥିଲା। ଏହାକୁ ଗାଁ ଲୋକେ ପ୍ରତିବାଦ କରିଥିଲେ। ଗ୍ରାମବାସୀଙ୍କ କହିବା ହେଲା ଦାଣ୍ଡପାଣି ଗାଁରୁ ରତାଖଣ୍ଡି ମାତ୍ର ଦେଢ଼ କିଲୋମିଟର ଦୂର। ନୂଆ ପଞ୍ଚାୟତ ହେବା ପରେ ପଞ୍ଚାୟତ ହେଡକ୍ୱାର୍ଟର୍ସ ବାନିପାଲି ଯିବାକୁ ହେଲେ ଦାଣ୍ଡପାଣି ଗ୍ରାମବାସୀଙ୍କୁ ୭ କିଲୋମିଟର ବୁଲି କରି ଯିବାକୁ ପଡୁଛି। ଅନ୍ୟଏକ ରାସ୍ତାରେ ଗଲେ ଜଙ୍ଗଲ ଭିତର ଦେଇ ଯିବାକୁ ପଡୁଛି। ଗ୍ରାମବାସୀଙ୍କ ଦାବିହେଲା ଦାଣ୍ଡପାଣିକୁ ରତାଖଣ୍ଡି ପଞ୍ଚାୟତରେ ରଖାଯାଉ। ଏହି ଦାବି ନେଇ ଗ୍ରାମବାସୀ ପୂର୍ବ ନିର୍ବାଚନ ମଧ୍ୟ ବର୍ଜନ କରିଥିଲେ। ସେତେବେଳେ ତତ୍କାଳୀନ ଜିଲାପାଳ, ବିଡିଓ, ତହସିଲଦାର ଯାଇ ସେମାନଙ୍କ ଦାବି ଶୀଘ୍ର ପୂରଣ ହେବ ବୋଲି କହିଥିଲେ। ମାତ୍ର ଦାବିପୂରଣ ହୋଇନାହିଁ। ସାଧାରଣ ଭଡା, ପିଡିଏସ୍ ସାମଗ୍ରୀ ନେବାକୁ ହେଲେ ଗାଁର ବୟସ୍କ ଲୋକଙ୍କୁ ବହୁ କଷ୍ଟ କରିବାକୁ ପଡୁଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଆଗାମୀ ପଞ୍ଚାୟତ ଭୋଟ୍ ବର୍ଜନ କରିବେ ବୋଲି ଜଣାଇଛନ୍ତି।

## ଏସ୍‌କଫ ଭର୍ତ୍ତି ସ୍କର୍ପିଓ ଜବତ, ଜଣେ ଗିରଫ

ପଦ୍ମପୁର,(ଡି.ଏନ.ଏ): ଏସ୍‌କଫ ସିରପ୍ ଚାଲାଣ ବେଳେ ବରଗଡ଼ ଜିଲା ପଦ୍ମପୁର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଶନିବାର ମିଳିତ ଭାବେ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୁଳିଆରି ଗ୍ରାମର କୌତୁକ ବରଗାଁ। ତାଙ୍କଠାରୁ ୧୪୪୦ ବୋତଲ ଏସ୍‌କଫ୍ ଭର୍ତ୍ତି ହୋଇଥିବା ଏକ ସ୍କର୍ପିଓ (ଓଡି୦୨ଜି/୧୪୫୭), ୨ଟି ମୋବାଇଲ ଏବଂ ନଗଦ ୫ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୮।୨୨) କରି କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବରଗଡ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା।

# ଜେଲ ଗଲେ ୨ ନକଲି ପୋଲିସ

■ବାଇକ୍, ମୋବାଇଲ ଜବତ
■ଏକାଧିକ ମାମଲାରେ ସମ୍ପୃକ୍ତ

ବରଗଡ଼ ଅଫିସ୍,୧୫।୧

ପୋଲିସ ସ୍କ୍ୱାଡ୍ କର୍ମଚାରୀ ପରିଚୟ ଦେଇ ଲୁଟ୍‌ପାଟ୍ ଚଳାଇଥିବା ୨ଜଣଙ୍କୁ ଅତାବିରା ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବଲାଙ୍ଗୀର ସଦର ଥାନା ସିନ୍ଦୁରବାହାଲ ଗ୍ରାମର ସୁମନ ଶେଖର ପାଣିଗ୍ରାହୀ(୨୬) ଏବଂ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୮ କେନାଲପଡ଼ା ନିବାସୀ ଫୁପଲୁ ଓରଫ୍ ରାଜେଶ ମେହେର(୩୬)। ସେମାନଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି ୦୩କ୍ୟୁ/୦୮୪୬), ଓଡ଼ିଶା ପୋଲିସ ଲେଖାଥିବା ୨ଟି ଜ୍ୟାକେଟ୍, ୪ଟି ମୋବାଇଲ, ଗୋଟିଏ ଟୋପି, ନଗଦ ୨ହଜାର ଟଙ୍କା ଏବଂ ଗୋଟିଏ ଆଇରନ ପାଇପ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ସବଜେଲ ହାଜତକୁ



ଖବରଦାତା ସମ୍ମିଳନୀରେ ଦୁଇ ନକଲି ପୋଲିସଙ୍କୁ ହାଜର କରାଯାଇଛି।

ପଠାଇ ଦିଆଯାଇଛି। ଏ ନେଇ ଅତାବିରା ଥାନାରେ ଦଫା ୪୧୯, ୪୨୦, ୩୮୬, ୩୪ ଆଇପିସିରେ ଏକ ମାମଲା ରୁଜୁ ହୋଇଛି।

ଶନିବାର ବରଗଡ଼ ଏସ୍‌ଡ଼ିପିଓଙ୍କ ଅଫିସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ସୂଚନା ଦେଇ କହିଥିଲେ, ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ଗିରଫ ଦୁଇ ଅଭିଯୁକ୍ତ ଓଡ଼ିଶା ପୋଲିସ ଲେଖାଥିବା ଜ୍ୟାକେଟ୍ ପିନ୍ଧି ବାଇକ୍ ଯୋଗେ ଅତାବିରା ଥାନା ରେଙ୍ଗାଲି (କର୍ଲାଟିକ୍ରା) ଗ୍ରାମର ଟୁନା ମିର୍ଦ୍ଧା(୩୧)ଙ୍କ କିରାନା ଦୋକାନକୁ ଯାଇଥିଲେ। ସେତେବେଳେ କିରାନା ଦୋକାନ ଖୋଲାଥିବାରୁ ଏତେ ରାତିରେ କାହିଁକି ଦୋକାନ ଖୋଲିଛନ୍ତି ବୋଲି କହିବା ସହିତ ୨ହଜାର ଟଙ୍କା ନ ଦେଲେ ଜେଲ୍‌କୁ ପଠାଇ ଦେବୁ ବୋଲି ଅଭିଯୁକ୍ତମାନେ ଟୁନାଙ୍କୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଟୁନା ସେମାନଙ୍କୁ ୨ହଜାର ଟଙ୍କା ଦେଇଥିଲେ। ଏ ନେଇ ଟୁନା ଅତାବିରା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା ଏବଂ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତଦ୍ୱୟ ଧରାପଡିଥିଲେ ଏବଂ ସେମାନେ ବଲାଙ୍ଗୀର ଓ ବରଗଡ଼ ଜିଲାର ବିଭିନ୍ନ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ଗୋଚ୍ଛାୟତ ସୂଚନା ଦେଇଥିଲେ।

## ନେଗେଟିଭ୍ ଚରିତ୍ରରେ ତବୁ



ମୁମ୍ବାଇ: କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ଯାଇଥିବା ବଲିଉଡ୍ ନାୟିକା ତବୁ ଏଥର ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଆସମାନ ଭରଦ୍ୱାଜଙ୍କ ଅପ୍‌କମିଂ ଫିଲ୍ମ 'କୁତ୍ତେ'ରେ ତବୁ ନେଗେଟିଭ୍ ରୋଲ୍ କରିବେ ବୋଲି ଜଣାପଡ଼ିଛି। ତାଙ୍କୁ ଜଣେ ଦୁର୍ନୀତିଖୋର କନଷ୍ଟେବଲ କ୍ୟାରେକ୍ଟରରେ ଦେଖିବାକୁ ମିଳିବ। ତବୁଙ୍କ ବ୍ୟତୀତ ଅର୍ଜୁନ କପୁର, କୋଙ୍କଣା ସେନ ଶର୍ମା ଓ ରାଧିକା ମଦାନ ମଧ୍ୟ ଫିଲ୍ମରେ ରହିଛନ୍ତି। ଏଥିରେ ଅର୍ଜୁନ କପୁର ପୋଲିସ କନଷ୍ଟେବଲ ହୋଇଥିବାବେଳେ କୋଙ୍କଣା ସେନ ଶର୍ମା ଜଣେ ମାଓବାଦୀ, ରାଧିକ ମଦାନ ଜଣେ କଲେଜ ଛାତ୍ରୀ ଭୂମିକାରେ ନଜର ଆସିବେ। 'କୁତ୍ତେ'ର ଅଧିକାଂଶ ଭାଗ ଶୁଟିଂ ଶେଷ ହୋଇଛି।

## ସଂକ୍ଷେପରେ

### ୫ ପଞ୍ଚାୟତ ଅଫିସରେ ତାଲା ପକାଇଲେ ଆଦିବାସୀ

ଦେଓଗାଁ,୧୫।୧(ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୫ଟି ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ବ୍ଲକ ଆଦିବାସୀ ସଂଘ ତାଲାବନ୍ଦ ଆନ୍ଦୋଳନ କରିଛି। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ନେତୃତ୍ୱରେ ଲଣ୍ଡାପଥର, ଧଣ୍ଡାମାଲ, ବ୍ରାହ୍ମଣୀଯୋର, ବନ୍ଧପଡା ଓ ଅର୍ଜୁନପୁର ପଞ୍ଚାୟତର ଶତାଧିକ ଆଦିବାସୀ ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ଆଦିବାସୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ପରେ ପଞ୍ଚାୟତ ମୁଖ୍ୟଗେଟରେ ତାଲା ପକାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ପୁରନ୍ଦର ଭୋଇ, ଜିଲା ସଂଘ ସଭ୍ୟ ମହେନ୍ଦ୍ର ମଲ୍ଲିକ, ବନ୍ଧପଡା ଜୋନ ସଭାପତି ନାଭିଦତ୍ତ ଧରୁଆ, ଗୌରଗୋଠ ପଞ୍ଚାୟତ ସଭାପତି ହରିଶ୍ଚନ୍ଦ୍ର ଭୋଇ, ସହଦେବ କୁମୁରା, ଗଣ୍ଡାରାମ ମାଝୀ, ନବୀନ କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଡିଓ ମୂରଲୀଧର ନାଏକ ପଞ୍ଚାୟତ ଅଫିସରେ ତାଲା ପକା ଯାଉଥିବାରୁ ପଞ୍ଚାୟତ ନିର୍ବାଚନରେ ବାଧା ଉପୁଜୁଥିବା କହିଛନ୍ତି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଓଗାଁ ଥାନାଧିକାରୀ, ଉପଜିଲାପାଳ ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି।

### ୧୨ଟନ୍ ଗୋମାଂସ ଜବତ

■କଣ୍ଟେନର ଜବତ, ଚାଳକ ଗିରଫ
■କୋଲକାତାରୁ ଆନ୍ଧ୍ରକୁ ହେଉଥିଲା ଚାଲାଣ

ଖୋର୍ଦ୍ଧା ଅଫିସ,୧୫।୧: ଗୋଚାଲାଣ ପରେ ଗୋମାଂସ ଚାଲାଣ ବଢ଼ିଚାଲିଛି। ୧୬ନମ୍ବର ଜାତୀୟ ରାଜପଥରେ ଦୈନିକ ଶହ ଶହ କଣ୍ଟେନରରେ ଗୋମାଂସ ଚାଲାଣ ହେଉଛି। କୋଲକାତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଗୋମାଂସ ଭର୍ତ୍ତି ଏକ କଣ୍ଟେନରକୁ ଧରି ଶନିବାର ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ କର୍ମକର୍ତ୍ତା ଖୋର୍ଦ୍ଧା ଟାଉନ ପୋଲିସ ଜିମା ଦେଇଥିଲେ। ପୋଲିସ କଣ୍ଟେନର(ଏପି୩୯ ୟୁ ୬୬୬୬) ବୋଝେଇ ଗୋମାଂସ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମାଲଦା ଜିଲା ଅନ୍ତର୍ଗତ ଭେଜପୁର ଗ୍ରାମର ହରୁନ ଅଲ୍ଲୀ(୩୫)। ଜବତ ଗୋମାଂସ ୧୨ଟନରୁ ଉର୍ଦ୍ଧ୍ୱ ହେବ। ବଜରଙ୍ଗ ଦଳର ରାଧାମୋହନ ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୨୭/୨୨)ରୁଜୁ ହୋଇଛି। ଜବତ ମାଂସର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏଥିସହ ଗୋମାଂସକୁ ମାଟିରେ ପୋତି ଦିଆଯାଇଛି। ଏ ସମ୍ପର୍କରେ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି, କଣ୍ଟେନର ଚାଳକଙ୍କୁ ପଚରାଉଚୁରା ବେଳେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। କୋଲକାତାରୁ ଗୋମାଂସ ସଂଗ୍ରହ କରି ବ୍ରହ୍ମପୁର ଆଡକୁ ଯାଉଥିବା କହିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା ବୋଲି ସେ କହିଛନ୍ତି।

### ଅନ୍ୟ ଯୁବତୀଙ୍କୁ ନେଇ ପଳାଇଥିବା ଯୁବକ ଗିରଫ

ଡୁଙ୍ଗୁରିପାଲି,୧୫।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ କପାସିର ଗ୍ରାମର ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଛାଡି ଅନ୍ୟ ଜଣେ ଯୁବତୀଙ୍କୁ ନେଇ ପଳାଇବା ମହଙ୍ଗା ପଡିଛି। ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ସନ୍ତୋଷ ନାଗଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ଲକ୍ଷ୍ମୀଧର ପାତ୍ର କହିଛନ୍ତି। କୁଡ଼ାରିକଟା ଗାଁର ଜଣେ ମହିଳା ତାଙ୍କ ଛୋଟ ପିଲା ସହ ଏକୁଟିଆ ରହୁଥିଲେ। ସ୍ୱାମୀ ତାମିଲନାଡୁରେ କାମ କରୁଥିଲେ। ଏହାର ସୁଯୋଗ ନେଇ ସନ୍ତୋଷଙ୍କ ସହ ତାଙ୍କର ସମ୍ପର୍କ ବଢ଼ି ଯାଇଥଲା। ଗତ ୧୦ତାରିଖ ରାତିରେ ଉଭୟେ ଫେରାର ହୋଇ ଯାଇଥିଲେ। ସନ୍ତୋଷଙ୍କ ସ୍ତ୍ରୀ ଡୁଙ୍ଗୁରିପାଲି ଥାନା ପୋଲିସକୁ ଜଣାଇଥିଲେ। ତାଙ୍କୁ ଅଧିକ ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରି ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା। ଦଫା ୪୯୮, ୨୯୪. ୩୨୩, ୫୦୬, ଆଇପିସି ୪ଡିପିରେ ଏକ ମାମଲା(୧୪/୨୨) ରୁଜୁ ହୋଇଛି।

# ଉତ୍ତ୍ୟକ୍ତ ଲୋକଙ୍କ ୪ ଘଣ୍ଟା ରାସ୍ତା ଅବରୋଧ



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବାଉଁଶୁଣୀ,୧୫।୧(ଡି.ଏନ.ଏ.)

**ଦୁର୍ଘଟଣାରେ ମହିଳା ମୃତ**

ବୌଦ୍ଧ ଜିଲା ୫୭ନଂ ଜାତୀୟ ରାଜପଥର ମନୁମୁଣ୍ଡା ଥାନା ଗୁଡୁଗୁଡା ସାନନାଲିଆ ପୋଲ ନିକଟରେ ଏକ କାର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ଟାୟାର ଜାଳି ୪ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ଖଲିଆପାଲି ପଞ୍ଚାୟତ ପୁଡୁପଥର ଗ୍ରାମର ସଚିନ୍ଦ୍ର କୁମ୍ଭାର (୫୫) ଓ ତାଙ୍କ ସ୍ତ୍ରୀ ନୂଆଦେଇ (୫୦) ଏକ ସାଇକେଲ ଯୋଗେ ଦହ୍ୟା ବଜାରରୁ ନିଜ ଗ୍ରାମକୁ ଯାଉଥିଲେ। ଏହି ସମୟରେ ସୋନପୁରରୁ ଫୁଲବାଣୀ ଅଭିମୁଖେ ଯାଉଥିବା ଏକ କାର ପଛପଟୁ ଧକ୍କା ଦେଇଥିଲା। ଫଳରେ ନୂଆଦେଇଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଦମକଳବାହିନୀ ପହଞ୍ଚି ଆହତ ସଚିନ୍ଦ୍ରଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ତେବେ ଦୁର୍ଘଟଣା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ମନମୁଣ୍ଡା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଦୁର୍ଘଟଣା ଘଟାଇଥିବା କାର ( ନଂ ଓଆର୦୨ବିଏଚ ୮୧୪୫ ) କୁ ଜବତ କରିଥିଲା। ମନମୁଣ୍ଡା ଆର୍ ଆଇ ଦିଲୀପ ପାଣିଗ୍ରାହୀ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ ହଜାର ଟଙ୍କା ଦେଇଥିଲେ। ପରେ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ସାମାଜିକ କର୍ମୀ ବାଳମୁକୁନ୍ଦ ମେହେର, ଖଲିଆପାଲି ସରପଞ୍ଚ ଶେଷଦେବ ମୁଦୁଲି ପହଞ୍ଚି କାର ମାଲିକଙ୍କ ସହ କଥାବାର୍ତ୍ତା ହୋଇ ୭୦,୦୦୦ ଟଙ୍କା ମୃତା ମହିଳାଙ୍କ ପରିବାରକୁ ଦେବାର ବ୍ୟବସ୍ଥା ଦେଇଥିଲେ। ଏହାପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଅତାବିରା ତହସିଲ ଅଞ୍ଚଳରେ ବଢୁଛି ବାଲି ଚୋରାଚାଲାଣ

କାମଟିକ୍ରା,୧୫।୧(ଡି.ଏନ.ଏ)

ଅତାବିରା ତହସିଲ ଅଧୀନରେ ଥିବା ଝାଉଁ ନଦୀରୁ ବାଲି ଚୋରାଚାଲାଣ ନିତିଦିନିଆ ଘଟଣା ହୋଇଛି। ଲରମ୍ଭା ଝାଉଁ ନଦୀ ବାଲିଘାଟରୁ ପ୍ରତିଦିନ ଗୋଡଭଗା ଦେଇ ଗୋଶାଳା, ଚିପିଲିମା ଅଞ୍ଚଳକୁ ବାଲି ଚୋରାଚାଲାଣ ହେଉଛି। ଏଠାରେ ଟାମ୍ପରସରା, ଲରମ୍ଭା ଓ ଦୁଲମପୁର ଆରଆଇ ସର୍କଲ ରହିଥିଲେ ମଧ୍ୟ ବାଲି ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ଅନ୍ୟପକ୍ଷେ ରାସ୍ତା ଧୂଳିମୟ ହେବା ସହ ଗାଡିଗୁଡିକ କ୍ଷୀପ୍ରଗତିରେ ଯାଉଥିବାରୁ ଅନେକ ସମୟରେ ଧନଜୀବନ ନଷ୍ଟ ହେଉଛି। ସୂଚନାଯୋଗ୍ୟ, ଉକ୍ତ ତହସିଲ ଅଧୀନ ୬ଟି ବାଲିଘାଟ ମଧ୍ୟରେ ଗୋଟିଏ ମାତ୍ର ନିଲାମ ହୋଇଛି। ଅନ୍ୟ ବାଲିଘାଟରୁ ବେଆଇନ ଭାବେ ବାଲି ଚୋରାଚାଲଣ ଚାଲିଛି। ଏ ସମ୍ପର୍କରେ ଅତାବିରା ତହସିଲଦାର ସୌଭାଗ୍ୟ ବେହେରାକୁ ପଚାରିବାରୁ କେବଳ ଚକୁଳି ବାଲିଘାଟ ନିଲାମ ହୋଇଛି। ଅନ୍ୟ ବାଲିଘାଟ ଗୁଡିକ ଖୁବ୍‌ଶୀଘ୍ର ନିଲାମ ହେବ ବୋଲି ସେ କହିଥିଲେ।

## ବୌଦ୍ଧ ଜିଲା: ୧୯୦ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଘୋଷଣା କଲେ ଜିଲାପାଳ

ବୌଦ୍ଧ,୧୫।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ୧୯୦ଟି ଗ୍ରାମକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ବାଲ୍ୟ ବିବାହ ମୁକ୍ତ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତାରେ ଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଆକ୍ସନ ଏଡ ଜିଲା ପରାମର୍ଶଦାତ୍ରୀ, ତିନୋଟି ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର ଏବଂ ଅଙ୍ଗନୱାଡ଼ି କର୍ମୀ ଓ ଜିଲା ପ୍ରଶାସନର ଅଧିକାରୀଙ୍କ ଅବଦାନ ରହିଛି। ମିଳିଥିବା ସୂଚନା ମୁତାବକ, ୨୦୨୦ରେ ୧୦ଟି ଗ୍ରାମ, ୨୦୨୧ରେ ୧୭୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଥିବା ବେଳେ ୨୦୨୨ ର ପ୍ରାରମ୍ଭରେ ୧୯୦ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ଜିଲାରେ ସର୍ବମୋଟ ୩୭୧ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଥିବା ବେଳେ ଖୁବଶୀଘ୍ର ଜିଲା ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ହୋଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଡିସେମ୍ବର ୨୪ ତାରିଖରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସାରା ଜିଲାରେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲାସ୍ତର ପର୍ଯ୍ୟନ୍ତ ଏକା ସାଙ୍ଗରେ ପାଳିତ ହୋଇଥିଲା। ଏହାଛଡା ଜିଲାରେ ବିଭିନ୍ନ ସମୟରେ ଏପରି କି ଜିଲା ପ୍ରତିଷ୍ଠା ଦିବସ, ସଂଗ୍ରହାଳୟର ବାର୍ଷିକ ଉତ୍ସବ ଓ ବିଭିନ୍ନ ଉତ୍ସବ ପାଳନ ସମୟରେ ସାଧାରଣ ନାଗରିକ,ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଲ୍ୟ ବିବାହ ନିଷେଧ ପାଇଁ ଶପଥ ପାଠ କରାଯାଇଥିଲା।

## ପ୍ରେମୀଯୁଗଳଙ୍କ ମୃତଦେହ ଜବତ

ଅମ୍ବାଭୋନା,୧୫।୧(ଡି.ଏନ.ଏ)

**୩ଦିନ ତଳେ ନିଖୋଜ ଥିଲେ**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଡୁଙ୍ଗୁରୀ ଦେଉଁଆଁ ପାହାଡ଼ର ମାତାବନ୍ଧ ନିକଟସ୍ଥ ଏକ ଗଛରୁ ଶନିବାର ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକମାନେ ହେଲେ ଡୁଙ୍ଗୁରୀ ଗ୍ରାମର ପାଣ୍ଡବ ବାଗ(୪୫) ଓ ସୁବାଶିନୀ ମେହେର(୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଅମ୍ବାଭୋନା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁ କରି ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ସୁବାଶିନୀଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ପାଣ୍ଡବଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଗତ ୩ଦିନ ତଳେ ଉଭୟେ ଘରୁ ଅନ୍ୟତ୍ର ଚାଲିଯାଇଥିଲେ। ଶନିବାର ଗ୍ରାମଠାରୁ ପ୍ରାୟ ୫କି.ମି ଦୂର ମାତାବନ୍ଧ ନିକଟସ୍ଥ ଏକ ଗଛରୁ ଉଭୟଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

## ଭୀମ ଭୋଇ ମେଡିକାଲ କଲେଜରେ ବଲାଙ୍ଗୀର ଛାତ୍ରଙ୍କୁ ସଂରକ୍ଷଣ ଦିଅ

ବଲାଙ୍ଗୀର ଅଫିସ,୧୫।୧

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନରସିଂହ**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ନାମଲେଖା ପାଇଁ ବଲାଙ୍ଗୀର ଜିଲା ଛାତ୍ରମାନଙ୍କୁ ୭୦ ପ୍ରତିଶତ ସଂରକ୍ଷଣ ଦିଅ। ଏହିଭଳି ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ନରସିଂହ ମିଶ୍ର ଏକ ଚିଠି ମାଧ୍ୟମରେ ଦାବି କରିଛନ୍ତି। ପ୍ରଦତ୍ତ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ଯେ, ବଲାଙ୍ଗୀର ଜିଲା ଅନେକ ଦିନରୁ ଅବହେଳାର ଶିକାର ହୋଇଛି। ଅର୍ଥନୈତିକ, ସାମାଜିକ ଦୃଷ୍ଟିରୁ ଦେଖାଗଲେ ଏହି ଜିଲା ଅନ୍ୟ ଜିଲା ତୁଳନାରେ ପଛରେ ରହିଛି। ଏଠାରେ କୌଣସି ବୈଷୟିକ ଶିକ୍ଷା ବା କର୍ମନିଯୁକ୍ତି ତାଲିମ ଅନୁଷ୍ଠାନ ନାହିଁ। ଏହାକୁ ଆଖି ଆଗରେ ରଖି ୧୯୯୯ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ବଲାଙ୍ଗୀରରେ ଏହି ମେଡିକାଲ କଲେଜର କାମ ଆରମ୍ଭ କରାଯାଇଥିଲା। ସେତେବେଳେ ଉକ୍ତ ମେଡିକାଲ କଲେଜ ପାଇଁ ପରିଷଦ ଅଞ୍ଚଳରେ ଥିବା ଜିଲା ମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ସଂରକ୍ଷଣ ଦେବା ନେଇ ନିଷ୍ପତ୍ତି ନିଆ ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କଲେଜର ନିର୍ମାଣ ଦାୟିତ୍ୱ ସରକାର ନେଇଥିବାରୁ ସଂରକ୍ଷଣ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିନାହିଁ। ବଲାଙ୍ଗୀର ଜିଲା ସମେତ ପଶ୍ଚିମ ଓଡିଶାର ପ୍ରାୟତଃ ଜିଲାରେ ଚିକିତ୍ସା ବ୍ୟବସ୍ଥା ସେତେଟା ଉତ୍ସାହଜନକ ନୁହେଁ। ଏଠାରେ ଡାକ୍ତର ସଂଖ୍ୟା ମଧ୍ୟ ବହୁତ କମ। ତେଣୁ ଏହି ଅଞ୍ଚଳରୁ ଡାକ୍ତର ସୃଷ୍ଟି କରିବା ପାଇଁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜରେ ନାମଲେଖା ସମୟରେ ଜିଲାର ଛାତ୍ରମାନଙ୍କୁ ୭୦ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି ଜଣାଇଛନ୍ତି।

## ୨୬ ଜଣଙ୍କ ନାଁରେ ଜାମିନ ବିହୀନ ପରୱାନା

ଦେଓଗାଁ ,୧୫।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଓ ବନ୍ଧପଡା ଫାଣ୍ଡି ଅଞ୍ଚଳର ବିଭିନ୍ନ ମାମଲାରେ ୨୬ ଜଣଙ୍କ ନାଁରେ କୋର୍ଟ ନିର୍ଦ୍ଦେଶ କ୍ରମେ ୨୬ଜଣଙ୍କ ନାଁରେ ଜାମିନ ବିହୀନ ପରୱାନା ଜାରି ହୋଇଛି। ଏନେଇ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ଅଭିଯୁକ୍ତମାନଙ୍କ ତାଲିକା କରି କାନ୍ଥଗୁଡିକରେ ମରାଯାଇଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପାଖେଇ ଆସିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶୁଣିବାକୁ ମିଳୁଛି।

# ବଢ଼ିଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା

ବୌଦ୍ଧ,୧୫।୧(ସ୍ୱ.ପ୍ର)

**ଜିଲାପାଳ, ଅନ୍ୟ ଅଧିକାରୀ ନେଲେ ବୁଷ୍ଟର ଡୋଜ**



ବୌଦ୍ଧ ଜିଲାରେ କୋଭିଡ୍ ସଂକ୍ରମଣ ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଇ ଚାଲିଛି। ଏହା ଗୋଷ୍ଠୀ ସଂକ୍ରମଣ ଆଡକୁ ମୁହାଁଇବାରେ ଲାଗିଛି। ଶୁକ୍ରବାର ଜିଲାରେ ସର୍ବାଧିକ ୨୪ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତୃତୀୟ ଲହରରେ ଏପର୍ଯ୍ୟନ୍ତ ଜିଲାରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୯୮ରେ ପହଞ୍ଚିଛି। ତେଣୁ ଜିଲାରେ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହିତ ସମ୍ମୁଖ ଯୋଦ୍ଧା ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ତହସିଲଦାର ଅବିନାଶ ପାଣ୍ଡିଆ, ସହକାରୀ ଜିଲାପାଳ ଅବନୀକାନ୍ତ ସାହୁଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ବୁଷ୍ଟର ଡୋଜ ପ୍ରଦାନ କରାଯାଇଛି। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୁଣି ଥରେ କୋଭିଡ୍ କଟକଣାକୁ କଡାକଡି କରାଯାଇଛି। ମକରସଂକ୍ରାନ୍ତି ଅବସରରେ ମନ୍ଦିରଗୁଡିକରେ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ସମସ୍ତ ମନ୍ଦିରକୁ ସିଲ୍ କରାଯାଇଥିଲା। ଭକ୍ତମାନଙ୍କୁ ମନ୍ଦିର ସମ୍ମୁଖରେ ଭିଡ ନ ଜମାଇବାକୁ ବାରମ୍ବାର ପୋଲିସ ପକ୍ଷରୁ ତାଗିଦ କରାଯାଇଥିଲା।

# ଟାଏକୋଣ୍ଡୋ ଚାମ୍ପିୟନଶିପ ଉଦ୍‌ଘାଟିତ

ଅମରପାଲି,୧୫।୧(ଡି.ଏନ.ଏ)




ଉଦ୍‌ଘାଟନୀ ଦିବସ ପ୍ରତିଯୋଗିତାର ଏକ ଦୃଶ୍ୟ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଓଡିଶା ୱେଷ୍ଟଜୋନ ଟାଏକୋଣ୍ଡୋ ଚାମ୍ପିୟନଶିପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ଟାଏକୋଣ୍ଡୋ ସଂଘ ଓ ଜିଲା ଟାଏକୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଅଧ୍ୟକ୍ଷତା କରିଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାଯ୍ରକ୍ରମରେ ଓଡିଶା ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ ରଥ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ବାଘ ମୁଖ୍ୟବକ୍ତା ଏବଂ ଓଡିଶା ଟାଇକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ,ଉପସଭାପତି ଡ.ମନୋଜ ବାଦୀ, ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା, ସତ୍ୟବାନ ପୁରୋହିତ, ଶେଷଦେବ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲା ସଂଘ ସମ୍ପାଦକ ଏହେସାସ ହୋତା ଅତିଥି ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଠିନ ଅଭ୍ୟାସ ଓ ଅବିରତ ପ୍ରଚେଷ୍ଟା ବଳରେ କ୍ରୀଡାବିତଙ୍କୁ ସଫଳତା ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଚାମ୍ପିୟନଶିପରେ ସୁବର୍ଣ୍ଣପୁର, ଝାରସୁଗୁଡା, ବଲାଙ୍ଗୀର, ବରଗଡ, ସୁନ୍ଦରଗଡ ଓ ସମ୍ବଲପୁର ଜିଲରୁ ପ୍ରାୟ ୨୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଟାଏକୋଣ୍ଡୋ ଖିରୋଗୀ, ପୁମସେ, ପେଆର ପୁମସେ ଓ ଗ୍ରୁପ ପୁମସେ ଆଦି ବିଭାଗରେ ଖେଳ ହୋଇଥିଲା। ପ୍ରାୟ ୧୦ଜଣ ଓଟିଏ ଜାତୀୟସ୍ତରୀୟ ରେଫରୀ ଖେଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବାସୁଦେବ ପଣ୍ଡା, ଯୁଗଳ କିଶୋର ମିଶ୍ର, ସତ୍ୟବ୍ରତ ପଧାନ, ନିଳକମଳ ମିଶ୍ର, ପୀତାମ୍ବର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ରଦେଇ ପୁରସ୍କୃତ କରିଥିଲେ। ରବିବାର ବାକି ବିଭାଗର ପ୍ରତିଯୋଗୀତା ସହ ଏହାର ଉଦଯାପନୀ ଉତ୍ସବ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଜାନୁୟାରୀ, ୨୦୨୨



## ଆଜି କ'ଣ କେଉଁଠି

- ସାହିତ୍ୟିକ ମଙ୍ଗଲୁ ଚରଣ ବିଶ୍ୱାଳଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### କୁକୁର ଆକ୍ରମଣରେ ହରିଣ ମୃତ

**ରେଢାଖୋଲ,୧୫।୧(ଡି.ଏନ.ଏ.):** ରେଢାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧୀନ ବଡମାଳ ଗ୍ରାମ ନିକଟକୁ ଶୁକ୍ରବାର ଏକ ହରିଣ ଚାଲିଆସିଥିବା ବେଳେ କୁକୁର ଆକ୍ରମଣରେ ମୃତ୍ୟୁବରଣ କରିଛି। ସୂଚନା ଅନୁଯାୟୀ ଗ୍ରାମ ନିକଟକୁ ଆସିଥିବା ହରିଣକୁ କୁକୁର କାମୁଡି ଗୁରୁତର କରିଥିବା ଖବରପାଇ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ଫରେଷ୍ଟର ଶ୍ରୀବତ୍ସ କିସାନ ପ୍ରମୁଖ ପହଞ୍ଚିଥିଲେ। ସେମାନେ ହରିଣକୁ ଉଦ୍ଧାର କରି ଚିକିତ୍ସାପାଇଁ ରେଢାଖୋଲ ପ୍ରାଣି ଚିକିତ୍ସାକେନ୍ଦ୍ରକୁ ଆଣିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହରିଣର ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ବଡମାଳ ରେଞ୍ଜ କାର୍ଯ୍ୟାଳୟରେ ପୋତି ଦିଆଯାଇଛି।

### ବଡ଼ଗାଁରେ ୫୧ ପଜିଟିଭ

**ବଡଗାଁ,୧୫।୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଶନିବାର ବ୍ଲକ ଅଞ୍ଚଳରେ ମୋଟ ୫୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଡ଼ଗାଁରେ ୩୬,ଏକମାରେ ୧୧ ଓ ଜରଙ୍ଗଲୋଇରେ ୪ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

### ୩୫ କରୋନା ଆକ୍ରାନ୍ତ ଚିହ୍ନଟ

**ଲହୁଣୀପଡ଼ା,୧୫।୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶନିବାର ୬୭ ଜଣଙ୍କ କରୋନା ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାରେ ୩୫ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି ।

### ଏସ୍‌ୟୁସିଆଇର ପ୍ରତିବାଦ ସଭା

**ରାଉରକେଲା ଅଫିସ,୧୫।୧:** ଜଗତସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଢ଼ିଙ୍କିଆ ପଞ୍ଚାୟତରେ ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରି ସ୍ଥାନୀୟ ଲୋକେ ୨ ମାସ ହେଲା ଆନ୍ଦୋଳନ ଚଳାଇଥିବା ବେଳେ ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରି ଲହୁଲୁହାଣ କରିଛି। ପୋଲିସର ଏଭଳି ଅମାନବୀୟ ଓ ବର୍ବରୋଚିତ ଅତ୍ୟାଚାର ବିରୋଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ଶନିବାର ରାଜ୍ୟବ୍ୟାପୀ ପ୍ରତିବାଦ କରିଛି। ଏହି ପରିପ୍ରେକ୍ଷୀରେ ଏସୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ସନ୍ଧ୍ୟାରେ ବିଶ୍ରା ଛକରେ ଜିଲା ସମ୍ପାଦକ ଅଜିତ ନାୟକଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯାଇଥିଲା। ଜିଲା କମିଟି ସଦସ୍ୟ ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ସୁବାସ ଦଣ୍ଡପାଟ, ବିଜୟ ସାହୁ, ଶେଖ ଇସଲାମ ପ୍ରମୁଖ ଯୋଗ ଦେଇଥିଲେ।

### ଖଣ୍ଡାଧାରରେ ମହିମା ମେଳା

**ଲହୁଣୀପଡ଼ା,୧୫।୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ଖଣ୍ଡାଧାର ଜଳପ୍ରପାତ ପରିସରରେ ମକର ସଂକ୍ରାନ୍ତି ଅବସରରେ କରୋନା କଟକଣା ଅନୁଯାୟୀ ମହିମା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳସ୍ଥିତ ଯୋରନ୍ଦା ମହିମା ଗାଦିର ବଣେଇ ବାମଣ୍ଡା ଆଞ୍ଚଳିକ ପରିବ୍ରାଜକ ସନ୍ୟାସୀ ବାବା ଶେଷଦେବ ଦାସ ପୌରୋହିତ୍ୟ କରିଥିଲେ। ଚଳିତବର୍ଷ ଏହି ମହିମା ମେଳା ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି କରାଯାଇଥିଲା। ଏହି ମେଳାରେ ମହିମା ଧର୍ମୀ ସାଧୁସନ୍ଥମାନେ ଯୋଗଦେଇ ଆନୁଷ୍ଠାନିକ ଭାବେ ଅଖଣ୍ଡବତୀ ଓ ଧୁନୀ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁକଦେବ ଦାସ, ରାଜକୁମାର ଜୟସଲ,ପରମାନନ୍ଦ, ମଦନ, ଇନ୍ଦ୍ରଜିତ, ଟଙ୍କଧର, ଅଭିମନ୍ୟୁ, କାର୍ତ୍ତିକ, ବିରଞ୍ଚି ପ୍ରମୁଖ ପରିଚାଳନା କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ସମ୍ବଲପୁର,୧୫।୧(ବ୍ୟୁରୋ):** ଗଙ୍ଗାଧର ମେହେର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାକ୍ତନ ପ୍ରାଧାପକ ତୀର୍ଥବାସୀ ସୁଶାରୀଙ୍କ ପରଲୋକରେ ସମ୍ବଲପୁର ଭାରତ ବିକାଶ ପରିଷଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଅବସର ନେବା ପରେ ମଧ ସେ ଶିକ୍ଷାଦାନରୁ ନିଜକୁ ଦୂରେଇ ରଖି ନ ଥିଲେ। ସେ ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ସମ୍ବଲପୁରବାସୀ ଜଣେ ଶିକ୍ଷାବିତ୍‌ଙ୍କୁ ହରାଇଲେ ବୋଲି ପରିଷଦ ସଭାପତି ବେଣୁମାଧବ ପଣ୍ଡା ପ୍ରକାଶ କରିଛନ୍ତି।

# ହତ୍ୟା ମାମଲା ଚପାଇ ଦିଆଯାଉଛି

**ସମ୍ବଲପୁର,୧୫।୧(ବ୍ୟୁରୋ)**

ଏକ ହତ୍ୟା ମାମଲାକୁ ବରଗଡ଼ ଟାଉନ ଥାନା ପୋଲିସ ଚପାଇ ଦେଉଥିବା ନେଇ ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କ ନିକଟରେ ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲା ଗୁମାଡେରାର ମୃତ ସଞ୍ଜୟ ରାୟଙ୍କ ସ୍ତ୍ରୀ ସଞ୍ଜୁ ଶନିବାର ଏ ନେଇ ଲିଖିତ ଅଭିଯୋଗ କରି ହତ୍ୟାକାରୀଙ୍କୁ ଗିରଫ ଦାବି କରିଛନ୍ତି।

ଅଭିଯୋଗକ୍ରମେ ଡିସେମ୍ବର ୧୬ ତାରିଖ ଗୁମାଡେରା ନିକଟ ଅଞ୍ଚଳର ଶୁଭ୍ରାନ୍ତ ଭୋଇ ସଞ୍ଜୟଙ୍କୁ ରାୟପୁର ଯିବାକୁ ଘରୁ ଡାକିଥିଲେ। ଶୁଭ୍ରାନ୍ତ ଓ ତାଙ୍କ ପରିବାରବର୍ଗଙ୍କୁ ନେଇ ସଞ୍ଜୟ କାର୍ (ଓଡି୧୫-ସି-୯୧୯୨)ରେ ରାୟପୁର ଯାଇଥିଲେ। ୧୮ ତାରିଖ ସନ୍ଧ୍ୟାରେ ଶେଷଥର ପାଇଁ ସେ ଫୋନରେ କଥା ହୋଇଥିଲେ। ବରଗଡ ପହଞ୍ଚିଯାଇଛୁ



ଡିଆଇଜି ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟ ।

ରାତି ସୁଦ୍ଧା ଘରେ ପହଞ୍ଚିଯିବୁ ବୋଲି କହିଥିଲେ। ରାତି ୮ଟାରେ ଘରେ ନ ପହଞ୍ଚିବାରୁ ସେ ଫୋନ କରିଥିଲେ। ରିଙ୍ଗ୍ ହେବା ସତ୍ତ୍ୱେ କେହି ଫୋନ ରିସିଭ କରି ନ ଥିଲେ। ଗାଡି ମାଲିକଙ୍କ ପରିବାର ସହ ଯୋଗାଯୋଗ କରିବାରୁ ସେମାନେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ସଞ୍ଜୟ ଗାଡି ଛାଡି କୁଆଡେ ପଳାଇ ଯାଇଥିବା କହିଥିଲେ। ପରଦିନ ସକାଳେ ସଞ୍ଜୟଙ୍କ ମୃତଦେହ ବରଗଡ ଜିଲା ପାନିଛତର ନିକଟ ବ୍ରିଜ ତଳେ ପଡିଥିବା ଖବର ମିଳିଥିଲା। ସେଠାରେ ପହଞ୍ଚି ଦେଖିଲା ବେଳକୁ ତାଙ୍କ ମୁଣ୍ଡ, ମୁହଁ ଓ ପେଟରେ ଆଘାତ ରହିଥିଲା। ତାଙ୍କୁ

### ଆଇଜିଙ୍କୁ ଅଭିଯୋଗ କଲେ ମୃତକଙ୍କ ସ୍ତ୍ରୀ

ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲୁ। ପୋଲିସ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ଅପେକ୍ଷା କରିବାକୁ କହିଥିଲେ। ଘଟଣାକୁ ଏକମାସ ବିତିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସଞ୍ଜୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ପାଇଁ ବ୍ରିଜ ତଳେ ଫିଙ୍ଗି ଦିଆଯାଇଛି। ଏଭଳି ସ୍ପର୍ଶକାତର ଘଟଣାକୁ ପୋଲିସ ଚାପିଦେବାକୁ ଉଦ୍ୟମ କରୁଛି। ବିଧିବଦ୍ଧ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସଞ୍ଜୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆଇଜି କାର୍ଯ୍ୟାଳୟରୁ ଏହି ମାମଲାକୁ ଗୁରୁତର ସହ ନେବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

## ନେଗେଟିଭ୍ ଚରିତ୍ରରେ ତବୁ



**ମୁମ୍ବାଇ:** କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ଯାଇଥିବା ବଲିଉଡ୍ ନାୟିକା ତବୁ ଏଥର ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଆସମାନ ଭରଦ୍ୱାଜଙ୍କ ଅପ୍‌କମିଂ ଫିଲ୍ମ 'କୁତ୍ତେ'ରେ ତବୁ ନେଗେଟିଭ୍ ରୋଲ୍ କରିବେ ବୋଲି ଜଣାପଡ଼ିଛି। ତାଙ୍କୁ ଜଣେ ଦୁର୍ନୀତିଖୋର କନଷ୍ଟେବଲ କ୍ୟାରେକ୍ଟରରେ ଦେଖିବାକୁ ମିଳିବ। ତବୁଙ୍କ ବ୍ୟତୀତ ଅର୍ଜୁନ କପୁର, କୋଙ୍କଣା ସେନ ଶର୍ମା ଓ ରାଧିକା ମଦାନ ମଧ ଫିଲ୍ମରେ ରହିଛନ୍ତି। ଏଥିରେ ଅର୍ଜୁନ କପୁର ପୋଲିସ କନଷ୍ଟେବଲ ହୋଇଥିବାବେଳେ କୋଙ୍କଣା ସେନ ଶର୍ମା ଜଣେ ମାଓବାଦୀ, ରାଧିକ ମଦାନ ଜଣେ କଲେଜ ଛାତ୍ରୀ ଭୂମିକାରେ ନଜର ଆସିବେ। 'କୁତ୍ତେ'ର ଅଧିକାଂଶ ଭାଗ ଶୁଟିଂ ଶେଷ ହୋଇଛି।

## ୧୦ବର୍ଷ ପରେ ଘରକୁ ଫେରିଲେ ରଞ୍ଜିତ

**କୁଚିଣ୍ଡା,୧୫।୧(ଡି.ଏନ.ଏ.)**



ରଞ୍ଜିତ

ମହୁଲପାଲି ଥାନା ବାଙ୍କେ ପଞ୍ଚାୟତ ଗୋପାଳପାଲି ଗ୍ରାମର ରଞ୍ଜିତ କିସାନ(୨୪) ୧୦ବର୍ଷ ପରେ ଗତ ବୁଧବାର ଘରକୁ ଫେରିଛନ୍ତି। ଦୀର୍ଘବର୍ଷ ପରେ ପୁଅକୁ ପାଇ ପରିବାର ଓ ଗାଁରେ ଆନନ୍ଦର ଲହରି ଖେଳିଯାଇଛି। ୨୦୧୨ ଡିସେମ୍ବର ୧୩ରେ ଗ୍ରାମର ସୁରେନ୍ଦ୍ର କିସାନଙ୍କ ପୁଅ ରଞ୍ଜିତ ବାଙ୍କେ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବାବେଳେ ସ୍କୁଲକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ବି କୌଣସି ସନ୍ଧାନ ପାଇ ନ ଥିଲେ। ପରେ ସେମାନେ ମହୁଲପାଲି ଥାନାରେ ଏକ ନିଖୋଜ ରିପୋର୍ଟ କରିଥିଲେ। କିଛିଦିନ ପରେ ରଞ୍ଜିତ ସୁରଟକୁ କାମ କରିବାକୁ ଚାଲିଯାଇଥିବା ଖବର ମିଳିଥିଲା। ରଞ୍ଜିତ ଘରୁ ଯିବାର ୩ବର୍ଷ ପର୍ଯ୍ୟନ୍ତ ପରିବାର ସହ ସମ୍ପର୍କରେ ରହିଥିଲେ। ମାତ୍ର ସାଙ୍ଗରେ ଯାଇଥିବା ବନ୍ଧୁ ତାଙ୍କୁ ମାରପିଟ କରି ଟଙ୍କାପଇସା ଛଡାଇ ନେବାରୁ ସେ ସେଠାରୁ କୌଶଳ କ୍ରମେ ଲୁଚି ମୁମ୍ବାଇ ପଳାଇଥିଲେ। ପାଖରେ କୌଣସି ପରିଚୟ ପତ୍ର ନ ଥିବାରୁ ସେ ସେଠାରୁ ଫେରି ନ ପାରି କାମଧନ୍ଦା କରି ବଞ୍ଚୁଥିଲେ। ଏପରି ସମୟରେ ମହାରାଷ୍ଟ୍ର ଝାଲୋର ଜିଲା ରାଣିବାଡା ଗ୍ରାମର ରାକେଶ ଚୌହାନଙ୍କୁ ସେ ଘରୁ ଲୁଚି ପଳାଇ ଆସିଥିବା କହିଥିଲେ। ଏହା ଶୁଣିବା ପରେ ରାକେଶ ତାଙ୍କୁ ଘରେ ଛାଡିବାକୁ ସହଯୋଗର ହାତ ବଢାଇଥିଲେ। ଦୁହେଁ ମିଶି ଟ୍ରେନରେ ଝାରସୁଗୁଡା ଆସି ସେଠାରୁ ବସ୍ ଯୋଗେ ଗୋପାଳପାଲି ଆସିଥିଲେ। ଶୁକ୍ରବାର ମହୁଲପାଲି ଥାନା ଅଧିକାରୀ ସୁଶାନ୍ତ ଦାସ ରଞ୍ଜିତଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ବାପା ସୁରେନ୍ଦ୍ର ଓ ମା' ସରସ୍ୱତୀ ୧୦ବର୍ଷ ପରେ ପୁଅକୁ ପାଖରେ ପାଇ ଖୁସିରେ ଆତ୍ମହରା ହୋଇ ପଡିଥିଲେ।

# ଏନଟିପିସି ଦର୍ଲିପାଲି ପ୍ରକଳ୍ପ ପକ୍ଷରୁ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୫।୧ (ଡି.ଏନ୍.ଏ.)**

କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପଠାରେ ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ନମସ୍କାର ଆସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭର୍ଚୁଆଲ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର କର୍ମଚାରୀମାନଙ୍କ ସହ ଚିଫ୍ ଜେନେରାଲ ମ୍ୟାନେଜର ଏକେ ସାମେୟାର, ଅଭିଳାଷା ଲେଡିସ କ୍ଲବର ସଭାନେତ୍ରୀ ମନୀଷା ସାମେୟାର ଭାଗନେଇ କର୍ମଚାରୀମାନଙ୍କୁ ସୁସ୍ଥ ଜୀବନଶୈଳୀ ପାଇଁ ଦୈନନ୍ଦିନ ଏହି ଆସନର ଉପକାରିତା ଉପରେ ଦିଗଦର୍ଶନ ଦେଇଥିଲେ। ଏହାଛଡା ଅଭିଳାଷା ଲେଡିସ କ୍ଲବ ପକ୍ଷରୁ




ଛୋଟିସି ଆଶା କାର୍ଯ୍ୟକ୍ରମ ଅଧୀନରେ ବେଲସରାସ୍ଥିତ ଜୟଶଙ୍କର ଶିଶୁ ସେବାଶ୍ରମର ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

## ସମ୍ବଲପୁର ଆର୍‌ଡିସି ଅଧୀନରେ ବୌଦ୍ଧକୁ ସାମିଲ ଦାବି

**ସମ୍ବଲପୁର,୧୫।୧(ବ୍ୟୁରୋ)**

ଉତ୍ତରାଞ୍ଚଳ ରାଜସ୍ୱ କମିଶନ ସମ୍ବଲପୁରରେ ବୌଦ୍ଧ ଜିଲାକୁ ସାମିଲ କରିବାକୁ ଦାବି ହୋଇଆସୁଛି। ସମ୍ବଲପୁର ଜିଲା ଓକିଲ ସଂଘ ଏହାକୁ ସମର୍ଥନ ଜଣାଇଛି। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି, ପଶ୍ଚିମ ଓଡ଼ିଶା ସହ ବୌଦ୍ଧ ଜିଲାର ଭାଷା, ସଂସ୍କୃତି ଓ ପରମ୍ପରା ଜଡିତ। ହେଲେ ବୌଦ୍ଧ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ଅଧୀନରେ ରହିଛି। ବୌଦ୍ଧଠାରୁ ବ୍ରହ୍ମପୁର ଦୂରତା ପ୍ରାୟ ୨୩୦ କି.ମି. ହେବ। ହେଲେ ସମ୍ବଲପୁର ଉତ୍ତରାଞ୍ଚଳ କମିଶନଙ୍କ କାର୍ଯ୍ୟାଳୟ ମାତ୍ର ୧ ଶହ କି.ମି. ଦୂର। ଜଣେ ବ୍ୟକ୍ତି ସକାଳେ ବୌଦ୍ଧ ଜିଲାରୁ ବାହାରି କାମ ସାରି ସନ୍ଧ୍ୟାରେ ଘରକୁ ଫେରିପାରିବ। ସରକାରଙ୍କ କାର୍ଯ୍ୟରେ ମଧ ସୁବିଧା ହୋଇଯିବ। ସରକାରୀ ସ୍ତରରେ କୌଣସି ବୈଠକ ହେଲେ ଅଧିକାରୀମାନଙ୍କୁ ଆଉ ଏତେ ଦୂର ଯିବାକୁ ପଡିବ ନାହିଁ କିମ୍ବା କାମରେ ମଧ ବିଳମ୍ବ ହେବନାହିଁ। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ଲହୁଣୀପଡ଼ା,୧୫।୧(ଡି.ଏନ.ଏ.)**

୮ ଦିନ ଧରି ନିଖୋଜ ଥିବା ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଞ୍ଚଳର ଜଣେ ଯୁବକଙ୍କ ଗଳିତ ମୃତଦେହ ଶନିବାର ଜବତ ହୋଇଛି। ପ୍ରକାଶ ଯେ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବାରସୁଆଁ ଭୁଇଁଆ ସାହିର ସ୍ୱର୍ଗତ ମାଘୁ ନାୟକଙ୍କ ପୁଅ ଜଗନ (୧୮) ୮ ଦିନ ହେବ ଘରୁ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା । ଶନିବାର ଗାଁ ନିକଟସ୍ଥ ଦମାଲୁ ଜଙ୍ଗଲରେ ଏକ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କଲାପରେ ପରିବାର ଲୋକେ ଏହା ଜଗନଙ୍କର ବୋଲି ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ଜଗନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ ।

# ସୁନ୍ଦରଗଡ଼-ମହିଳା , ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରାଧକ୍ଷ ପଦବୀ ଅଣସଂରକ୍ଷିତ

**ସୁନ୍ଦରଗଡ,୧୫।୧(ଡି.ଏନ୍.ଏ.)**

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ରାଜ୍ୟରେ ବିଭିନ୍ନ ପୌର ପରିଷଦର ପୌରାଧକ୍ଷ ପଦବୀ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ସୁନ୍ଦରଗଡ ଜିଲାର ରାଉରକେଲା ମହାନଗର ନିଗମକୁ ବାଦ ଦେଇ ସୁନ୍ଦରଗଡ ପୌର ପରିଷଦ ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରପରିଷଦ ଅଧକ୍ଷ ପଦ ଅଣସଂରକ୍ଷିତ

### ପ୍ରକାଶ ପାଇଲା ଚିଠା ବିଜ୍ଞପ୍ତି

ରହିଛି। ଏହି ଚିଠା ତାଲିକା ଉପରେ କାହାର କୌଣସି ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଥିଲେ ଆସନ୍ତା ୧୫ଦିନ ମଧରେ କରିପାରିବେ ବୋଲି ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ଚିଠା ତାଲିକା ପ୍ରକାଶ ପରେ ଜିଲାର ଏହି ୩ଟି ପୌରାଞ୍ଚଳରେ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି। ସୁନ୍ଦରଗଡ ପୌର ପରିଷଦ ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାରୁ ଏବେ ଏହି ପଦ ପାଇଁ ଆଶାୟୀ ମହିଳା ପ୍ରାର୍ଥୀଙ୍କ ମଧରେ ଉତ୍ସାହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପଦ ପାଇଁ ଆଶାୟୀ ରହି ଦୀର୍ଘଦିନ ଧରି ନିଜର ସାଂଗଠନିକ କାର୍ଯ୍ୟକ୍ରମ ଜାରି ରଖିଥିବା ପୁରୁଷ ବର୍ଗର ଆଶାୟୀ ପ୍ରାର୍ଥୀଙ୍କ ଉତ୍ସାହରେ ଭଟ୍ଟା ପଡିଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଦଳ ପକ୍ଷରୁ ଏହି ଚିଠା ତାଲିକାକୁ ସ୍ୱାଗତ କରାଯାଇଛି । ପୌରାଧକ୍ଷ ପଦବୀ ପାଇଁ ସବୁ ରାଜନୈତିକ ଦଳରେ ଆଶାୟୀଙ୍କ ତତ୍ପରତା ପ୍ରକାଶ ପାଇଛି।

## କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ଓ ୨୦ଟି ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା ନିମନ୍ତେ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ବାସଭବନରେ ଏକ ବୈଠକ ବସିଥିଲା । ଏଥିରେ କୁଆଁରମୁଣ୍ଡା, ବିଶ୍ରା, ନୂଆଗାଁ ପଞ୍ଚାୟତ ସମିତିକୁ କିପରି କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇ ନିଜ ଦଖଲକୁ ନେବେ ସେ ନେଇ ଜିଲା କଂଗ୍ରେସ ସଭାପତି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି । କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ବ୍ଲକରେ ଥିବା ୨ଟି ଲେଖାଏ କରି ମୋଟ ୬ଟି ଜିଲା ପରିଷଦ ଆସନ ଏଥର କଂଗ୍ରେସ ହାତକୁ ଯିବ ବୋଲି ଜିଲା କଂଗ୍ରେସ ସଭାପତି ତିର୍କୀ ଏହି ଅବସରରେ ଦୃଢୋକ୍ତି ପ୍ରକାଶ କରଥିଲେ । ବୈଠକରେ କୁଆଁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ଜୟଶଙ୍କର ନନ୍ଦ, ସାଜିଦ ଅହମ୍ମଦ,ସାହିଦ ଆଲମ, ଶଶି ସାଗର ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରାଇଭରଙ୍କୁ ଛୁରାମାଡ଼: ୩ ଗିରଫ

**ଦେବଗଡ଼,୧୫।୧(ଡି.ଏନ.ଏ)**

ଦେବଗଡ଼ ଥାନା ଅନ୍ତର୍ଗତ ଚଟି ବରଘାଟ-ତିଳେଇବଣି ୪୯ ନଂ. ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଡ୍ରାଇଭରଙ୍କୁ ଛୁରାମାଡ଼ କରି କାର୍ ଲୁଟ ଉଦ୍ୟମ ହୋଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲା ଡ଼ଙ୍ଗାଘାଟ ଗ୍ରାମର ରିତୁ ପେଣ୍ଠେଇ, ଶଙ୍କର ପେଣ୍ଠେଇ ଏବଂ ଅଶୋକ ମହାକୁଳ। ଅନ୍ୟପକ୍ଷେ ଛୁରାମାଡ଼ରେ ଗୁରୁତର ଡ୍ରାଇଭରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ଦେବଗଡ଼ ଅଞ୍ଚଳର ତିନିଜଣ ଯୁବକ ସମ୍ବଲପୁର ଅଇଁଠାପାଲି ଅଞ୍ଚଳର ପ୍ରେମଚାନ୍ଦ ପ୍ରାସାଦଙ୍କ କାର୍‌କୁ ଭଡ଼ାରେ ସମ୍ବଲପୁରରୁ ଦେବଗଡ଼ ଆଣିଥିଲେ। ବିଳମ୍ବିତ ରାତ୍ରିରେ ଉକ୍ତ ଯୁବକମାନେ ଗାଡିଚାଳକ ରାଜୁ ଖାଁଙ୍କୁ ପିସ୍ତଲ ଦେଖାଇ ଛୁରାମାଡ଼ କରିବା ସହ କାର୍ ଲୁଟ କରିବା ପାଇଁ ଉଦ୍ୟମ କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ପି ରାଜକିଶୋର ପାଇକରାୟଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ଟାସ୍କ ଫୋର୍ସ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଚଢ଼ାଉ କରି ଘଟଣାସ୍ଥଳରୁ ତିନିଜଣ ଲୁଟେରାଙ୍କୁ କାବୁ କରିଥିଲେ।

## କରୋନା ରୋଗୀଙ୍କ ପାଇଁ ହେଲ୍‌ପ ଲାଇନ୍

**ସୁନ୍ଦରଗଡ଼,୧୫।୧ (ଡି.ଏନ୍.ଏ.)**

କୋଭିଡ୍‌ର ତୃତୀୟ ଲହର ବେଳେ ସୁନ୍ଦରଗଡ଼ ଜିଲାରେ କାମ କରୁଥିବା ଦୁଇଟି ହେଲ୍‌ପଲାଇନ୍ କରୋନା ଆକ୍ରାନ୍ତ ଓ ସେମାନଙ୍କର ସମ୍ପର୍କୀୟଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ସହାୟତା ଓ ସୂଚନା ଯୋଗାଇ ଦେଉଛି। ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ଜିଲାରେ ଦୁଇଟି ହେଲ୍‌ପଲାଇନ୍ କାମ କରୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ସୁନ୍ଦରଗଡ଼ ଜିଲା ହେଲ୍‌ପଲାଇନ୍ ଯାହାର ନମ୍ବର ୧୮୦୦ ୩୪୫ ୭୬୬୧ ଏବଂ ୦୧୧ - ୪୧୧ ୮୨ ୧୩୮। ସେହିପରି ରାଉରକେଲା ମହାନଗର ନିଗମ ପକ୍ଷରୁ ଚାଲିଛି ରାଉରକେଲା କୋଭିଡ୍ ହେଲ୍‌ପଲାଇନ୍ ଯାହାର ନମ୍ବର ୧୮୦୦ ୩୪୫ ୭୪୬୮। କୋଭିଡ୍‌ର ଜରୁରୀକାଳୀନ ପରିସ୍ଥିତିରେ ଉପରୋକ୍ତ ଦୁଇଟି ୨୪ ଘଣ୍ଟିଆ ନିଶୁଳ୍କ ହେଲ୍‌ପଲାଇନ୍ ଲୋକଙ୍କୁ ବିଭିନ୍ନ ସୂଚନା ଓ ସ୍ୱାସ୍ଥ୍ୟସେବା ସହାୟତା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ନେଇଛି।

# ସର୍ବସାଧାରଣ ସ୍ଥାନରୁ ହଟିଲା ଦଳୀୟ ପୋଷ୍ଟର

**କୁତ୍ରା,୧୫।୧(ଡି.ଏନ.ଏ.)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ବିଗୁଲ ବାଜିଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ୨ ଜିଲା ପରିଷଦ, ୧୬ ସରପଞ୍ଚ, ସମିତି ସଭ୍ୟ ପଦ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଗାଁ ଗାଁରେ ରାଜନୀତି ଜୋର ଧରିବାରେ ଲାଗିଛି। ଆଚରଣ ବିଧି ଲାଗୁ ହେବା ପରେ କୁତ୍ରା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଦଳୀୟ ବ୍ୟାନର ଓ ପୋଷ୍ଟରକୁ ବ୍ଲକ ପ୍ରଶାସନ ତରଫରୁ ହଟାଇ ଦିଆଯାଇଛି। କୁତ୍ରା ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ,



ପେଟ୍ରୋଲ ପମ୍ପ ପ୍ରଭୃତି ସ୍ଥାନରେ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲଗାଯାଇଥିବା ବ୍ୟାନର ଓ ପୋଷ୍ଟରଗୁଡିକ ହଟାଇ ଦିଆଯାଇଛି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ମିସ୍ତ୍ରିପଡ଼ା ଚାମ୍ପିୟନ

**ସମ୍ବଲପୁର,୧୫।୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୧ନଂ. ୱାର୍ଡ ବରମପୁରା ଖେଳପଡିଆଠାରେ ବାଲୁଙ୍କେଶ୍ୱର ବାବା କ୍ଲବ ଆୟୋଜିତ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ମିସ୍ତ୍ରିପଡ଼ା ଓ ବରମପୁରା ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ରେଫରି ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ ମିସ୍ତ୍ରିପଡ଼ା ଦଳ ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। କୃପାସାଗର ଦୀପ, ନାରେନ ବଘାର, କିରନ ଓରାମ, ଶୁକଦେବ ଓରାମ ମ୍ୟାଚ ପରିଚାଳନା କରିଥିଲେ । ସମ୍ବଲପୁର



ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ ।

ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଜେଡି ରାଜ୍ୟ ଯୁବ ସମ୍ପାଦକ ମନୋଜ କୁମାର ମହାପାତ୍ର, ଜିଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ଉତ୍ତମ ବାଗ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବ ସଭାପତି ଉମେଶ ଓରାମଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା।

# ଢିଙ୍କିଆରେ ଚାପା ଉତ୍ତେଜନା, ଗାଁ ଦାଣ୍ଡ ଖାଁ ଖାଁ

■୬ ଅଭିଯୁକ୍ତ ଗିରଫ

■ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଅନୁଧ୍ୟାନ

■ ଗାଁ ମୁଣ୍ଡ ଜଗିରହିଛି ପୋଲିସ

କୁଜଙ୍ଗ,୧୫।୧ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମ ନିକଟରେ ଶୁକ୍ରବାର ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ପାନବରଜ ଉଚ୍ଛେଦ ବେଳେ ପୋଲିସ ଓ ଗାଁର ବହୁ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଏବେବି ଚାପା ଉତ୍ତେଜନା ଲାଗି ରହିଛି। ଶନିବାର ପୋଲିସ ଗାଁ ମୁଣ୍ଡରେ ଜଗିରହିବା ସହ ଭିତରେ ପଇଁତରା ମାରୁଛି। ପୋଲିସ ଭୟରେ ଗାଁ ଦାଣ୍ଡ ଶୂନ୍ୟ ହୋଇଯାଇଛି। ଗଣ୍ଡଗୋଳରେ ସମ୍ପୃକ୍ତ ୬ଜଣଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ଦେଇଛି। ସେମାନେ ହେଲେ ବିରୋଧୀ ଆନ୍ଦୋଳନର ନେତା ଦେବେନ୍ଦ୍ର ସ୍ୱାଇଁ, ଢିଙ୍କିଆ ଗ୍ରାମ କମିଟି ସଭାପତି ମୁରଲିଧର ସାହୁ, ନିମାଇଁ ମଲ୍ଲିକ, ନଙ୍ଗୁଳି କାଣ୍ଡି. ତୀର୍ଥ ମଳିକ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ନରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ ଯୁବକମାନେ ଢିଙ୍କିଆର ୩ ପ୍ରବେଶ ପଥରେ ଜଗିରହି ବିଭିନ୍ନ ଗଣସଂଗଠନର ନେତାମାନଙ୍କୁ ଗାଁ ଭିତରକୁ ଛାଡୁନାହାନ୍ତି। ଗଣସଂଗଠନର ନେତା ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଯାଇଥିବା ନେତାମାନଙ୍କୁ ଢିଙ୍କିଆ ପ୍ରବେଶ ପଥରୁ ଫେରାଇ ଦିଆଯାଇଥିଲା। ଅପରାହ୍ଣରେ କେବଳ ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତରାଇଙ୍କ ନେତୃତ୍ୱରେ ଆସିଥିବା ତଥ୍ୟ ଅନୁସନ୍ଧାନକାରୀ ଟିମ୍‌କୁ ସେମାନେ ଭିତରକୁ ଛାଡ଼ିଥିଲେ। ଉକ୍ତ ଟିମ୍ ଢିଙ୍କିଆରେ ପହଞ୍ଚି ପୋଲିସର ବର୍ବରତା ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି। ଏ ସମ୍ପର୍କରେ ତରାଇ କହିଛନ୍ତି, ଭିଟାମାଟିର ସୁରକ୍ଷା ପାଇଁ ଜନସାଧାରଣ ଆନ୍ଦୋଳନ କରୁଛନ୍ତି। ମାତ୍ର ପୋଲିସ ସେମାନଙ୍କୁ ମାଡ଼ ମାରି ଯେଉଁଭଳି ଅତ୍ୟାଚାର କରୁଛି ତାହା ନିନ୍ଦନୀୟ। ତେଣୁ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକି ଏହାର ସମାଧାନ କରିବା ଉଚିତ। ପାନବରଜ ହରାଇଲା ପରେ ଜନସାଧାରଣ କିଭଳି ବିକଳ୍ପ ରୋଜଗାର ପାଇବେ ସେନେଇ ଜିଲା ପ୍ରଶାସନ ଏକ ସ୍ୱଷ୍ଟ ନୀତି ନିର୍ଦ୍ଧାରଣ କରିବାକୁ ତରାଇ ଦାବି କରିଛନ୍ତି। ଏ ସମ୍ପର୍କରେ ଢିଙ୍କିଆର ଯୁଧିଷ୍ଠିର ଜେନା କହିଛନ୍ତି, ପାନବରଜ ଛାଡ଼ିବୁ ନାହିଁ ଆବଶ୍ୟକ ପଡ଼ିଲେ ଭିଟାମାଟିର ସୁରକ୍ଷା ପାଇଁ ଜୀବନ ଦେବୁ। ପାନବରଜର ବିକଳ୍ପ ରୋଜଗାର କ'ଣ ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝାଯାଉ ବୋଲି ଗ୍ରାମର ଶିଶିର ସ୍ୱାଇଁ କହିଛନ୍ତି। ପୋଲିସ ଛାଉଣି ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି, ଏବେ ପରିସ୍ଥିତି ଶାନ୍ତ ରହିଛି। ତେବେ ଶୁକ୍ରବାର ଯେଉଁ ପରିସ୍ଥିତି ସୃଷ୍ଟି ହେଲା, ଭବିଷ୍ୟତରେ ଏଭଳି ଘଟଣା ଘଟିବାକୁ ଦିଆଯିବ ନାହିଁ।


ଢିଙ୍କିଆରେ ପୋଲିସ ଭୟରେ ଗାଁ ଦାଣ୍ଡ ଜନଶୂନ୍ୟ।

# ଗିନିଜ ୱାର୍ଲ୍ଡ ରେକର୍ଡ ଅଭିଯାନରେ କମଳାକାନ୍ତ

## ୨୪ ଘଣ୍ଟାରେ ୨୦୦ କି.ମି. ଅତିକ୍ରମ ଲକ୍ଷ୍ୟ

ଭୁବନେଶ୍ୱର,୧୫।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଦିବ୍ୟାଙ୍ଗ ହ୍ୱିଲଚେୟାର ମାରାଥନର କମଳାକାନ୍ତ ନାୟକ ଶନିବାର ଗିନିଜ ୱାର୍ଲ୍ଡ ରେକର୍ଡ ଅଭିଯାନ ଆରମ୍ଭ କରିଛନ୍ତି। ମାନୁଆଲ ହ୍ୱିଲଚେୟାରରେ ସେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଦୂରତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୁରୀ ଜିଲା ବ୍ରହ୍ମଗିରିର ୨୮ ବର୍ଷୀୟ କମଳାକାନ୍ତ ଅପରାହ୍ଣ ୩ଟାରେ ମାଷ୍ଟରକ୍ୟାଣ୍ଟିନ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ (ଯିବା ଆସିବା ଭିତ୍ତିରେ) ସାଇକେଲ ଟ୍ରାକ୍ ପଏଣ୍ଟରେ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ଏହି ଅଭିଯାନ ରବିବାର ଅପରାହ୍ଣରେ ଶେଷ ହେବ। ଓଡ଼ିଶା ହ୍ୱିଲଚେୟାର ବାସ୍କେଟବଲ ଆସୋସିଏଶନ ଓ ତାଙ୍କ ଟିମ୍ ବେଟରଲାଇଫ୍ ଫାଉଣ୍ଡେଶନ କମଳାକାନ୍ତଙ୍କ ଏହି ପ୍ରୟାସ ଦ୍ୱାରା ଦିବ୍ୟାଙ୍ଗ ସମାଜକୁ 'ଲାଇଫ୍ ଇଜ୍ ପସିବୁଲ' ବାର୍ତ୍ତା ଦେଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ସ୍ୱତଃପ୍ରବୃତ୍ତ ଭାବେ ଏହି ଅଭିନବ ପ୍ରୟାସ ପାଇଁ କମଳାକାନ୍ତଙ୍କୁ ସାହାଯ୍ୟର ହାତ ବଢାଇଛି। କମଳାକାନ୍ତଙ୍କ ଯାତ୍ରା ଆରମ୍ଭ ପୂର୍ବରୁ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଅଭିନେତା ସାବ୍ୟସାଚୀ ମିଶ୍ର, ରାଜ୍ୟ ପ୍ଲାନିଂ ବୋର୍ଡ ଡେପୁଟି ଚେୟାରମ୍ୟାନ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ କମଳାକାନ୍ତଙ୍କୁ ଉତ୍ସାହିତ କରିଥିଲେ।


ରେକର୍ଡ ଲାଗି ଅଭିଯାନ ଚଳାଇଛନ୍ତି କମଳାକାନ୍ତ ନାୟକ।

# ବନବିଭାଗ ଚଢ଼ାଉ, ଫର୍ନିଚର ଜବତ୍

ବଲାଙ୍ଗୀର ଅଫିସ, ୧୫।୧

ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ହର୍ଡାଟାଲ ସେକ୍ସନର ବାରପୁଡୁଗିଆ ଗାଁରେ ଚଢ଼ାଉ କରି ବନବିଭାଗ ଟିମ୍ ୩୦ ସିଏଫ୍‌ଟି ଶାଗୁଆନ ଏବଂ ଶାଳ କାଠର ଫର୍ନିଚର ଜବତ୍ କରିଛି। ବନବିଭାଗ ଟିମ୍ ଚଢ଼ାଉ କଲାବେଳେ ଗାଁର କେତେକ ଲୋକେ ବନବିଭାଗ ଟିମ୍ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ଘର ମାଲିକ କୁଆଡେ ଫେରାର ହୋଇଯାଇଥିବା ଜଣାପଡିଛି। ଜବତ ଫର୍ନିଚରର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଫେରାର ଘର ମାଲିକଙ୍କ ନାଁରେ ମାମଲା ରୁଜୁ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ସତ୍ୟସାଇ କ୍ରିକେଟ: ଭାଲୁଦ୍ରହ ଚାମ୍ପିୟନ

ଦେଓଗାଁ,୧୫।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଲ୍ଲିଶ୍ରୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପିପଲଡାବର ଓ ଭାଲୁଦ୍ରହ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଲୁଦ୍ରହ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଭାଲୁଦ୍ରହ ଦଳର ମାନସ ମହାନନ୍ଦଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସଂକୀର୍ତ୍ତନ ବାଗ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

# ସେନା କ୍ୟାମ୍ପ୍‌ରେ ନିଆଁ ଲାଗି ଓଡ଼ିଆ ଯବାନ ମୃତ

**ପାରଳାଖେମୁଣ୍ଡି,୧୫।୧(ଡି.ଏନ୍.ଏ.):** ବିହାରର ବୀରପୁର ସେନା କ୍ୟାମ୍ପ୍‌ରେ ଶୁକ୍ରବାର ନିଆଁ ଲାଗି ଜଣେ ଓଡ଼ିଆ ଯବାନଙ୍କ ମୃତ୍ୟୁ ଘଟିଛି।



ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡିର ରାୟଗଡ଼ ବ୍ଲକ କୁରୁଗୁବା ଗାଁର ପର୍ଶୁରାମ ଶବର (୨୪)। ପର୍ଶୁରାମ ସୀମା ସଶସ୍ତ୍ର ବଳ ବା ଏସ୍ଏସ୍‌ବିରେ ଯବାନ ଭାବେ ଯୋଗ ଦେଇ ବିହାରର ବୀରପୁରଠାରେ ଟ୍ରେନିଂ ନେଉଥିଲେ। ଶର୍ଟ ସର୍କିଟରୁ ସେଠାରେ ଥିବା ସେନା କ୍ୟାମ୍ପ୍‌ରେ ନିଆଁ ଲାଗି ଯାଇଥିଲା। ଏଥିରେ ସମୁଦାୟ ୩ଜଣ ଯବାନଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ପର୍ଶୁରାମ ଥିବା ଶନିବାର ଜିଲା ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଏ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

# ସସ୍ କାରଖାନାରେ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ

## ପରୀକ୍ଷା ଲାଗି ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ

ଧର୍ମଶାଳା,୧୫।୧(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ଜାରକା ଛକ ନିକଟରେ ଥିବା ଏକ ସସ୍ କାରଖାନାରେ ଯାଜପୁର ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଧର୍ମଶାଳା ପୋଲିସ ମିଳିତଭାବେ ଶନିବାର ପୂର୍ବାହ୍ଣରେ ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ କାରଖାନା ମାଲିକ ଦୀପକ ଜେନା ପୋଲିସ ଟିମ୍‌କୁ ଆବଶ୍ୟକ କାଗଜପତ୍ର ଦେଖାଇଥିଲେ। ତେବେ ଏଠାରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ପ୍ରଣାଳୀ, ନଷ୍ଟ ସାମଗ୍ରୀଗୁଡ଼ିକ କାରଖାନା ପରିସରରେ ମହଜୁଦ ରହିଥିବା ଦେଖି ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲା। ପୂର୍ବରୁ ଦୁଇ ଥର ଖାଦ୍ୟ ନିରୀକ୍ଷଣ ବିଭାଗ ଏଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀର ସାମ୍ପଲ ପରୀକ୍ଷା କରି ଏହା ଠିକ୍ ବୋଲି ସଂକେତ ଦେଇଥିଲା। ତେବେ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ଜିଲା ଖାଦ୍ୟ ନିରୀକ୍ଷଣ ବିଭାଗକୁ ପୁନଃ ଖାଦ୍ୟର ମାନ ଯାଞ୍ଚ କରିବାକୁ କହିଥିଲା। ତଦନୁଯାୟୀ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ସମ୍ପୃକ୍ତ ସଂସ୍ଥା ସମସ୍ତ ନିୟମାବଳୀକୁ ଅନୁପାଳନ କରି ଏହି ବ୍ୟବସାୟ ଚଳାଉଥିବା ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ତ୍ରିପାଠୀ କହିଥିଲେ। ତେବେ ଅଭିଯୋଗ ଆସିଥିବାରୁ ପୁନଃ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରିବାକୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଦୀର୍ଘ ଦିନ ହେଲା ଏଠାରେ ଟମାଟୋ, ଚିଲି ସସ ସହ ଖଟା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଆଗ୍ରୋ ଫ୍ରେଶ ଅର୍ଗାନିକ ଫୁଡ୍ ନାମକ ଏକ ସଂସ୍ଥା ଏହି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବଜାରକୁ ଛାଡୁଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ